


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-256 ♦SUNDAY ♦15 MARCH 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୫୬ ♦ରବିବାର ♦୧୫ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


## ରାଜ୍ୟସଭା ରାଜନୀତି ଉଷ୍ମ

# ଆଶା-ଆଶଙ୍କାରେ ତିନି ଦଳ

### ଶାସକ ଦଳକୁ ବିରୋଧୀ ବିଜେଡି ସଦସ୍ୟଙ୍କ ଶାଣିତ ନିଶାଣ

### ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋଙ୍କ ପତ୍ତା ପାଉନି କଂଗ୍ରେସ

### ଦଳୀୟ ଶୃଙ୍ଖଳା ଭଙ୍ଗକଲେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ

■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭାର ୩୭ ଟି ଆସନ ପାଇଁ ୧୦ ଟି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଏହି ୧୦ ଟି ରାଜ୍ୟ ମଧ୍ୟରୁ ଅଧିକାଂଶ ରାଜ୍ୟରେ ଭୋଟ୍ ଗ୍ରହଣର ଆବଶ୍ୟକତା ନ ଥିବା ବେଳେ ଓଡ଼ିଶା, ବିହାର ଓ ହରିୟାଣାରେ ଭୋଟିଂ ପାଇଁ ସ୍ଥିର ହୋଇଛି। ଏହି ୩ଟି ରାଜ୍ୟରେ ଆସନ ସଂଖ୍ୟା ତୁଳନାରେ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ୧୬ ତାରିଖରେ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ତେବେ ଭୋଟ୍ ଗ୍ରହଣ ହେବାକୁ ଥିବା ୩ ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ବର୍ତ୍ତମାନ ସବୁଠୁ ଚର୍ଚ୍ଚିତ ରହିଛି। କାରଣ ଓଡ଼ିଶାର ୪ଟି ଆସନ ମଧ୍ୟରୁ ଦୁଇଟି ବିଜେପି ଓ ଗୋଟିଏ ଆସନ ବିଜେଡିକୁ ସହଜ ବିଜୟ ମିଳୁଥିଲେ ମଧ୍ୟ ଚତୁର୍ଥ ଆସନ ପାଇଁ ରୋଚକ ଲଢ଼େଇ ଜାରି ରହିଛି। ଚତୁର୍ଥ ଆସନ ପାଇଁ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥନରେ ଡାକ୍ତର ଦତ୍ତେଶ୍ୱର ହୋତା ମିଳିତ ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ବିଜେପି ସମର୍ଥନ ଦେଇଛି। ଓଡ଼ିଶାରେ ଗୋଟିଏ ଆସନ ଜିତିବା ପାଇଁ ୩୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକତା ପଡୁଥିବା ବେଳେ ସଂଖ୍ୟା ଦୃଷ୍ଟିରୁ ଚତୁର୍ଥ ଆସନ ମିଳିତ ପ୍ରାର୍ଥୀଙ୍କ ସପକ୍ଷରେ ରହୁଛି। ଏହା ସତ୍ତ୍ୱେ ବିଜେପି ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ରାଜ୍ୟସଭା ରାଜନୀତି ରୋଚକ ସ୍ଥିତିରେ ଥିବାବେଳେ ଚତୁର୍ଥ ଆସନରେ ପ୍ରାର୍ଥୀଙ୍କ ବିଜୟ ନେଇ ଶାସକ ବିଜେପି, ବିରୋଧୀ ବିଜେଡି ଏବଂ କଂଗ୍ରେସର ନେତୃବୃନ୍ଦ ଆଶା-ଆଶଙ୍କାରେ ରହିଛନ୍ତି। ଅନ୍ୟପଟେ ଘୋଡ଼ା ବେପାରକୁ ଲକ୍ଷ୍ୟ କରି ▶ପୃଷ୍ଠା-୭

## ବିଜେପି କରୁଛି ଘୋଡ଼ା ବେପାର: ନବୀନ



■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଆଉ ଦିନକ ପରେ ଭୋଟ୍ ଗ୍ରହଣ ହେବ। ଏହା ପୂର୍ବରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀଙ୍କ ବିଜୟ ପାଇଁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଏହି ସମୟରେ ରାଜ୍ୟରେ ଘୋଡ଼ା ବେପାରକୁ ନେଇ ଜୋରଦାର ଚର୍ଚ୍ଚା ଭିତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଶାସକ ବିଜେପିକୁ ନିଶାଣ କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ଘୋଡ଼ା ବେପାର କରୁଛି। ବିଜେପିର ୩ ଜଣ ପ୍ରାର୍ଥୀ ଘୋଡ଼ା ବେପାର ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଜିତିବା ପାଇଁ ଏହା କରିବା ଏକ ▶ପୃଷ୍ଠା-୭

### ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ଅପରାଧ ସଦୃଶ

## ଶାସକ ଦଳକୁ ବି କ୍ରସ୍ ଭୋଟିଂ ଭୟ



### ୩ଟି ବସ୍‌ରେ ପାରାଦୀପ ଗଲେ ବିଜେପି ବିଧାୟକ

■ ଭୁବନେଶ୍ୱର, ୧୪।୩ (ସମିସ): ଚଳିତ ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନକୁ ନେଇ ଘୋଡ଼ା ବେପାର ପଲିଟିକ୍ସ ଜାରି ରହିଛି। ସଂଖ୍ୟା ଗଣିତକୁ ନେଇ ଏହି ଆସନ ପାଇଁ କ୍ରସ୍ ଭୋଟିଂ ହେବାର ଆଶଙ୍କା ବଢ଼ିଛି। ଶାସକ ବିଜେପି ମଧ୍ୟ ଏହି ଭୟରୁ ବାଦ୍ ପଡ଼ିନାହିଁ। ସ୍ୱାଧୀନ ପ୍ରାର୍ଥୀଙ୍କୁ ଚତୁର୍ଥ ଆସନରେ ଜିତାଇବା ପାଇଁ ପଣ କରିଥିବା ବିଜେପି ଦଳୀୟ ବିଧାୟକଙ୍କ ଦ୍ୱାରା କ୍ରସ୍ ଭୋଟିଂ ଆଶଙ୍କା କରି ନିର୍ବାଚନ ପୂର୍ବରୁ ସମସ୍ତ ▶ପୃଷ୍ଠା-୭

## ମଧ୍ୟପ୍ରାଚ୍ୟରେ ଅସ୍ଥିରତା: ସଙ୍କଟରେ ଜୀବନଜୀବିକା

# ଚାକିରି ଛାଡ଼ି ସ୍ୱଦେଶ ଫେରୁଛନ୍ତି ଭାରତୀୟ



### ବର୍ଷକୁ ପ୍ରାୟ ୫୧ ବିଲିୟନ ଡଲାର ଅର୍ଥ ପଠାଉଛନ୍ତି

### କାରବାର କରିପାରୁନାହାନ୍ତି ଭାରତୀୟ ବ୍ୟବସାୟୀ

### ଯୁଦ୍ଧରେ ୫ ଭାରତୀୟ ନାଗରିକଙ୍କ ମୃତ୍ୟୁ, ୪ ନିଖୋଜ

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ସମଗ୍ର ବିଶ୍ୱ ଏବେ ଶକ୍ତି ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଛି। ଇସ୍ରାଏଲ ଏବଂ ଆମେରିକାର ଇରାନ ଉପରେ ସମ୍ମିଳିତ ଆକ୍ରମଣ ପରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଆକ୍ରମଣକୁ ନେଇ ଇରାନ ରକ୍ତମୁଖା ହୋଇ ପ୍ରମୁଖ ଶକ୍ତି ଯୋଗାଣ ମାର୍ଗ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଯାହା ଫଳରେ ବୈଶ୍ୱିକ ସ୍ତରରେ ଶକ୍ତି ସଙ୍କଟ ଘନେଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୧୫ଦିନ ବିତିଥିବା ବେଳେ ଉପସାଗରୀୟ ଦେଶରେ ଥିବା ଆମେରିକା ନୌସେନା ଘାଟୀକୁ ନିଶାଣ କରି ଇରାନ ଜୋରଦାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଚାଲିଛି। ଏହି ଯୁଦ୍ଧର ବିଭୀଷିକା ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଘାତକ ହୋଇଛି। ମଧ୍ୟପ୍ରାଚ୍ୟରେ ଜାରି ଏହି ସଂଘର୍ଷ ଲାଗି ବିଦେଶରେ ରହୁଥିବା ଭାରତୀୟ ନାଗରିକ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏହା ଭାରତର ଅର୍ଥ ବ୍ୟବସ୍ଥାକୁ ମୋଡ଼ି ମକଚି ଦେଇଛି।

ସୂଚନା ଅନୁଯାୟୀ, ଉପସାଗରୀୟ ଦେଶରେ ପ୍ରାୟ ୯୭ ଲକ୍ଷ ଭାରତୀୟ ରହୁଛନ୍ତି। ଭାରତୀୟ ଅର୍ଥନୀତି ପାଇଁ ଏମାନଙ୍କ ଯୋଗଦାନ ଅତୁଳନୀୟ ରହିଛି। ଏହି ଅଞ୍ଚଳରେ ଥିବା ଭାରତୀୟ ନାଗରିକ ପ୍ରତିବର୍ଷ ଦେଶକୁ ୫୦ରୁ ୫୧ ବିଲିୟନ ଡଲାର ଅର୍ଥ ପଠାଇ ଥାଆନ୍ତି। ସାରା ବିଶ୍ୱର ଭାରତୀୟମାନେ ପଠାଉଥିବା ଅର୍ଥ (ରେମିଟାନ୍ସ)ର ଏହା ୩୮ ପ୍ରତିଶତ ହୋଇଥିବା ବେଳେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହାର ଯୋଗାଦନ ୩.୫ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ମୋଟ ୧୧୮.୭ ବିଲିୟନ ଡଲାର ଅର୍ଥ ଆସିଥିଲା। ଏଥିରେ ଆମେରିକାରେ ▶ପୃଷ୍ଠା-୭

**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ**

# ଉତ୍କଟ ହେଉଛି ଗ୍ୟାସ୍ ସଙ୍କଟ

### ୟୁପି-ପଞ୍ଜାବରେ ସିଲିଣ୍ଡର ପାଇଁ ଲାଇନ ଦେଇ ୨ ମୃତ

### ୫ ଦିନ ପରେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ଆରମ୍ଭ

### ପିଏନଜି ଗ୍ରାହକଙ୍କୁ ଦିଆଯିବନି ଏଲପିଜି

### ସ୍ଥିତି ସଙ୍କଟଜନକ; ଗ୍ୟାସ ସମ୍ପୂର୍ଣ୍ଣ ସରିଯାଇନି: କେନ୍ଦ୍ର

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପାଇଁ ଭାରତରେ ଏଲ୍‌ପିଜି ସଙ୍କଟ ବୃଦ୍ଧି ପାଇଛି। ଅନେକ ସ୍ଥାନରେ ରୋଷେଇ ଗ୍ୟାସ ମିଳୁନାହିଁ। ଏଥିପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ସବୁ ରାଜ୍ୟରେ ସିଲିଣ୍ଡର ପାଇଁ ଲମ୍ବା ଧାଡ଼ି ଲାଗି ରହିଛି। ଲୋକେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ବି ଗ୍ୟାସ ପାଉନାହାନ୍ତି। ଏହାକୁ ନେଇ ଗଣ୍ଡଗୋଳ ହେଉଥିବାରୁ ମଧ୍ୟପ୍ରଦେଶରେ ପୁଲିସ ମୁତୟନ କରିବାକୁ ପଡ଼ିଛି। ଉତ୍ତର ପ୍ରଦେଶେ ସିଦ୍ଧାର୍ଥ ନଗରରେ ଲୋକେ ରାତିରୁ ଏଜେନ୍ସି ଆଗରେ ଛିଡ଼ା ହେଉଛନ୍ତି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳର ସ୍ଥିତି ବଳି ଯାଇଛି। ହଠାତ ଗ୍ୟାସ ସରି ଯାଇଥିବା ଲୋକେ କ'ଣ କରିବେ ବାଟ ପାଉ ନାହାନ୍ତି। ଗ୍ୟାସ ଆସୁ ନ ଥିବା କହି ଏଜେନ୍ସି ଦୋଷ ଛଡ଼େଇ ଦେଉଛନ୍ତି। ମାତ୍ର ସଙ୍କଟର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ କଳା ବଜାରୀ ଆରମ୍ଭ କରିଦେଇଛନ୍ତି। ଯେଉଁ ଗ୍ୟାସ ୧୦୦୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ତାହା ୧୮୦୦ ଟଙ୍କା ପାର କରିଯାଇଛି। ଅଧିକ ଟଙ୍କା ହେଲେ ବି ସଙ୍କଟ ପାଇଁ ଲୋକେ ଅର୍ଥ ଦେବାକୁ ପଛାଉ ନାହାନ୍ତି। ମାତ୍ର ଟଙ୍କା ଦେଲେ ବି ଗ୍ୟାସ ମିଳୁନାହିଁ। ସରକାର ମଧ୍ୟ ସଙ୍କଟ ଥିବା ମଙ୍ଗିଛନ୍ତି, ମାତ୍ର ଗ୍ୟାସ ସମ୍ପୂର୍ଣ୍ଣ ଶେଷ ହୋଇଯାଇନାହିଁ ▶ପୃଷ୍ଠା-୭

## ୪୧% ବଢ଼ିଲାଣି ଅଶୋଧିତ ତୈଳ ଦର

### ୧୫୦ ଡଲାର୍ ଛୁଇଁବା ଆଶଙ୍କା

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ଏହା ହୁ ହୁ ହୋଇ ବଢ଼ିବାର ଲାଗିଛି। ଯୁଦ୍ଧର ମାତ୍ର ୧୫ ଦିନ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ୪୧ ପ୍ରତିଶତ ବୃଦ୍ଧି ପାଇଲାଣି। କାରଣ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଯାଇଛି। ହର୍ମୁଜ ଷ୍ଟ୍ରେଟକୁ ବନ୍ଦ କରି ଇରାନ ଶକ୍ତି ସୁରକ୍ଷାକୁ ଅସୁରକ୍ଷା ମଧ୍ୟକୁ ଠେଲି ଦେଇଛି। ଏହାରି ପ୍ରଭାବରେ ବିଶ୍ୱ ଶକ୍ତି ବଜାର, ବିଶେଷ କରି ଏସିଆ ଦେଶ ଉପରେ ଚାପ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, ଫେବୃଆରୀ ୨୭ରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ▶ପୃଷ୍ଠା-୭






### ଅଟକ ଆଦେଶ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର

## ୬ ମାସ ପରେ ଜେଲ୍‌ରୁ ମୁକୁଳିଲେ ସୋନମ୍ ୱାଙ୍ଗଚୁକ୍



■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ବିଶିଷ୍ଟ ପରିବେଶବିତ୍ ତଥା ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଆଜି ଜେଲରୁ ମୁକୁଳିଛନ୍ତି। ୱାଙ୍ଗଚୁକ୍‌ଙ୍କୁ ଯେଉଁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅଧୀନରେ ବନ୍ଦୀ ଥିଲେ, ସେ ସଂକ୍ରାନ୍ତ ଆଦେଶକୁ କେନ୍ଦ୍ର ସରକାର ଶନିବାର ପ୍ରତ୍ୟାହାର କରିନେବା ପରେ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲ୍‌ରୁ ମୁକ୍ତ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ ଲଦାଖର ଶାନ୍ତି, ସ୍ଥିରତା ଓ ପାରସ୍ପରିକ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଓ ସ୍ଥାନୀୟ ▶ପୃଷ୍ଠା-୭




ସକାଳ
www.sakalaepaper.com









**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକାର ସଜବାଜ

## ପଶ୍ଚିମ ଏସିଆ ଅଭିମୁଖେ ଯାତ୍ରା କଲା ୟୁଏସ୍ଏସ୍ ତ୍ରିପୋଲି ଷ୍ଟ୍ରାଇକ୍ ଗ୍ରୁପ୍

ୱାଶିଂଟନ/ ତେହରାନ, ୧୪।୩(ଏଜେନ୍ସି): ଇରାନ ସହ ଚାଲିଥିବା ଭୟାଭୟ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀରେ ବଢୁଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଆମେରିକା ଏକ ବଡ଼ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ହର୍ମୁଜରେ ତେଲ ଟ୍ୟାଙ୍କରକୁ ସୁରକ୍ଷା ଦେବା ସହିତ ଇରାନରେ ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକା 'ୟୁଏସ୍ଏସ୍ ତ୍ରିପୋଲି' ପଠାଇଛି। ଏହା ଆମେରିକା ନୌସେନାର ଆମ୍ଫିବିୟସ ରେଡ଼ି ଗ୍ରୁପ୍ (ଏଆରଜି)ର ନେତୃତ୍ୱ ନେବ। ଏଥସହିତ ୨୫୦୦ ମେରାଇନ ସୈନ୍ୟ ମଧ୍ୟ ଯାତ୍ରା କରିଛନ୍ତି। 'ୟୁଏସ୍ଏସ୍ ତ୍ରିପୋଲି' ହେଉଛି ଆମେରିକାର ଅନ୍ୟତମ ବୃହତ୍ତମ ଆମ୍ଫିବିୟସ ଆସଲ୍ଟ ଜାହାଜ ବା ଯୁଦ୍ଧ ଜାହାଜ। ଏହା ଏକ ବିମାନବାହୀ ଜାହାଜ ସହ ପ୍ରାୟ ସମାନ। ଏଥିରେ ଅନେକ ହେଲିକପ୍ଟର, ଏମ୍ଭି-୨୨ ଓସପ୍ରେ ଓ ଏଫ-୩୫ବି ଫାଇଟର ଜେଟ୍ ରହିପାରିବ। ଏହି ଷ୍ଟ୍ରାଇକ୍ ଗ୍ରୁପ୍‌ରେ 'ୟୁଏସ୍ଏସ୍ ରୋବାର୍ଟ ସ୍ମଲ୍ସ' (ଗାଇଡେଡ୍ ମିସାଇଲ କ୍ରୁଜର) ଓ ୟୁଏସଏସ୍ ରାଫାଏଲ ପେରାଲ୍ଟା (ଡେଷ୍ଟ୍ରୟର) ସାମିଲ ଅଛି। ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକାର ପ୍ରାୟ ୫୦୦୦୦ରୁ ଅଧିକ ସୈନ୍ୟ ମୁତୟନ ଅଛନ୍ତି। 'ୟୁଏସ୍ଏସ୍ ତ୍ରିପୋଲି' ଆଗାମୀ ଏକର ଦୁଇ ସପ୍ତାହ ମଧ୍ୟରେ ସେଣ୍ଟ୍ରାଲ କମାଣ୍ଡ ଅଞ୍ଚଳରେ ପହଞ୍ଚିବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ଆଜି ଆମେରିକା ଘାଟି ଓ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନର ଇସ୍ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି) ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନ ଆବୁଧାବିର ଅଲ ଧଫ୍ରା ବେସ୍ ଓ ବାହାରିନ୍‌ର ଶେଖ ଇସା ବେସ୍ ଉପରେ କ୍ରମାଗତ ଭାବେ କ୍ଷେପଣାସ୍ତ୍ର ଆକ୍ରମଣ କରିଚାଲିଛି। ଇରାନ ଦାବି କରିଛି ଯେ ଏହି ଆକ୍ରମଣରେ ଆମେରିକାର ପାଟ୍ରିଅଟ ରାଡାର ସିଷ୍ଟମ, ବିମାନ ଓ ଇନ୍ଧନ ଭଣ୍ଡାରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଆମେରିକା ତରଫରୁ ଏହି ଘଟଣା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଆମେରିକୀୟ ବାୟୁସେନା ଇରାନର ଖାର୍ଗ ଦ୍ୱୀପରେ ଏକ ଶକ୍ତିଶାଳୀ ବୋମା ବର୍ଷଣ କରିଛି। ଖାର୍ଗ ଦୀପ ହେଉଛି ଇରାନ ଅର୍ଥନୀତିର 'କ୍ରାଉନ ଜୁଏଲ' ବା ମୁଖ୍ୟ ତୈଳ ରପ୍ତାନୀ କେନ୍ଦ୍ର। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ଦ୍ୱୀପରେ ଥିବା ସମସ୍ତ ସାମରିକ ଲକ୍ଷ୍ୟସ୍ଥଳକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରାଯାଇଛି। ଏହାକୁ ମଧ୍ୟପ୍ରାଚ୍ୟ ଇତିହାସର ଅନ୍ୟତମ ଶକ୍ତିଶାଳୀ ବୋମା ବର୍ଷଣ ବୋଲି ବର୍ଣ୍ଣନା କରାଯାଇଛି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ମାନବିକତା ଦୃଷ୍ଟିକୋଣରୁ ଏପର୍ଯ୍ୟନ୍ତ ଦୀପର ତୈଳ ଭିତ୍ତିଭୂମିକୁ ଧ୍ୱଂସ କରନାହାନ୍ତି। ତେବେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ ବାଧା ସୃଷ୍ଟି କଲେ, ଏହି ନିଷ୍ପତ୍ତିକୁ ପୁନର୍ବିଚାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୁଣି ତୈଳ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷିତ ଭାବେ ନେବା ପାଇଁ ଆମେରିକା ନୌସେନା ଶୀଘ୍ର ପ୍ରହରା ଆରମ୍ଭ କରିବ ବୋଲି ଟ୍ରମ୍ପ କହିଛନ୍ତି। ତୈଳ ଟ୍ୟାଙ୍କରଗୁଡ଼ିକୁ ସହାୟତା ଦେବାପାଇଁ ଚୀନ ଓ ବ୍ରିଟେନ ଆଗେଇ ଆସିବାକୁ ସେ କହିଛନ୍ତି।

- **ଆବୁଧାବି, ବାହାରିନ୍‌ରେ ଥିବା ଆମେରିକା ଘାଟି ଉପରେ ଇରାନର ଆକ୍ରମଣ**
- **ଇରାନର ତୈଳ କେନ୍ଦ୍ର 'ଖାର୍ଗ ଦ୍ୱୀପ'କୁ ଧ୍ୱସ୍ତ କଲା ଆମେରିକା**
- **ଇରାନର ମହାକାଶ ଗବେଷଣା କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣ**

ଖାର୍ଗ ଦୀପ ଆକ୍ରମଣ ପରେ ଇରାନ ମଧ୍ୟ ଚେତାବନୀ ଦେଇଛି ଯେ ଯଦି ତାଙ୍କ ତୈଳ ଭିତ୍ତିଭୂମୀ ଉପରେ ଆକ୍ରମଣ ହୁଏ, ତେବେ ସେମାନେ ଆମେରିକା ସହ ସହଯୋଗ କରୁଥିବା ଅଞ୍ଚଳର ଅନ୍ୟ ତୈଳ ଓ ଶକ୍ତି ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିବ। ଏହି ସଂଘର୍ଷ ପରେ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦର ବୃଦ୍ଧି ପାଇଛି ଓ ଅନ୍ତର୍ଜାତୀୟ ବଜାରରେ ବାରେଲ ପିଛା ୧୦୦ ଡଲାରରୁ ଉପରେ ରହିଛି। ଉଲ୍ଲେଖଥାଉକି, ଖାର୍ଗ ଦ୍ୱୀପ ଇରାନ ପ୍ରାୟ ୯୦ ପ୍ରତିଶତ ଆଶୋଧିତ ତୈଳ ରପ୍ତାନୀ କରିଥାଏ।

ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭୟାଭୟ ରୂପ ଧାରଣ କରିଛି।

ଇତିମଧ୍ୟରେ ଇସ୍ରାଏଲର ପ୍ରତିରକ୍ଷା ବାହିନୀ ଆଜି ଇରାନର ମହାକାଶ ଗବେଷଣା କେନ୍ଦ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ପ୍ରସ୍ତୁତ କରୁଥିବା କାରଖାନାକୁ ଟାର୍ଗେଟ କରିଛି। ସେପଟେ ଇରାନ ୟୁଏଇର ବନ୍ଦରଗୁଡ଼ିକ ଉପରେ ଆକ୍ରମଣ କରିଛି। ଫୁଜେରା ବନ୍ଦରରେ ଥିବା ତୈଳ ଭଣ୍ଡାରରେ ଅଗ୍ନିକାଣ୍ଡ ଘଟିଛି। ଇରାନର ଡ୍ରୋନ୍‌କୁ ୟୁଏଇର ପ୍ରତିରକ୍ଷା ବ୍ୟବସ୍ଥା ପ୍ରତିହତ କରିଥିଲା। କିନ୍ତୁ ଉକ୍ତ ଡ୍ରୋନର ଭଗ୍ନାବଶେଷ ତୈଳ ଗଚ୍ଛିତ ସ୍ଥାନରେ ପଡ଼ିବାରୁ ନିଆଁ ଲାଗିଛି। ଅଗ୍ନିକାଣ୍ଡ ଯୋଗୁଁ ବନ୍ଦରରେ ଚାଲିଥିବା ତୈଳ ଲୋଡିଂ କାର୍ଯ୍ୟକୁ ବନ୍ଦ କରାଯାଇଛି। ଆମେରିକା ପକ୍ଷରୁ ଖାର୍ଗ ଦ୍ୱୀପରେ ଥିବା ସାମରିକ ଅନୁଷ୍ଠାନ ଉପରେ ଆକ୍ରମଣ କରାଯିବାର କିଛି ଘଣ୍ଟା ପରେ ଇରାନ ଏହି ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅନୁମାନ କରାଯାଇଉଛି। ଏହାସହିତ ଇରାନ ଧମକ ଦେଇଛି ଯେ ଏହାର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ ହେଲେ ଆମେରିକାକୁ ସମର୍ଥନ କରୁଥିବା ଉପସାଗରୀୟଦେଶରତୈଳ ଭଣ୍ଡାରକୁ ଟା।ର୍ଗେଟ କରାଯିବ।

## ଉପସାଗରୀୟ ଅଞ୍ଚଳରେ ଆକ୍ରମଣ ନ କରିବାକୁ ଇରାନକୁ ହମାସର ନିବେଦନ

ତେହରାନ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆତଙ୍କବାଦୀ ସଂଗଠନ ହମାସ ଏବେ ଇରାନକୁ ଏକ ବିରଳ ଅପିଲ କରିଛି। ଯୁଦ୍ଧରେ ମଧ୍ୟପ୍ରାଚ୍ୟ ତଥା ପଡୋଶୀ ଦେଶଗୁଡ଼ିକୁ ଆକ୍ରମଣ ନ କରିବାକୁ ହାମାସ ଇରାନକୁ ନିବେଦନ କରିଛି। ଏହି ଅନୁରୋଧ ସତ୍ତ୍ୱେ, ହମାସ ସ୍ପଷ୍ଟ କରିଛି ଯେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିରୋଧରେ ନିଜକୁ ରକ୍ଷା କରିବାର ଅଧିକାର ଇରାନର ରହିଛି। ଇରାନ ଅନ୍ତର୍ଜାତୀୟ ନିୟମ ଓ ଆଇନ୍ ଅନୁଯାୟୀ ଏହି ଆକ୍ରମଣର ଜବାବ ଦେବାକୁ ସ୍ୱାଧୀନ। ହମାସ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରିଛି ଯେ ସେମାନେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧକୁ ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ। କାତାର ଭଳି ଦେଶରେ ହମାସର ବହୁ ନେତା ଅବସ୍ଥାନ କରନ୍ତି। ସେମାନଙ୍କ ଉପରେ ଇରାନର ଆକ୍ରମଣ ପରେ ହମାସ ଏହି ଅପିଲ କରିଛି। ଏହି ସମ୍ବନ୍ଧରେ ହମାସ ଉପରେ କାତାରର କୂଟନୈତିକ ଚାପ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ହମାସ ଇରାନର ଏକ ପ୍ରମୁଖ ସମର୍ଥକ ରହି ଆସିଛି। ପୂର୍ବରୁ ହମାସ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଉପରେ ଆକ୍ରମଣ ଓ ମୃତ୍ୟୁକୁ ନେଇ ନିନ୍ଦା କରିଥିଲା।

## ବିବାହ ମଣ୍ଡପରୁ ଗ୍ୟାଙ୍ଗଷ୍ଟର ବରକୁ ଉଠାଇନେଲା ପୁଲିସ

ଭୋପାଳ, ୧୪।୩(ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଏକ ଅଭାବନୀୟ ତଥା ନାଟକୀୟ ଘଟଣା ଦେଖିବାକୁ ମିଳିଛି। ସେଠାରେ ପୁଲିସ ବାହାଘର ମଣ୍ଡପରେ ପଶି ଜଣେ ଗ୍ୟାଙ୍ଗଷ୍ଟର ବରକୁ ଗିରଫ କରିବା ସହ ଉଠାଇ ନେଇଛି। ଗିରଫ ହୋଇଥିବା ବରର ନାମ ଆକାଶ ନୀଳକଣ୍ଠ। ସେ ଭୋପାଳରେ ଭୂରା ନାମରେ ପରିଚିତ। ସେ ସହରରେ ସକ୍ରିୟ ଥିବା ଏକ ବେଆଇନ ଗ୍ୟାଙ୍ଗର ନେତା ବୋଲି ପୁଲିସ କହିଛି। ଏହି ଗ୍ୟାଙ୍ଗର ସଦସ୍ୟ ସେମାନଙ୍କ ବେକରେ ଇଲିଗାଲ ବୋଲି ଟାଟୁ କରିଥାନ୍ତି। ଆକାଶ ବିରୋଧରେ ହତ୍ୟା ଓ ଅପହରଣ ସମେତ ୩୧ଟି ମାମଲା ରହିଛି। ସେ ନିକଟରେ ଏକ ମନ୍ଦିରରେ ପୂଜକଙ୍କୁ ଅପହରଣ କରି ୮ ଲକ୍ଷ ଟଙ୍କା ଦାବି କରିଥିବା ଓ ତାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଲିସ ତାକୁ ଖୋଜୁଥିଲା। ପୂଜକ ଜଣକ ଖସି ଆସି ପୁଲିସରେ ଅଭିଯୋଗ କରିବା ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା। ବରକୁ ପୁଲିସ ନେଇଯିବା ପରେ, କନ୍ୟା ସୀମା ହାତରେ ମେହେନ୍ଦୀ ଓ ମୁହଁରେ ହଳଦୀ ଲଗାଇ ଥାନାରେ ପହଞ୍ଚିଥିଲେ। ସେ କାନ୍ଦି କାନ୍ଦି ପୁଲିସକୁ ଅନୁରୋଧ କରିଥିଲେ ଯେ, ତାଙ୍କର ଏଥିରେ କୌଣସି ଦୋଷ ନାହିଁ ଏବଂ ତାଙ୍କୁ ବାହାଘରର ରୀତିନୀତି ସାରିବା ପାଇଁ ଅନ୍ତତଃ ଦୁଇ ଘଣ୍ଟାର ସମୟ ଦିଆଯାଉ। କିନ୍ତୁ ପୁଲିସ ତାଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିଥିଲା। ପୁଲିସ ଆକାଶ ସହ ଅନ୍ୟ ୫ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ ପୁଲିସ ରିମାଣ୍ଡରେ ପଠାଯାଇଛି।

## ଭଉଣୀକୁ ହତ୍ୟା କରିବା ପରେ ମା'ଙ୍କୁ ହତ୍ୟା ଉଦ୍ୟମ

ମୁରାଦାବାଦ୍, ୧୪।୩(ଏଜେନ୍ସି): ଉତ୍ତରପ୍ରଦେଶର ମୁରାଦାବାଦ୍‌ରେ ଜଣେ ୨୫ ବର୍ଷୀୟ ଇଞ୍ଜିନିୟର ନିଜ ଯାଆଁଳା ଭଉଣୀକୁ ଅତି ନିର୍ମମ ଭାବେ ହତ୍ୟା କରିବା ସହ ମା'ଙ୍କୁ ମଧ୍ୟ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଛନ୍ତି। ଅଭିଯୁକ୍ତ ଭାଇର ନାମ ହେଉଛି ହାର୍ଦ୍ଦିକ ଓ ମୃତ ଭଉଣୀର ନାମ ହିମାଶିଖା। ଦୁହେଁ ଗୁରୁଗ୍ରାମରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହିମାଶିଖା ଏମ୍‌ବିଏ ପଢୁଥିଲେ, କିନ୍ତୁ ହାର୍ଦ୍ଦିକ ପ୍ରାୟ ଦେଢ଼ ବର୍ଷ ହେବ ଚାକିରି ଛାଡ଼ି ସାମାଜିକ ଗଣମାଧ୍ୟମରେ ସମୟ ବିତାଉଥିଲେ। ହାର୍ଦ୍ଦିକ ସାମାଜିକ ଗଣମାଧ୍ୟମ ଜରିଆରେ ଜଣେ ମହିଳାଙ୍କ ସହ ବନ୍ଧୁତା କରିଥିଲେ ଏବଂ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। ମା ଓ ଭଉଣୀ ତାଙ୍କୁ ସମ୍ପର୍କ ଅପେକ୍ଷା କ୍ୟାରିୟର ଉପାର ଧ୍ୟାନ ଦେବାକୁ ବାରମ୍ବାର ପରାମର୍ଶ ଦେଉଥିଲେ। ଗତ ମାର୍ଚ୍ଚ ୬ରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। କିନ୍ତୁ ଏଥିରେ ଉତ୍ତ୍ୟକ୍ତ ହୋଇ ହାର୍ଦ୍ଦିକ ନିଜ ମା'ଙ୍କ ଅଫିସ୍‌କୁ ଯାଇଥିଲେ ଓ ଘରକୁ ଚାଲ, ତୁମ ପାଇଁ ଏକ ସରପ୍ରାଇଜ୍ ଅଛି, କହି ତାଙ୍କୁ ଘରକୁ ଆଣିଥିଲେ। ମା ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଝିଅକୁ ଦେଖି ଚିତ୍କାର କରିବାରୁ ହାର୍ଦ୍ଦିକ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ମା' ନୀଳିମା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ସେ ବିପଦ ମୁକ୍ତ ଅଛନ୍ତି। ପୁଲିସ ୨୪ ଘଣ୍ଟା ମଧ୍ୟରେ ହାର୍ଦ୍ଦିକଙ୍କୁ ଗିରଫ କରିଛି। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ହିମାଶିଖାଙ୍କ ଶରୀରରେ ୮୪ ଥର ଛୁରା ମାଡ଼ ହୋଇଥିଲା।

## ଉତ୍ତର କୋରିଆର ଶକ୍ତି ପ୍ରଦର୍ଶନ



**ଜାପାନ ସାଗରକୁ ନିକ୍ଷେପ କଲା ୧୦ ବାଲିଷ୍ଟିକ କ୍ଷେପଣାସ୍ତ୍ର**

ପିୟୋଙ୍ଗୟାଙ୍ଗ, ୧୪।୩(ଏଜେନ୍ସି): ଉତ୍ତର କୋରିଆ ପାଖାପାଖି ୧୦ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଜାପାନ ସାଗର ଉପରକୁ ନିକ୍ଷେପ କରିଛି। ଏହି ଘଟଣା ସମଗ୍ର ଏସିଆ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରାଜଧାନୀ ପିୟୋଙ୍ଗୟାଙ୍ଗର ସୁନାନ ଅଞ୍ଚଳରୁ ଆଜି ଏହି କ୍ଷେପଣାସ୍ତ୍ରଗୁଡ଼ିକ ନିକ୍ଷେପ କରାଯାଇଥିଲା। ଏଗୁଡ଼ିକ ଜାପାନ ସାଗର ଆଡ଼କୁ ଗତି କରୁଥିଲା। ଏଗୁଡ଼ିକ ଜାପାନର 'ଏକ୍ସକ୍ଲୁସିଭ ଇକୋନୋମିକ୍ ଜୋନ' (ଇଇଜେଡ୍) ବାହାରେ ପଡ଼ିଥିବା ଆକଳନ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ଜାପାନ ସରକାର ଏକ ଜରୁରୀକାଳୀନ ସଙ୍କଟ ପରିଚାଳନା ଦଳ ଗଠନ କରିଛନ୍ତି। ଏହି ପରୀକ୍ଷଣ ଏପରି ସମୟରେ ହୋଇଛି, ଯେତେବେଳେ ଅମେରିକା ଓ ଦକ୍ଷିଣ କୋରିଆ ମଧ୍ୟରେ ବାର୍ଷିକ ଫ୍ରିଡମ୍ ସିଲ୍ଡ ମିଳିତ ସାମରିକ ଅଭ୍ୟାସ ଚାଲିଛି। ଏହି ସାମରିକ ଅଭ୍ୟାସକୁ ବିରୋଧ କରି ଉତ୍ତର କୋରିଆ ଏହି କ୍ଷେପଣାସ୍ତ୍ର ଛାଡ଼ିଥିବା କୁହାଯାଉଛି। ତେବେ ଦକ୍ଷିଣ କୋରିଆ ଏହାକୁ ଆକ୍ରମଣର ପୂର୍ବ ପ୍ରସ୍ତୁତି ବୋଲି ବିବେଚନା କରିଆସୁଛି। ଏହାଦ୍ୱାରା ଉତ୍ତର କୋରିଆ ନିଜର ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିବା ସହ ଅନ୍ତର୍ଜାତୀୟ ରାଜନୀତିରେ ନିଜର ଉପସ୍ଥିତି ଜାହିର କରିଥାଏ।

## ୪ଟି ଆଇଆର୍‌ଏନ୍‌ଏସ୍‌ଏସ୍ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ଭାରତର ସ୍ୱଦେଶୀ ନାଭିଗେସନ ସାଟେଲାଇଟ୍ ସିଷ୍ଟମ (ଏନ୍‌ଏଭିଆଇସି)କୁ ଏକ ବଡ଼ ଝଟ୍‌କା ଲାଗିଛି। ୪ଟି କାର୍ଯ୍ୟରତ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ ହୋଇଛି, ଯାହା ଲଞ୍ଚ୍ ହେବାର ପ୍ରାୟ ୧୦ ବର୍ଷ ପରେ ଘଟିଛି ବୋଲି ଇଣ୍ଡିଆନ ସ୍ପେଶ ରିସର୍ଚ୍ଚ ଅର୍ଗାନାଇଜେସନ (ଇସ୍ରୋ) ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଉପଗ୍ରହ ୨୦୧୬ ମାର୍ଚ୍ଚ ୧୦ରେ ଲଞ୍ଚ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହି ଉପଗ୍ରହ ୩ଟି ଆଣବିକ ଘଡ଼ି ସହିତ କାର୍ଯ୍ୟ କରୁଥିଲା, କିନ୍ତୁ ସମୟ କ୍ରମେ ଏଗୁଡ଼ିକ ଅକାମୀ ହୋଇଥିଲା। ଶେଷରେ, ଏହାର ଏକମାତ୍ର ସକ୍ରିୟ ଆଣବିକ ଘଡ଼ିଟି ବିଫଳ ହେବା ପରେ ଏହି ଉପଗ୍ରହ ନିଜର କାର୍ଯ୍ୟକ୍ଷମତା ହରାଇଛି। ଏନ୍‌ଏଭିଆଇସି ସିଷ୍ଟମ ସଠିକ ଭାବେ କାର୍ଯ୍ୟ କରିବା ପାଇଁ ଓ ସେବା ପ୍ରଦାନ କରିବା ପାଇଁ ଅତିକମ୍‌ରେ ୪ଟି ଉପଗ୍ରହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାରେ ରହିବା ଆବଶ୍ୟକ। ଏହି ଉପଗ୍ରହର ବିଫଳତା କାରଣରୁ ରେଳବାଇ, ସାମରିକ କାର୍ଯ୍ୟ ଓ ସାଧାରଣ ନାଗରିକଙ୍କ ପାଇଁ ନେଭିଗେସନ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଏହି ଉପଗ୍ରହ ତା'ର ୧୦ ବର୍ଷର କାର୍ଯ୍ୟକାଳ ପୂରଣ କରିବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛି। ଏହି ବିଫଳତା ପରେ ଇସ୍ରୋ ପକ୍ଷରୁ ନୂତନ ଉପଗ୍ରହ ଲଞ୍ଚ୍ କରିବା କିମ୍ବା ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ କାର୍ଯ୍ୟ କରାଯିବ ବୋଲି ଆଶା କରାଯାଉଛି।

## ହର୍ମୁଜ୍ ପ୍ରଣାଳୀ ପାର ହେଲା ଭାରତକୁ ଆସୁଥିବା ଦୁଇ ଜାହାଜ



ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଅସ୍ଥିରତା ମଧ୍ୟରେ, ଭାରତର ଦୁଇଟି ଏଲପିଜି ଟ୍ୟାଙ୍କର ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛନ୍ତି। ଶିପିଂ କର୍ପୋରେସନ ଅଫ୍ ଇଣ୍ଡିଆ (ଏସ୍‌ସିଆଇ)ର ଦୁଇଟି ଜାହାଜ 'ଶିବାଲିକ' ଓ 'ନନ୍ଦା' ସଫଳତାର ସହ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ବାହାରିଛନ୍ତି। ଏହି ଜାହାଜଗୁଡ଼ିକରେ ପ୍ରାୟ ୯୨, ୭୦୦ ମେଟ୍ରିକ ଟନ୍ ଗ୍ୟାସ ରହିଛି। ଏହି ସୁରକ୍ଷିତ ଯାତ୍ରା ସମ୍ଭବ ହୋଇଛି ଭାରତର ତୀବ୍ର କୂଟନୈତିକ ପ୍ରୟାସ ଯୋଗୁଁ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହ ୪ଥର ଫୋନ୍‌ରେ କଥା ହୋଇଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଇରାନର ରାଷ୍ଟ୍ରପତି ମାସୁଦ ପେଜେସକିଆନଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ। ମୋଟ ୨୮ଟି ଭାରତୀୟ ପତାକାଧାରୀ ଜାହଜ ଏହି ଅଞ୍ଚଳରେ ଅଟକି ରହିଥିଲା। ସେଥିମଧ୍ୟରୁ ଅନେକ ଏବେ ମଧ୍ୟ ସୁରକ୍ଷିତ ଯାତ୍ରା ପାଇଁ ଅପେକ୍ଷା କରିଛନ୍ତି। ୩ଜଗ ପ୍ରକାଶ' ନାମକ ଆଉ ଏକ ଜାହାଜ ମଧ୍ୟ ସୁରକ୍ଷିତ ଭାବେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ଶକ୍ତି ସମ୍ବଳର ଅବ୍ୟାହତ ଯୋଗାଣ ଭାରତ ପାଇଁ ସର୍ବାଧିକ ପ୍ରାଥମିକତା।

## ଭାରତରେ ଅଟକି ରହିଥିବା ବିଦେଶୀ ନାଗରିକଙ୍କ ପାଇଁ ୩୦ ଦିନର ଭିସା ବୃଦ୍ଧି

ଦୁବାଇ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ଭାରତରେ ଯେଉଁ ନାଗରିକମାନେ ନିଜ ଦେଶକୁ ଫେରିପାରୁନାହାନ୍ତି, ସେମାନଙ୍କ ଭିସା ଅବଧିକୁ ଆଉ ୩୦ ଦିନ ପାଇଁ ବଢ଼ାଇ ଦିଆଯାଇଛି। ଏ ନେଇ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଫେବୃଆରୀ ୨୮ ପରଠାରୁ ଯଦି କୌଣସି ବିଦେଶୀ ନାଗରିକ ନିଜ ଭିସା ଅବଧିଠାରୁ ଅଧିକ ସମୟ ରହିଛନ୍ତି ଅର୍ଥାତ ଓଭରଷ୍ଟେ କରିଛନ୍ତି, ତେବେ ସେଥିପାଇଁ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ନାହିଁ। ଯାତ୍ରା ବାଧାପ୍ରାପ୍ତର ସମ୍ମୁଖୀନ ହୋଇଥିବା ବିଦେଶୀମାନଙ୍କୁ ଭାରତ ଛାଡ଼ିବା ପାଇଁ ମାଗଣାରେ 'ଏକଜିଟ୍ ପରମିଟ୍' ପ୍ରଦାନ କରାଯିବ। ପୁଣି ଯଦି କୌଣସି ବିମାନର ଗତିପଥ ପରିବର୍ତ୍ତନ ଯୋଗୁଁ କେହି ବିଦେଶୀ ନାଗରିକ ହଠାତ ଭାରତରେ ପହଞ୍ଚନ୍ତି, ତେବେ ସେମାନଙ୍କୁ ମାଗଣାରେ ଅସ୍ଥାୟୀ ଲ୍ୟାଣ୍ଡିଂ ପରମିଟ୍ ଦିଆଯିବ। ସେହିପରି ଯଦି କେହି ପରିସ୍ଥିତି ଯୋଗୁଁ ଭିସା ସମ୍ପ୍ରସାରଣ ପାଇଁ ଆବେଦନ କରିପାରୁ ନାହାନ୍ତି, ତାହାକୁ ଆଇନ୍‌ର ଉଲ୍ଲଂଘନ ବୋଲି ଧରାଯିବ ନାହିଁ। ସୂଚନା ଯୋଗ୍ୟ ଯେ, ଫେବୃଆରୀ ୨୮ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ଯୋଗୁଁ ସାରା ମଧ୍ୟପ୍ରାଚ୍ୟରେ ସୁରକ୍ଷା ସଙ୍କଟ ଦେଖାଦେଇଛି। ଏହି କାରଣରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ଫଳରେ ବିଦେଶୀ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

## ଭିସା ପାଇବାକୁ ଡକାୟତି ନାଟକ: ଆମେରିକାରେ ୧୧ ଭାରତୀୟ ଗିରଫ



ନୂଆଦିଲ୍ଲୀ/ୱାସିଂଟନ, ୧୪।୩(ଏଜେନ୍ସି): ଆମେରିକାରେ ରହିବା ପାଇଁ ଭିସା ପାଇବା ଆଶାରେ ୧୧ଜଣ ଭାରତୀୟ ନାଗରିକ ମିଳିତ ଭାବେ ନକଲି ସଶସ୍ତ୍ର ଡକାୟତିର ଯୋଜନା କରି ଗିରଫ ହୋଇଛନ୍ତି। ସେମାନଙ୍କ ବିରୋଧରେ ଭିସା ଠକେଇ ଅଭିଯୋଗ ଆସିଛି। ଆମେରିକାରେ ୟୁ- ଭିସା ନାମକ ଏକ ସ୍ୱତନ୍ତ୍ର ସୁବିଧା ରହିଛି। ଯଦି କୌଣସି ବିଦେଶୀ ନାଗରିକ ସେଠାରେ କୌଣସି ଗୁରୁତର ଅପରାଧର ଶିକାର ହୁଅନ୍ତି ଏବଂ ତଦନ୍ତରେ ପୁଲିସକୁ ସାହାଯ୍ୟ କରନ୍ତି, ତେବେ ସେମାନଙ୍କୁ ଏହି ଭିସା ମିଳିଥାଏ। ଏହି ସୁବିଧା ହାସଲ କରିବା ପାଇଁ ଏହି ବ୍ୟକ୍ତିମାନେ ନିଜକୁ ଅପରାଧର ଶିକାର ଭାବେ ଦର୍ଶାଇବାକୁ ଚାହୁଁଥିଲେ। ଏମାନେ ବିଭିନ୍ନ ମଦ ଦୋକାନ, ଫାଷ୍ଟ-ଫୁଡ୍ ରେସ୍ତୁରାଁ ଏବଂ କନଭିନିଏନ୍ସ ଷ୍ଟୋରରେ ଅତି କମ୍‌ରେ ୬ଟି ନକଲି ଡକାୟତି କରିଥିଲେ। ଜଣେ ବ୍ୟକ୍ତି ନକଲି ବନ୍ଧୁକ ଧରି ଦୋକାନକୁ ପଶୁଥିଲା ଓ କ୍ୟାସ କାଉଣ୍ଟରରୁ ଟଙ୍କା ନେଇ ଫେରାର ହୋଇଯାଉଥିଲା। ଏହି ସମସ୍ତ ଦୃଶ୍ୟକୁ ସିସିଟିଭି କ୍ୟାମେରାରେ ରେକର୍ଡ କରାଯାଉଥିଲା, ଯେମିତି ଏହା ଏକ ପ୍ରକୃତ ଅପରାଧ ଭଳି ଦେଖାଯିବ। ଡକାୟତି ପରେ ଦୋକାନୀମାନେ ଜାଣିଶୁଣି ୫ ମିନିଟ ବିଳମ୍ବରେ ପୁଲିସକୁ ଖବର ଦେଉଥିଲେ ଓ ଏହା ଦ୍ୱାରା ଡକାୟତ ସହଜରେ ଖସି ପଳାଇବ। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନକାରୀମାନେ ଟଙ୍କା ଦେଉଥିଲେ। ସେହି ଟଙ୍କାକୁ ମୁଖ୍ୟ ଆୟୋଜକ ଓ ଦୋକାନ ମାଲିକଙ୍କ ମଧ୍ୟରେ ଭାଗ କରାଯାଉଥିଲା। ଯଦି ଭିସା ଠକେଇ ଅଭିଯୋଗ ପ୍ରମାଣିତ ହୁଏ, ତେବେ ଅଭିଯୁକ୍ତମାନଙ୍କୁ ୫ ବର୍ଷ ଜେଲଦଣ୍ଡ ଓ ପ୍ରାୟ ୨, ୫୦, ୦୦୦ ଡଲାର ଅର୍ଥାତ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଏଫ୍‌ବିଆଇ ଓ ଆମେରିକାର ଇମିଗ୍ରେସନ ବିଭାଗ ମିଳିତ ତଦନ୍ତ ପରେ ଏହି ଜାଲିଆତି ଧରାପଡ଼ିଥିଲା। ଏହି ୧୧ ଜଣ ଭାରତୀୟ ଅତିକମ୍‌ରେ ୬ଟି ନକଲି ଡକାୟତି ଘଟଣା ଯୋଜନା କରିଥିଲେ। ଅଭିଯୋଗ ଅନୁସାରେ ଯେଉଁମାନେ ଏହି ଯୋଜନାରେ ଯୋଗ ଦେଉନଥିଲେ, ସେମାନେ ଟଙ୍କା ଦେଇ ଏଥିରେ ଭାଗ ନେଉ ନ ଥିଲେ। ଏହା ମାଧ୍ୟମରେ ସେମାନେ ନିଜକୁ ଡକାୟତିର ଶିକାର ବୋଲି ଦେଖାଇ ୟୁ-ଭିସା ପାଇବାକୁ ଚେଷ୍ଟା କରୁଥିଲେ। ଏହି ଅଭିଯୁକ୍ତ ମାନେ କେଣ୍ଟକି, ମିଜୋରି, ଓହିୟୋ ରାଜ୍ୟରେ ଗିରଫ ହୋଇଛନ୍ତି।

**ନାବାଳିକା ଅସଦାଚରଣରୁ ପୁଲିସକୁ ମାଡ଼ ଘଟଣା**

## ୫୯ ଜଣଙ୍କ ନାଁରେ ମାମଲା; ୩୪ ଗିରଫ

ରାଇରଙ୍ଗପୁର, ୧୪।୩ (ସମିସ): ଜଣେ ନାବାଳିକାକୁ ଅସଦାଚରଣ ଘଟଣାକୁ ନେଇ ପୁଲିସକୁ ଗୋଡ଼ାଇ ଆକ୍ରମଣ ଓ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ବହଲଦା ଥାନା ପୁଲିସ ଆଜି ୩୪ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଥିମଧ୍ୟରେ ୨୮ ଜଣ ମହିଳା ଥିବା ବେଳେ ୬ଜଣ ପୁରୁଷ ରହିଛନ୍ତି। ଏହି ଘଟଣାରେ ପୁଲିସ ୫୯ ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବାରୁ ଆଗାମୀ ଦିନରେ ଗିରଫଦାରୀ

- ବଢ଼ିବ ଗିରଫଦାରୀ ସଂଖ୍ୟା
- ଆହତ ପୁଲିସଙ୍କ ଚିକିତ୍ସା ଜାରି

ସଂଖ୍ୟା ବଢ଼ିବ ବୋଲି କୁହାଯାଉଛି। ଗିରଫଦାରୀ ଭୟରେ କିଛି ଗ୍ରାମବାସୀ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଆଜି ଗିରଫ ସମସ୍ତ ଅଭିଯୁକ୍ତମାନଙ୍କୁ ରାଇରଙ୍ଗପୁରସ୍ଥିତ ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ କାରାଗାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ଗୁରୁବାର ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାକୁ ସଂଖ୍ୟାଲଘୁ ସଂପ୍ରଦାୟର ଜଣେ ଯୁବକ ଅସଦାଚରଣ କରିଥିଲା। ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ତୁମୁଳକାଣ୍ଡ ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ବହଲଦା ବାଇପାସ୍‌ରେ ୨୨୦ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରିସ୍ଥିତି କ୍ରମଶଃ ଜଟିଳ ହେବାରୁ ପୁଲିସ ଓ ତହସିଲଦାର ଘଟଣାସ୍ଥଳକୁ ଆସି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କୌଣସି କଥାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପୁଲିସ ଲାଠିଚାର୍ଜ କରିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ଓ ପୁଲିସକୁ ଇଟା, ପଥର ଫିଙ୍ଗିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି, ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ପୁଲିସକୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ପୁଲିସ ଆହତ ହୋଇଥିଲେ। ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଜାରି ରହିଛି। ଫଟୋ ଓ ଭିଡିଓ ଆଧାରରେ ପୁଲିସ ୫୯ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଆଜି ୩୪ଜଣଙ୍କୁ ଗିରଫ କରିଛି। ଆଗକୁ ଗିରଫଦାରୀ ବୃଦ୍ଧି ପାଇ ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି କହିଛନ୍ତି। ଅପରପକ୍ଷେ, ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ପୁଲିସ ଫୋର୍ସ ମୁତୟନ ରହିଛନ୍ତି।

# ନିଶା ନେଲା ୨ ଜୀବନ

## ସ୍ତ୍ରୀକୁ ଲୁହା ପାଇପ୍‌ରେ ପିଟିପିଟି ମାରିଦେଲା

କରଞ୍ଜିଆ, ୧୪।୩ (ସମିସ): ନିଶା ପୁଣି ଏକ ପରିବାର ଉଜାଡ଼ିଛି। ନିଶାସକ୍ତ ସ୍ୱାମୀ ଏକ ଲୁହା ପାଇପ୍‌ରେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଛି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ବାଟପଳସା ପଞ୍ଚାୟତ ସାନଶିଆଳି ନଇ ଗ୍ରାମର ପୁନର୍ବାସ କଲୋନୀରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଇଚ୍ଛାବତୀ ଦେହୁରୀ (୪୫)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବଳଭଦ୍ର ଦେହୁରୀଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ, ଦୁଧିଆଣି ପଞ୍ଚାୟତର ରାମଯୋଡ଼ି ଗ୍ରାମରେ ବସବାସ କରୁଥିବା ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ସ୍ୱେଚ୍ଛାକୃତ ପୁନର୍ବାସ ଯୋଜନାରେ ବନ ବିଭାଗ ପକ୍ଷରୁ ସାନଶିଆଳି ନଇ ଗ୍ରାମରେ କଲୋନୀ କରି ଥଇଥାନ କରାଯାଇଥିଲା। ଶୁକ୍ରବାର ରାତିରେ କଲୋନୀର ବଳଭଦ୍ର ଦେହୁରୀ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଇଚ୍ଛାବତୀଙ୍କ ସହ ପାଟିତୁଣ୍ଡ କରିଥିଲା। ପରେ ଉତ୍ତେଜିତ ହୋଇ ବଳଭଦ୍ର ଏକ ଲୁହା ପାଇପ୍‌ରେ ଇଚ୍ଛାବତୀଙ୍କୁ ଆକ୍ରମଣ କରି ବାମ ଜଂଘ ଓ ମୁଣ୍ଡ ଫଟାଇ ଦେଇଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ରାତିରେ ଇଚ୍ଛାବତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳେ ଖବର ପାଇ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ, ଉପ-ଆରକ୍ଷୀ ନିରୀକ୍ଷକ, ତଦନ୍ତକାରୀ ଅଧିକାରୀ ସୁଧାଂଶୁ ଶେଖର ସେଠୀ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ପାଇପ ଓ ମୋବାଇଲ ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ସାଙ୍ଗଙ୍କୁ ମିଳିମିଶି ମାରିଦେଲେ

ବଲାଙ୍ଗିର, ୧୪।୩ (ସମିସ): ବଲାଙ୍ଗିର ସଦର ଥାନା ରିନବଚନ ଗାଁରେ ଯୁବକଙ୍କୁ ନିଶାସକ୍ତ ଅବସ୍ଥାରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ରିନବଚନ ଗାଁର ଦୀପକ ନାଏକ(୨୬)। ଶୁକ୍ରବାର ରାତିରେ କାମରୁ ଫେରି ଦୀପକ ସାଙ୍ଗମାନଙ୍କ ସହ ଭୋଜିଭାତ କରିଥିଲେ। ସେମାନେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।



ଦୀପକ ନିକଟସ୍ଥ ଏକ ଗୋଦାମରେ କାମ କରନ୍ତି। ହୋଲି ସମୟରେ ସ୍ଥାନୀୟ କିଛି ଯୁବକଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଅବଶ୍ୟ ସେ ଘଟଣା ସମାଧାନ ହୋଇଥିଲା। ଶୁକ୍ରବାର ସେ କାମରୁ ଫେରିବା ପରେ ଘରୁ କିଛି ସମୟ ପରେ ଆସୁଛି କହି ବାହାରକୁ ଯାଇଥିଲେ। ଗାଁରେ ସକାଳୁ ଏକ ବାହାଘର ଥିଲା। ସନ୍ଧ୍ୟାରେ ସେ ସାଙ୍ଗମାନଙ୍କ ସହ ଭୋଜିଭାତ କରି ନିଶା ଆସର ଜମାଇଥିବା ଆଲୋଚନା ହେଉଛି। ଏହି ସମୟରେ କୌଣସି ଏକ ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ତେବେ ହତ୍ୟା ପରେ ତାଙ୍କ ଶବକୁ ଏକ ଜମିରେ ଛାଡ଼ି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ତାଙ୍କ ଦୁଇ ଭାଇ ଖୋଜାଖୋଜି କରିଥିଲେ। ଜମିରେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ଏକାଧିକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଯଦିଓ ଏହି ଘଟଣାର କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ, ତଥାପି ପୁଅକୁ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାରଲୋକେ ଦାବି କରିଛନ୍ତି।

## ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ ପଦୋନ୍ନତିରେ ବାଧକ ନୁହେଁ: ହାଇକୋର୍ଟ

କଟକ, ୧୪।୩ (ସମିସ): କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆଧାରରେ ଜଣେ କର୍ମଚାରୀଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ପଦୋନ୍ନତିରୁ ବଞ୍ଚିତ ଜଣେ ଗ୍ରୁପ୍-ଡି' ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଏଥିସହ ଅଯଥାରେ ଏହି ମାମଲା ଅଦାଲତ ପର୍ଯ୍ୟନ୍ତ ଟଣାଯାଇଥିବାରୁ ପ୍ରତିପକ୍ଷ ରାଜ୍ୟ ସରକାର ୨୫ ହଜାର ଟଙ୍କା ତଣ୍ଡ ରାଶି ଆବେଦନକାରୀ କର୍ମଚାରୀଙ୍କୁ ପଇଠ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିରଞ୍ଜନ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ପିଛିଲା ଭାବେ ଗତ ୨୦୧୪ ମସିହାରୁ ପଦୋନ୍ନତି ପ୍ରଦାନ କରାଯିବ। ସେହିଭଳି ଜରିମାନା ଅର୍ଥ ଦେବାରେ ବିଳମ୍ବ ହେଲେ ପ୍ରଥମ ମାସ ପାଇଁ ଦୈନିକ ୨୫୦ ଟଙ୍କା ଓ ପରବର୍ତ୍ତୀ ମାସ ପାଇଁ ଦୈନିକ ୫୦୦ ଟଙ୍କା ଲେଖାଁଏ ଦାୟୀ ଅଧିକାରୀଙ୍କ ଦରମାରୁ ଜରିମାନା ଆଦାୟ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

**ଆବେଦନକାରୀଙ୍କୁ ସରକାର ଗଣିବେ ୨୫ ହଜାର ତଣ୍ଡ**

ମାମଲାରେ ସେକ୍ସପିୟର, ରବୀନ୍ଦ୍ରନାଥ ଟାଗୋର ଏବଂ ଶ୍ରୀମଦ ଭଗବଦ୍ ଗୀତାର ପ୍ରସଙ୍ଗ ଉଦ୍ଧାର କରି ଜ୍ଞାନ ଆହରଣର ମହତ୍ତ୍ୱ ବୁଝାଇଥିଲେ ହାଇକୋର୍ଟ। ଓଡ଼ିଶା ଛୁଟି ନିୟମ ଅନୁଯାୟୀ 'ଷ୍ଟଡି ଲିଭ୍' ନେବା ଏବଂ ବିନା ଛୁଟିରେ ପାଠ ପଢ଼ିବା ଦୁଇଟି ଭିନ୍ନ କଥା। ଯଦି ଜଣେ ବ୍ୟକ୍ତି ନିଜ କାର୍ଯ୍ୟରେ ବାଧା ସୃଷ୍ଟି ନକରି ନିଜର ଜ୍ଞାନ ବୃଦ୍ଧି କରୁଛନ୍ତି, ତେବେ ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଜଣେ ବ୍ୟକ୍ତିର 'ଜୀବନ ଧାରଣ ଅଧିକାର'ର ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜଣେ ଗ୍ରୁପ୍-ଡି' କର୍ମଚାରୀ (ପିଅନ) ୨୦୧୪ ମସିହା ପଦୋନ୍ନତି କମିଟି (ଡିପିସି) ଦ୍ୱାରା ଜୁନିୟର ଆସିଷ୍ଟାଣ୍ଟ ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ଥିଲେ। ମାତ୍ର ଚାକିରି କରିଥିବା ବେଳେ ସେ ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ହେତୁ ଏହି ଆଧାରରେ ତାଙ୍କୁ ପଦୋନ୍ନତି ଦିଆଯାଇନଥିଲା। ଏହା ବିରୋଧରେ ସେ ପ୍ରଥମେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଏବଂ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେଉଁଠାରୁ ମାମଲାଟି ପୁଣିଥରେ ଶୁଣାଣି ପାଇଁ ହାଇକୋର୍ଟଙ୍କୁ ଆସିଥିଲା।

## ଜେଲ୍‌ରେ 'ଆଜୀବନ' କଏଦୀଙ୍କ ଆତ୍ମହତ୍ୟା

ବଲାଙ୍ଗିର,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ଜେଲ୍‌ରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଶନିବାର ଭୋର୍ ସାଢ଼େ ୪ଟାରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ, ବଲାଙ୍ଗିର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ୍ ଗୋପାଳ। ସ୍ତ୍ରୀ ରଜନୀ ସାହୁ (୨୬)କୁ ହତ୍ୟା ଅଭିଯୋଗରେ ପୁଲିସ ତାଙ୍କୁ ୨୦୨୧ ଜୁନ୍ ୭ରେ ଗିରଫ କରିଥିଲା। ୨୦୨୩ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ନିକଟରେ ସେ ଜଣେ ଅନ୍ତେବାସୀଙ୍କୁ ମରଣାନ୍ତକ ଆକ୍ରମଣ କରଥିଲେ। ଏହା ପରେ ତାଙ୍କୁ କଡ଼ା ସୁରକ୍ଷାବଳୟରେ ରଖାଯାଇଥିଲା। ତାଙ୍କ ଆତ୍ମହତ୍ୟା ପରେ ଜେଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ତାଙ୍କ ପରିବାରଲୋକ ମଧ୍ୟ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଆତ୍ମହତ୍ୟା କରିନାହାନ୍ତି, ତାଙ୍କ ସହ ଅନ୍ୟ କିଛି ଘଟଣା ଘଟିଛି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ପରିବାରଲୋକ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଶବ ରଖି ନ୍ୟାୟ ମାଗିଥିଲେ। ବାପା ସୁଦର୍ଶନ ସାହୁ, ମା' ଦହନା ସାହୁ ଓ ଭାଇ ବିବେକ ସାହୁ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।



- ସ୍ତ୍ରୀକୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ
- ସ୍ୱତନ୍ତ୍ର ସୁରକ୍ଷାବଳୟରେ ଥିଲେ
- ଅନ୍ତେବାସୀଙ୍କୁ ଆକ୍ରମଣ କରିଥିଲେ
- ଶବ ରଖି ଜିଲ୍ଲାପାଳଙ୍କ ଅଫିସ ଆଗରେ ପରିବାରଲୋକଙ୍କ ଧାରଣା

ଜେଲ୍‌ର ଉଚ୍ଚ ସୁରକ୍ଷା ବ୍ଲକ୍-୧ର ୱାର୍ଡ ନଂ - ୨ରେ ସେ ରହୁଥିଲେ। କାନ୍ଥରେ ଲାଗିଥିବା ଏକ ପଙ୍ଖାଝୁଲା କ୍ଲାମ୍ପରେ ଗାମୁଛା ଧଡିକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୫ଟା ୩୦ରେ ଜେଲ୍ ଅଧୀକ୍ଷକ ଏ ସଂପର୍କରେ ସୂଚନା ପାଇଥିଲେ। ପରେ ଅଧୀକ୍ଷକ ଉମାଶଙ୍କର ମାଝୀ ୱାର୍ଡକୁ ଯାଇଥିଲେ। ପରେ ଜେଲ୍‌ରେ ନିୟୋଜିତ ଫାର୍ମାସିଷ୍ଟ ଶିବ ନାରାୟଣ କବିଙ୍କୁ ଡକାଇ ସେ ଜୀବିତ ନା ମୃତ ତାହା ପରୀକ୍ଷା କରାଇଥିଲେ। ଗୋପାଳ ମୃତ ବୋଲି ଫାର୍ମାସିଷ୍ଟ ଜଣକ ଆଶଙ୍କା କରିବା ପରେ ଜେଲ୍ ଅଧୀକ୍ଷକ ପୁଲିସକୁ ଖବର ଦେଇଥିଲେ। ଏହା ପରେ କୌଣସି ଡାକ୍ତରୀ ରିପୋର୍ଟକୁ ଅପେକ୍ଷା ନକରି ଅଧୀକ୍ଷକ ଶ୍ରୀ ମାଝୀ ପଞ୍ଚନାମା କରାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଅତି ନିକଟରେ ଥିବା ଜିଲ୍ଲା ମୁଖ୍ୟାଳୟକୁ ନ ନେବା, ଫାର୍ମାସିଷ୍ଟ ମୃତ ଘୋଷଣା କରିବା, ବିନା ଡାକ୍ତରୀ ରିପୋର୍ଟରେ ପଞ୍ଚନାମା କରାଇବାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଯୌତୁକ ପାଇଁ ସେ ତାଙ୍କ ସ୍ତ୍ରୀକୁ ହତ୍ୟା କରିଥିବା ସଦର ଥାନାରେ ଶାଳକ ଅଭିଯୋଗ କରିଥିଲେ। ଏହି ଘଟଣାର ଶୁଣାଣି କରି ବଲାଙ୍ଗିର ଅତିରିକ୍ତ ଜିଲ୍ଲା ଜଜ (ପ୍ରଥମ) ୨୦୨୩ ନଭେମ୍ବର ୨୯ ତାରିଖରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ସେହିଦିନଠାରୁ ଗୋପାଳ ବଲାଙ୍ଗିର ଜେଲ୍‌ରେ ରହିଥିଲେ। ଗତ ଫେବୃଆରୀ ୨୦ ତାରିଖରେ ସର୍ତ୍ତମୂଳକ ଜାମିନରେ ଘରକୁ ଯାଇ ମାର୍ଚ୍ଚ ୭ ତାରିଖରେ ଫେରିଥିଲେ।

**ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ**

## ୧୫୬ଟି ମାମଲାର ସମାଧାନ ଓ ୧୨.୮୩ କୋଟି ଟଙ୍କାର କ୍ଷତିପୂରଣ ସ୍ଥିରୀକୃତ

କଟକ, ୧୪।୩ (ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି ଆନୁକୂଲ୍ୟରେ ଆଜି ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ମାମଲାର ବିଚାର କରାଯାଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୫୬ଟି ମାମଲାର ଫଇସଲା କରାଯାଇଛି। ମାମଲାଗୁଡ଼ିକରେ ମୋଟ ୧୨ କୋଟି ୮୩ ଲକ୍ଷ ୨୪ ହଜାର ୧୭୨ ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟତଃ ବୀମା ଦାବି, ଚେକ୍-ବାଉନ୍ସ, ବିଦ୍ୟୁତ୍ ସମ୍ବନ୍ଧୀୟ ବିବାଦ, ଜମି ଅଧିଗ୍ରହଣ ଏବଂ ପାରିବାରିକ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ମୋଟ ୮ଟି କୋର୍ଟରେ ମାମଲାଗୁଡ଼ିକ ବିଚାର କରାଯାଇଥିଲା। ଜଷ୍ଟିସ କେ. ଆର୍. ମହାପାତ୍ର, ଜଷ୍ଟିସ ବି.ପି ରାଉତରାୟ, ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ଆଦିତ୍ୟ କୁମାର.ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ଏମ. ଏସ. ରମଣ, ଜଷ୍ଟିସ ସଂଜୟ କୁମାର. ମିଶ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତ ରଂଜନ ଦାଶ ଓ ଜଷ୍ଟିସ ଶିବଶଙ୍କର ମିଶ୍ର ମାମଲାଗୁଡ଼ିକ ବିଚାର କରିଥିଲେ। ଏହି ଅଦାଲତରେ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ-ଇଣ୍ଡିଆ ଆସୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଓ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ ସମେତ ବିଭିନ୍ନ ଘରୋଇ ବୀମା କମ୍ପାନୀ, ବ୍ୟାଙ୍କ ଅଧିକାରୀ, ଜମି ଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶଶୁର ଘର ଗାଁ ନିକଟ କୂଅରୁ ଜ୍ୱାଇଁଙ୍କ ମୃତଦେହ ଉଦ୍ଧାର

କଣ୍ଟାବାଞ୍ଜି,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାହାଜୋଟ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ଚାଷ ଜମିରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି।



ମୃତ ବ୍ୟକ୍ତିଜଣଙ୍କ ହେଲେ, ରାୟପୁର ରାଜେନ୍ଦ୍ରନଗର ଥାନା ତେଲିବନ୍ଧା ପୁରେନା ଗାଁର ପରମାନନ୍ଦ ଯାଦବ। ସାହାଜୋଟ ନିକଟ ପାତଲପଡ଼ାରେ ତାଙ୍କ ଶଶୁର ଘର। ପୁଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀ କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ସେ କାମ କରିବା ପାଇଁ ଗତ ୭ତାରିଖ ଦିନ ଶଶୁର ଘର ଗାଁ ପାତଲପଡ଼ା ଆସିଥିଲେ। ବୁଧବାର ଶଶୁରଘରୁ ବାହାରି ଥିଲେ ମଧ୍ୟ ଘରେ ପହଞ୍ଚିନଥିଲେ। ଏନେଇ ତାଙ୍କ ଶଶୁର ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

**ଧରା ହେଲା ଗରିଆପାଲି ଟ୍ରିପଲ ମର୍ଡର୍ ମୁଖ୍ୟ ଅଭିଯୁକ୍ତ**

## ପାଣି ଟାଙ୍କି ଉପରେ ଆତ୍ମହତ୍ୟା ଉଦ୍ୟମ

ଦେବଗଡ଼, ୧୪।୩(ସମିସ): କୁଣ୍ଢେଇଗୋଳା ଥାନା ଗରିଆପାଲି ଗାଁରେ ଗତ ଗୁରୁବାର ଘଟିଥିବା ଟ୍ରିପଲ୍-ମର୍ଡର୍ ଘଟଣାର ଏକମାତ୍ର ଅଭିଯୁକ୍ତ ରମେଶ ଗରିଆକୁ ତିନି ଦିନ ପରେ ଶନିବାର ପୁଲିସ କାବୁ କରିଛି। ଆଜି ସକାଳେ ଗ୍ରାମବାସୀ ତାକୁ ଗାଁ ପାଣିଟାଙ୍କି ଉପରେ ଠାବ କରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରିରେ ସେ ନିଜ ସ୍ତ୍ରୀ ଗୁଲ ଗରିଆ, ବୋହୂ ଲିପି ମହାକୁଳ ଓ ୪ବର୍ଷୀୟ ନାତୁଣୀ ଈଶାନୀକୁ ହାତୁଡ଼ିରେ ପିଟି ହତ୍ୟା କରିବା ପରଠାରୁ ଫେରାର୍ ହୋଇଯାଇଥିଲା। ଆଜି ଗାଁ ପାଣିଟାଙ୍କିର ୫୦ଫୁଟ୍ ଉପରେ ରମେଶ ଏକ କୁରାଢ଼ୀ ଧରି ଚଢ଼ିଥିବା କିଛି ଗ୍ରାମବାସୀ ଦେଖିଥିଲେ।

ସୂଚନା ପାଇ କୁଣ୍ଢେଇଗୋଳା ପୁଲିସ ପାଣିଟାଙ୍କି ତଳେ ଜଗିରହି ଅଭିଯୁକ୍ତକୁ ତଳକୁ ଓହ୍ଲାଇବାକୁ ଅନୁରୋଧ କରିଥିଲା। ହେଲେ ରମେଶ କାହାରି କଥା ଶୁଣି ନଥିଲା ଏବଂ ଉପରେ ସେ କିଛି ଖାଇ ଦେଇଥିବା ଗ୍ରାମବାସୀ କହିଥିଲେ। ପରେ ପୁଲିସ ଦମକଳବାହିନୀର ସହାୟତା ଲୋଡ଼ିଥିଲା। ଦୀର୍ଘ ୨ ଘଣ୍ଟା ଧରି ପରିଶ୍ରମ କରିବା ପରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ମିଶି ପାଣିଟାଙ୍କି ଉପରୁ ରମେଶକୁ ଟେକି ଆଣିଥିଲେ।



ପାଣିଟାଙ୍କି ନିକଟରେ ଅଭିଯୁକ୍ତର ହାଇଡ୍ରାମା ଖବର ଶୁଣି ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର, ଏସ୍‌ଡିପିଓ ରମେଶ ମାହାନା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ।

- ୨ ଘଣ୍ଟାର ହାଇଡ୍ରାମା ପରେ କାବୁ କଲେ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ
- ବିଷପାନ କରି ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ

ରମେଶକୁ ପାଣିଟାଙ୍କି ଉପରୁ ଆଣି ଥାନାକୁ ନେବା ପରେ ସେ ବିଷ ପିଇଥିବା ଜଣାପଡ଼ିଥିଲା। ପୁଲିସ ତାକୁ କୁଣ୍ଢେଇଗୋଳା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିଲା। ତା' ଅବସ୍ଥା ଗୁରୁତର ରହିଛି। ସେ ସୁସ୍ଥ ହେବା ପରେ ଗଣହତ୍ୟାକାଣ୍ଡର ରହସ୍ୟ ଉପରୁ ପର୍ଦ୍ଦା ଉଠିବ ବୋଲି ପୁଲିସ କହିଛି।

## ନିଯୁକ୍ତି ବୟସ ୪୨କୁ ବଢ଼ାଇଲା ପିଏସ୍‌ୟୁ

ଭୁବନେଶ୍ୱର,୧୪।୩(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର ବଢ଼ାଇଥିଲେ ମଧ୍ୟ ପିଏସ୍‌ୟୁଗୁଡ଼ିକ ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ କରୁନଥିଲେ। ଏକାଧିକବାର ଖବର ପ୍ରକାଶ ପାଇବା ଏବଂ ଆଶାୟୀଙ୍କ ଅସନ୍ତୋଷ ପରେ ପ୍ରାୟ ୧୦ ମାସ ପରେ ବୟସ ବୃଦ୍ଧି କରାଯାଇଛି। ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସମସ୍ତ ପିଏସ୍‌ୟୁମାନଙ୍କୁ ଏନେଇ ଅବଗତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ଜୁନ୍ ୯ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୟସ ବଢ଼ାଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରାଯାଇଥିବାରୁ ବହୁ ଆଶାୟୀ ଉପକୃତ ହେବେ। ବୟସ ବଢ଼ାଇବାକୁ ବହୁ ଦିନରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ଆଶାୟୀ ସୁନିଲ କୁମାର ମିଶ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ଗହୀରମଥାରେ ୫ ଶହରୁ ଊର୍ଦ୍ଧ୍ୱ ଅଲିଭ୍-ରିଡ୍‌ଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ

ରାଜନଗର, ୧୪।୩ (ସମିସ): ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଏନ୍ତୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ସାତଭାୟା, ନାସୀ-୨, ପେଣ୍ଠ, ଯଉଡିଆ, ଚିଞ୍ଚିରି ମୁହାଣ ଆଦି ସ୍ଥାନରେ ଅଲିଭ୍‌ରିଡ୍‌ଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ୫୦୦ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇସାରିଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେତେକ ଅଣ୍ଡାକୁ ସଂଗ୍ରହ କରାଯାଇ ବନବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଥିବା ବେଳେ ଆଉ କେତେକ ଅଣ୍ଡାକୁ ବିଲୁଆ, କୁକୁର ଓ ପକ୍ଷୀ ନଷ୍ଟ କରିଦେଉଥିବା ଦେଖିବାକୁ ମିଳିଛି।





ଯେଉଁ ଆକୃତିର ଗାତ ଖୋଳି ଓ ଯେତିକି ଗଭୀର ଗାତ ଖୋଳି କଇଁଛମାନେ ଅଣ୍ଡା ଦେଇଥା'ନ୍ତି, ବନ ବିଭାଗ ପକ୍ଷରୁ ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ଘୋଡ଼ାଇ ଦେଇ ଯତ୍ନ ନେଇଥା'ନ୍ତି। ଯେପରି ମା' କଇଁଛ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡ଼ାଇଥିଲା, ଠିକ୍ ସେହିପରି ଭାବେ ବନ ବିଭାଗ କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ଗାତ ଖୋଳି ରଖୁଛନ୍ତି ଓ ମାର୍ଚ୍ଚ ୧୪ ତାରିଖ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭ-ରିଡଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳଠାରୁ ୫୦୦ ମିଟର ମଧ୍ୟରେ ସାତସଭାୟାରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି ଓ ପାଗ ଅନୁକୂଳ ସହ କୂଳକୁ ଅଲିଭରିଡଲେ କଇଁଛ ଆସୁଥିବାରୁ ଗଣଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବଡ଼ କଥା ହେଲା, କଇଁଛମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗହୀରମଥାର ସାତଭାୟା ଓ ଅନ୍ୟ କେତେକ ସ୍ଥାନରେ ଶହଶହ କଇଁଛ ମରିବା ଘଟଣା ବନ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଓବିସିସି କାମର ସମୀକ୍ଷା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

## ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିର କାମ

ପୁରୀ, ୧୪।୩ (ସମିସ): ଆଗକୁ ରଥଯାତ୍ରା। ଏହା ପୂର୍ବରୁ ପୁରୀରେ ଚାଲିଥିବା କେତେକ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଓବିସିସି ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଉଛି। ସମୀକ୍ଷା ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଥିବା ବିଭିନ୍ନ କାର୍ଯ୍ୟ, ଯଥା ବଲ୍ଲଭ ଘର, ତୁଣିଆ ମହଲ ଏବଂ ରୋଷଘର ଆନେକ୍ସି ନିର୍ମାଣ କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଘୋଷଯାତ୍ରା ପୂର୍ବରୁ ଏହି ସମସ୍ତ କାର୍ଯ୍ୟ ସମାପ୍ତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସମସ୍ତ ନୂତନ ନିର୍ମାଣ କାର୍ଯ୍ୟ ପାରମ୍ପରିକ କଳିଙ୍ଗଶୈଳୀର ସ୍ଥାପତ୍ୟକଳା ଅନୁସାରେ କରାଯିବାକୁ ଉଲ୍ଲେଖ କରାଯାଇଥିଲା।

ବୈଠକରେ ଜଗନ୍ନାଥ ବଲ୍ଲଭ ପିଲଗ୍ରିମ ସେଣ୍ଟର (ଜେବିପିସି) ଏବଂ ବାସେଳି ସାହି ଧର୍ମଶାଳାର ବକେୟା କାର୍ଯ୍ୟମାନଙ୍କ ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା। ଓବିସିସି ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରାଯିବ ବୋଲି କୁହାଯାଇଛି। ଏଥିସହ ଜଗନ୍ନାଥବଲ୍ଲଭ ପ୍ରମୋଦ ଉଦ୍ୟାନ ଓ ମାଟିତୋଟାରେ ଆଦର୍ଶ ଗୁରୁକୁଳ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳଗୁଡ଼ିକରେ ଶୀଘ୍ର ବାଉଣ୍ଡାରୀ ବାଡ଼ ଲଗାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପମାନଙ୍କ ସମୟୋପଯୋଗୀ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ। ଆସନ୍ତା ସପ୍ତାହରେ ଗଜପତି ମହାରାଜା ଏବଂ ଅନ୍ୟାନ୍ୟ ବୈଷୟିକ କମିଟି ସଦସ୍ୟମାନେ ଏହି କାର୍ଯ୍ୟମାନଙ୍କର ଅଗ୍ରଗତି ସମୀକ୍ଷା କରିବେ। ଏହି ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୪ ଦେୱାନୀ ଓ ୫୮୪ ଫୌଜଦାରୀ ମକଦ୍ଦମା ଫଇସଲା

**ସମ୍ବଲପୁର, ୧୪।୩ (ସମିସ)**

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀଙ୍କ ଆନୁକୂଲ୍ୟରେ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତରଫରୁ ଆଜି ସମ୍ବଲପୁର ଜିଲ୍ଲା ସଦର ମହକୁମାଠାରେ ଅବସ୍ଥିତ କୋର୍ଟ ଗୁଡ଼ିକରେ ଏବଂ ଜିଲ୍ଲା ଅନ୍ତର୍ଗତ ତାଲୁକସ୍ତରୀୟ କୁଚିଣ୍ଡା ଏବଂ ରେଢ଼ାଖୋଲ କୋର୍ଟ ଗୁଡ଼ିକରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଜନିତ ୧୫ଟି ମାମଲା ସମାଧାନ କରି କ୍ଷତିପୂରଣ ବାବଦକୁ ୧, ୬୧, ୪୦, ୦୦୦ ଟଙ୍କା ଦେବାପାଇଁ ଆଦେଶ ଦେଇଥିଲେ, ୮ଟି ପରିବାର ସଂକ୍ରାନ୍ତୀୟ ମାମଲାରେ ଫଇସଲା କରାଯାଇଛି, ୨୪ଟି ଦେୱାନୀ ମୋକଦ୍ଦମାର ଫଇସଲା କରାଯାଇ ୨୦, ୬୦୭, ୫୫୧.୨୨ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ୫୮୪ଟି ଫୌଜଦାରୀ ମୋକଦ୍ଦମାର ଫଇସଲା କରାଯାଇଛି। ସେହିପରି ୧୨୩ଟି ଏନ୍‌ଆଇ ଆକ୍ଟ ଫଇସଲା କରାଯାଇ ୩, ୭୨, ୨୪, ୭୧୧.୮୪ ଟଙ୍କା ଆଦାୟ କରାଯାଇଛି। ସେହିପରି ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଯୋଗଦେଇ ୧୯ଟି ପ୍ରି-ଲିଟିଗେସନ କେସ୍‌ର ଫଇସଲା କରି ୩, ୨୮, ୯୯୧ ଟଙ୍କା ଆଦାୟ କରିଛନ୍ତି ଏବଂ ରାଜସ୍ୱ ବିଭାଗରେ ୫୨୬୪ଟି କେସ୍‌ର ଫଇସଲା କରାଯାଇ ୭, ୯୨, ୨୨୭ ଟଙ୍କା ଆଦାୟ କରାଯାଇଛି। ଜଜ୍ ଲୋକ ଉପଯୋଗୀ ସେବା, ଶିଶିର କୁମାର ରଥ ଲୋକ ଉପଯୋଗୀ ସେବାବିବାଦ ୮ଟି ବିବାଦର ସମାଧାନ କରିଥିଲେ ଓ ସେହିପରି ଇ-ଚାଲାଣ ବାବଦକୁ ୧୦୭ଟି ମାମଲାର ୨, ୧୯, ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା ବୋଲି ଆର୍‌ଟିଓ, ସମ୍ବଲପୁର ଜଣାଇଥିଲେ।

ସମ୍ବଲପୁରଠାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଜିଲ୍ଲା ଜଜ ତଥା ଆଇନସେବା ପ୍ରାଧିକରଣ, ସମ୍ବଲପୁରର ଅଧ୍ୟକ୍ଷା ପ୍ରଜ୍ଞା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଜ ଦ୍ୱିତୀୟ ଏମ୍‌ଏସିଟି ସୁବ୍ରତ ମହାନ୍ତି ପ୍ରମୁଖ ବିଭିନ୍ନ ମୋଟର ଦୁର୍ଘଟଣା ଜନିତ ମୋକଦ୍ଦମା ଗୁଡିକର ସମାଧାନ, ଜଜ ଫ୍ୟାମିଲି କୋର୍ଟ ରୀନା ଚୌଧରୀ ପରିବାର ସମ୍ପର୍କୀୟ ମୋକଦ୍ଦମା ଗୁଡିକର ସମାଧାନ ଏବଂ ସିଭିଲ ଜଜ ସମାପିକା ମହାନ୍ତି, ସୋମାଲୀନ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସିଭିଲ ଜଜ ବିଭିନ୍ନ ଦେୱାନୀ ମୋକଦ୍ଦମା ଗୁଡିକର ଫଇସଲା କରିଥିଲେ। ସେହିପରି ଫୌଜଦାରୀ ମୋକଦ୍ଦମା ଗୁଡିକର ଏସ୍‌ଡିଜେଏମ୍ ଶୁଭଙ୍କର ମହାପାତ୍ର ସମେତ ସିଦ୍ଧାନ୍ତ ମିଶ୍ର, ସ୍ୱୟଂସିକ୍ତା ପତି ପ୍ରଥମ ଶ୍ରେଣୀ ଜଜ୍ ମାନଙ୍କ ଦ୍ୱାରା ଫଇସଲା କରାଯାଇଥିଲା। ସେହିପରି ତାଲୁକସ୍ତରରେ କୁଚିଣ୍ଡାଠାରେ ଅତିରିକ୍ତ ଜିଲ୍ଲା ଜଜ ଡକ୍ଟର ପ୍ରଭାକର ଗଣ୍ଡିଆ ଏବଂ ତାଲୁକସ୍ତରରେ ରେଢ଼ାଖୋଲ ଠାରେ ଅତିରିକ୍ତ ଜିଲ୍ଲା ଜଜ ପାର୍ଥସାରଥୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁରର ସଚିବ ସୌମ୍ୟା ପ୍ରଧାନ ଏବଂ ନିହାର ରଞ୍ଜନ ଲେଙ୍କା, ରେଜିଷ୍ଟ୍ରାର, ସିଭିଲକୋର୍ଟ, ସମ୍ବଲପୁର ଠାରେ ହୋଇଥିବା ଲୋକ ଅଦାଲତକୁ ପରିଚାଳନା କରିଥିଲେ।

# ଲୋକ ଅଦାଲତ ପଞ୍ଜୀକରଣ ନାଁରେ ଅସୁଲି, କେନ୍ଦ୍ର ମାଲିକ ଗିରଫ

**ସମ୍ବଲପୁର, ୧୪।୩ (ସମିସ) :** ଜାତୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ସମାଧାନ କରାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ଠକେଇ କରିଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜନସେବା କେନ୍ଦ୍ର ମାଲିକଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଲ୍ୟାପ୍‌ଟପ୍, ପ୍ରିଣ୍ଟର, ମୋବାଇଲ ସହ ୮୮ଟି ଆଧାର କାର୍ଡ ଓ ଡିଏଲଏସଏ ଫର୍ମ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ସମ୍ବଲପୁର ଟାଉନ ଥାନା ଅଧିକାରୀ ସୁବ୍ରତ ମେହେର ଉପସ୍ଥିତ ଥିଲେ।



ସାମ୍ବାଦିକ ସମ୍ମିଳନୀରେ ସୂଚନା ଅନୁଯାୟୀ, ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ), ସମ୍ବଲପୁରରେ ପିଏଲ୍‌ଭି ଭାବେ କାର୍ଯ୍ୟରତ ସରୋଜ ବାଗଙ୍କ ଲିଖିତ ଅଭିଯୋଗ ଭିତ୍ତିରେ ଟାଉନ ଥାନା କେସ୍ ନମ୍ବର ୯୦/୨୦୨୬ ଦଫା ୩୦୮(୨) / ୩୧୮(୩) / ୩୧୯(୨) ବିଏନ୍‌ଏସ୍‌ରେ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ମୁଦିପଡ଼ା ଆମ୍ବେଦକରନଗର ଅଞ୍ଚଳର ଆୟୁବ ଖାନ (୩୨) ପୀରବାବା ଛକ ନିକଟରେ 'ଆୟେସା କମ୍ୟୁନିକେଶନ' ନାମକ ଏକ ଜନସେବା କେନ୍ଦ୍ର ଚଳାଉଥିଲେ। ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ୧୪/୦୩/୨୦୨୬ ରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତ ମାଧ୍ୟମରେ ସେମାନଙ୍କ ସମସ୍ୟାର ସମାଧାନ କରିବେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୧୦୦ ଟଙ୍କା ଆଦାୟ କରି ପଞ୍ଜିକରଣ କରିଥିଲେ। ଜଣେ ୟୁଟ୍ୟୁବର୍ ଏହି ସୂଚନାକୁ ପ୍ରସାର କରିବା ଫଳରେ ଅନେକ ଲୋକ ଏହାକୁ ପ୍ରକୃତ ବୋଲି ବିଶ୍ୱାସ କରିଥିଲେ। ଫଳସ୍ୱରୂପ, ୧୦୦ ରୁ ଅଧିକ ବ୍ୟକ୍ତି ଏହି ଠକେଇ କାର୍ଯ୍ୟକଳାପର ଶିକାର ହୋଇଥିଲେ। ଅଭିଯୁକ୍ତ ଆୟୁବ ଖାନ୍‌ଙ୍କୁ ଗିରଫ କରିବାସହ ତାଙ୍କଠାରୁ ଏକ ଲାପ୍‌ଟପ, ପ୍ରିଣ୍ଟର, ମୋବାଇଲ ସହ ୮୮ଟି ଆଧାର କାର୍ଡ ଓ ଡିଏଲଏସଏ ଫର୍ମ ଜବତ କରାଯାଇଛି। ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଏସ୍‌ଡିପିଓ ଶ୍ରୀ ବାଗ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବାବେଳେ ୟୁଟ୍ୟୁବର୍‌ଙ୍କୁ ପଚରାଉଚୁରା ଚାଲିଥିବା ସେ କହିଛନ୍ତି।

## ୪୦ କେଜି ଗଞ୍ଜେଇ ଜବତ, ୩ ଗିରଫ



**ରେଢ଼ାଖୋଲ, ୧୪।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଶନିବାର ଦିନ ଚଢାଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ମଧ୍ୟପ୍ରଦେଶ ରାଜ୍ୟର ସାଗର ଜିଲ୍ଲାର ଥାନା ଖେରେଇ ଅଞ୍ଚଳର ପ୍ରବେଶ ଅହିରାୱର(୨୫), ବାବୁଲି ଚୌଧୁରୀ(୪୨) ଓ ରାଜ୍ୟ ଝାଡଖଣ୍ଡ ଜିଲ୍ଲା ଲୋହରଡ଼ଘ ଥାନା ବନ୍ଦ୍ରା ଅଞ୍ଚଳର ଅର୍ମନ୍ ଅନସାରୀ(୧୯)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍‌ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ବଡବାହାଲ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ତିନିଜଣଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ସେମାନଙ୍କ ପାଖରୁ ଦୁଇଟି ବସ୍ତାରେ ୪୦ କେଜି ବେଆଇନ ଗଞ୍ଜେଇ ଜବତ କରି ଗିରଫ କରିଥିଲେ। ଏଥିରେ ଗଞ୍ଜେଇ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଉକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜମନକିରା ରେଞ୍ଜ ଅଫିସର ନିଲମ୍ବିତ

**ଜମନକିରା, ୧୪।୩(ସମିସ):** ବାମରା ଡିଭିଜନ ଜମନକିରା ରେଞ୍ଜଅଫିସର ଲକ୍ଷ୍ମୀ ନାରାୟଣ ନାଏକଙ୍କୁ ସରକାର ମାର୍ଚ୍ଚ ୧୦ତାରିଖରୁ ମିସକଣ୍ଡକ ନେଇ ସସ୍‌ପେଣ୍ଡ କରିଥିବା ଜଣାପଡ଼ିଛି। ଆମ ଜଙ୍ଗଲ ଯୋଜନା ଭେଲୁଲେଶନ ପାଇଁ ଭୋପାଳରୁ ଦୁଇ ଜଣ ଅଧିକାରୀ ଆସି ଥିବା ବେଳେ ଜମନକିରା ରେଞ୍ଜରଙ୍କ ମଧ୍ୟରେ ମିସକଣ୍ଡକ ନେଇ ସରକାର ସସ୍‌ପେଣ୍ଡ କରିଥିବା ବେଳେ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଶ୍ରୀ ନାଏକଙ୍କ ଅବସର ଆଉ ଏକ ବର୍ଷ ରହିଥିବା ବେଳେ ଘଟଣା ପାଇଁ ଅଫିସର ସମସ୍ତ କର୍ମଚାରୀଙ୍କୁ ଶ୍ରୀ ନାଏକଙ୍କ ବିଶେରେ ଜାଣିବା ପାଇଁ ଆସି ଥିବା ଅଧିକାରୀ ପଚାରି ବୁଝିଥିଲେ।

## ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

**ସମ୍ବଲପୁର, ୧୪।୩(ସମିସ):** ହୀରାକୁଦ ସହରରେ ପ୍ରାୟ ୫୦ ହଜାର ଲୋକ ବସବାସ କରୁଛନ୍ତି। ଚିକିତ୍ସା ପାଇଁ ହୀରାକୁଦରେ ଥିବା ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସଂଖ୍ୟା ଅଭାବ ରହିଛି। ଯାହାଫଳରେ ହୀରାକୁଦବାସୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହୀରାକୁଦ ସମାଜସେବୀ କାର୍ତିକ କଲେତ ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ ଅଭିଯୋଗ କରିଛନ୍ତି।

## ଡିଏଭି ବୁର୍ଲାରେ ବିଶ୍ୱ ଖାଉଟି ଦିବସ

**ସମ୍ବଲପୁର, ୧୪।୩ (ସମିସ) :** ଡ଼ିଏଭି ବୁର୍ଲା ବିଦ୍ୟାଳୟ ପରିସରରେ ବିଶ୍ୱ ଖାଉଟି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଶାନ୍ତନୁ କୁମାର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ ସମୟରେ ବୈଦିକ ମନ୍ତ୍ର ଉଚ୍ଚାରଣ କରିବା ସହିତ ଡିଏଭି ଗାନ ପରିବେଷଣ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଖାଉଟି ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷକ ରାଜେଶ କୁମାର ଶର୍ମା, ରାହାସ ଚନ୍ଦ୍ର ହୋତା ଖାଉଟି ଦିବସ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସାହୁ, ବୀରେନ୍ଦ୍ର ବିଶ୍ୱାଳ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଆଶାରାଣୀ ପଣ୍ଡା ସଂଯୋଜନା ଓ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଆର୍ଥିକ ଓ ଉଦ୍ୟୋଗୀ କ୍ଲବ୍ ପକ୍ଷରୁ ଉତ୍ସବ ଆୟୋଜନ କରାଯାଇଥିଲା।

## ହୋମିଓପାଥି ଛାତ୍ରଙ୍କ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ସମ୍ବଲପୁର, ୧୪।୩(ସମିସ):** ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି, ରିସର୍ଚ୍ଚର ଛାତ୍ର ସଂଘ ଏବଂ ଏନ୍‌ଏସ୍‌ଏସ୍ ୟୁନିଟ୍ ତରଫରୁ ଭାଲୁବହାଲସ୍ଥିତ ବୈଦିକ କଲେଜରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଅନୁଷ୍ଠିତ ହୋଇଛି। କଲେଜର ଅଧ୍ୟକ୍ଷ ଡ.ଦିପ୍ତିକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଛାତ୍ର ସଂଘ ଉପଦେଷ୍ଟା ଡ଼ ଅରୂପ ଆନନ୍ଦ ଦାସ ଏବଂ ଡ଼ ନିବେଦିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ତଥା ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।




## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୧୪।୩(ସମିସ):** ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଜୁପଟ୍ଟନାୟକ ପ୍ରେକ୍ଷାଳୟରେ ଆୟୋଜିତ ଜାତୀୟ ସଂହତି ଶିବିର ଅନୁଷ୍ଠିତ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ଏନଏସଏସ ଯୁବ ଅଧିକାରୀ ଅଜିତ କୁମାର ଖୁସଓ୍ୱା ମାଏ ଭାରତ ପୋର୍ଟାଲ, ନେତୃତ୍ୱ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଅମିୟ କୁମାର ପଟେଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶିକା ଡ.ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ ଯୁବ ଅଧିକାରୀ ଅଜିତ କୁମାର ଖୁସଓ୍ୱା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଡ ବିରେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଶିବିରରେ ବିହାର, ହରିୟାଣା, ତେଲେଙ୍ଗାନା, ଉତ୍ତରପ୍ରଦେଶ, ଆସାମ, ଝାରଖଣ୍ଡ, ଗୁଜୁରାଟ, ମଧ୍ୟ ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, କର୍ଣ୍ଣାଟକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର ଓଡ଼ିଶାର ୨୨୦ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେଇଥିଲେ। ଯୁବମାନଙ୍କ ମଧ୍ୟରେ ଏକତା ଓ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା, ରାଷ୍ଟ୍ର ନିର୍ମାଣରେ ଯୁବମାନଙ୍କ ଭୂମିକା, ବିବିଧତା ମଧ୍ୟରେ ଏକତା, ନିସ୍ୱାର୍ଥପର ସମାଜ ସେବା ଉପରେ ଆଲୋଚନା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଡ. ଯୋଗମାୟା ପଣ୍ଡା, ଡ଼ ପ୍ରତାପ ଚନ୍ଦ୍ର ପଣ୍ଡା, ଡ଼ ରଘୁନାଥ ମଣ୍ଡଳ ଅତିଥି ରୂପେ ଉପସ୍ଥିତ ଥିଲେ। ଏଥିରେ କୋରକମିଟିର ସଦସ୍ୟ ଶାନ୍ତନୁ ପଧାନ, ରାଜୀବ ସାହୁ, ଦିବ୍ୟକାନ୍ତି ବିଲୁଙ୍ଗ, ସୁଶାନ୍ତ କୁମାର ପଟେଲ, ଡ. ଅଜିତ କୁମାର ନାଥ, ପ୍ରତୀକ୍ଷା ସେଠ, ଡ.ସିଦ୍ଧାନ୍ତ ମହାନ୍ତି, ଡ. ପୁଷ୍ପାଞ୍ଜଳି ରାବଣା, ଡ. ମହେନ୍ଦ୍ର ଧରୁଆ, ଡ. ଏସ.ରମାଦେବୀ, ଡ଼ ହରିଦାସ ମହନ୍ତ, ଡ. ଉଡୁଚି, ବିନୋଦ କୁମାର ପୃଷେଠ, ସୁରେଶ କୁମାର ଏକ୍କା, ଲଳିତ କୁମାର ରାଉଳ, ନିର୍ମଳ କୁମାର ବରଗ୍ରି, ଜ୍ୟୋତି କୁମାର ମିଞ୍ଜ, ଏସ. କେ ଫାଇଜାନ ପ୍ରମୁଖ ଶିବିରକୁ ସହଯୋଗ କରିଥିଲେ।



### କାର୍ ଧକ୍କାରେ ଜଣେ ମହିଳା ମୃତ, ୮ ଗୁରୁତର

## ଗୁରୁତରଙ୍କ ଚିକିତ୍ସା ଦାବିରେ ରାସ୍ତାରୋକ

**କୁଚିଣ୍ଡା, ୧୪।୩(ସମିସ):** କାର୍ ଧକ୍କାରେ ଗୁରୁତରଙ୍କ ଚିକିତ୍ସା ଦାବି ନେଇ ରାସ୍ତାରେ ଶବ ରଖି ରାସ୍ତା ରୋକ କଲେ ଗ୍ରାମବାସୀ। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କଦୋପଡ଼ା ଠାରେ କୁଚିଣ୍ଡା-ବଣେଇଁ ରାସ୍ତା ଅବରୋଧ କରିଥିଲେ କଦୋପଡ଼ା ଗ୍ରାମବାସୀ। ଗତ ୧୩ ତାରିଖ ବିଳମ୍ବିତ ରାତିରେ ଯାତ୍ରା ଦେଖି ଫେରୁଥିବା ବେଳେ, କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଥିଲେ। ଉକ୍ତ ଦୁର୍ଘଟଣାରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ, ୪ ଜଣ ଗୁରୁତର ଓ ୪ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ବେଳେ, ଆହତ ୪ଜଣ କୁଚିଣ୍ଡା ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ମୃତ ଓ ଗୁରୁତର ସମସ୍ତେ ଟାଇଁସର ନିକଟ କଦୋପଡ଼ା ଗ୍ରାମର ଥିଲେ, ଘଟଣା ପରେ ମହୁଲପାଲି ଥାନା କୁସୁମୀ ଫାଣ୍ଡିର କଦପଡ଼ା ଠାରେ ଗ୍ରାମବାସୀ ଗୁରୁତରଙ୍କ ଚିକିତ୍ସା ଦାବିରେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଥିବାରୁ ପୁଲିସ ଓ କୁଚିଣ୍ଡା ଏସ୍‌ଡିପିଓ ଉପସ୍ଥିତ ରହି ବୁଝାସୁଝା କରିଥିବା ବେଳେ ପରେ ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାସୁଝା ସହ ଆହତଙ୍କୁ ଚିକିତ୍ସା କରାଇବା ଓ ରେଡ଼କ୍ରସରୁ ଟଙ୍କା ଦେବାପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ରାସ୍ତାରୋକ ହଟିଥିଲା।



# ୨୧ରୁ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ'

**ସମ୍ବଲପୁର, ୧୪।୩ (ସମିସ):** ଶ୍ରୀକଲ୍‌ଚରାଲ୍ ଆସୋସିଏସନ୍, ସମ୍ବଲପୁର ଆନୁକୂଲ୍ୟରେ ଆସନ୍ତା ୨୧ ତାରିଖରୁ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆୟୋଜିତ ହେବ ତିନିଦିନିଆ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ'। ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଥିବାବେଳେ ଏଥିରେ ସହଯୋଗ କରୁଛନ୍ତି ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ। ନାଟ୍ୟ ଉତ୍ସବରେ ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରେ ଅତି ସଂକ୍ଷିପ୍ତ ସଭା କାର୍ଯ୍ୟପରେ ଦେଶର ଲବ୍ଧପ୍ରତିଷ୍ଠିତ ନାଟ୍ୟ ସଂସ୍ଥାମାନଙ୍କ ଦ୍ୱାରା ଗୋଟିଏ ପୂର୍ଣ୍ଣାଙ୍ଗ ନାଟକ ପ୍ରଦର୍ଶିତ ହେବ ବୋଲି ଶ୍ରୀକଲ୍‌ଚରାଲ୍ ଆସୋସିଏସନ୍‌ର ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ୨୨ ତାରିଖ ପୂର୍ବାହ୍ନରେ ଏକ ନାଟ୍ୟ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ଡକ୍ଟର ଶ୍ୟାମସୁନ୍ଦର ଧର ଓ ପ୍ରଫୁଲ୍ଲ କୁମାର ହୋତା ମଞ୍ଚାସୀନ ଥିଲେ। ୨୧ ତାରିଖ ଉଦ୍‌ଘାଟନୀ ସନ୍ଧ୍ୟାରେ ଲାବଣ୍ୟ ଥିଏଟର, ଭୁବନେଶ୍ୱର ଦ୍ୱାରା ପ୍ରଦର୍ଶିତ ହେବ ଡକ୍ଟର ନାରାୟଣ ସାହୁଙ୍କ ରଚିତ ଓ ସତ୍ୟ ଜେନାଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଅନାଗତ'। ଦ୍ୱିତୀୟ ଦିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେକ୍‌ଟୁଏଲ ଥିଏଟର ଆର୍ଟସ୍, କୋଲାକାତା, ପଶ୍ଚିମବଙ୍ଗ ଦ୍ୱାରା ବଙ୍ଗଳା ନାଟକ 'ଡଲିଆ' ପ୍ରଦର୍ଶିତ ହେବ। ଏହି ନାଟକରେ ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋରଙ୍କ ମୂଳ କାହାଣୀକୁ ନାଟ୍ୟରୂପ ଦେଇଛନ୍ତି ହୃଷିକେଶ ସୁଲଭ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଦେବାଶିଷ ଦତ୍ତ। ଶେଷ ରଜନୀ ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଦାମୁର୍'। ଏହାକୁ ପରିବେଷଣ କରିବେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ, ଖଡ଼ିଆଳ, ନୂଆପଡ଼ାର କଳାକାରମାନେ। ଜାତୀୟ ନାଟ୍ୟ ଉତ୍ସବ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନାଟ୍ୟ ସମ୍ମାନ ପ୍ରଦାନ କରାଯିବ। ସମ୍ବଲପୁରର ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡାଙ୍କୁ 'ଶ୍ରୀ ନାଟ୍ୟ ସମ୍ମାନ' ପ୍ରଦାନ କରାଯିବାକୁ ଥିବାବେଳେ ଅଭିନେତ୍ରୀ ସାଧନା ବହିଦାରଙ୍କ ସ୍ମୃତିରେ ବରଗଡ଼ର ବିଶିଷ୍ଟ ଅଭିନେତ୍ରୀ କନକ ଡନ୍‌ସନାଙ୍କୁ 'ସାଧନା ସମ୍ମାନ' ଏବଂ ସୁନ୍ଦରଗଡ଼ର ବିଶିଷ୍ଟ ମଞ୍ଚ ଅଭିନେତା ବିଜୟ କୁମାର ମହାରଣାଙ୍କୁ 'ଡ. ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

ଜାତୀୟ ନାଟ୍ୟ ଉତ୍ସବ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିଛି। ନାଟ୍ୟପ୍ରେମୀ, ଦର୍ଶକ ଓ ସମ୍ବଲପୁର ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।




## ପଞ୍ଚମୁଖୀ ଯୁବକ ସଂଘର କ୍ୟାରମ୍ ଚାମ୍ପିଅନସିପ୍




**ସମ୍ବଲପୁର, ୧୪।୩(ସମିସ):** ଧନୁପାଲି ପଞ୍ଚମୁଖୀ ଯୁବକ ସଂଘ ପକ୍ଷରୁ ସମ୍ବଲପୁର ଜିଲ୍ଲା କ୍ୟାରମ୍ ସଂଘ ସହଯୋଗରେ ସ୍ୱର୍ଗତ ଅଭୟ ପଟ୍ଟନାୟକଙ୍କ ସ୍ମୃତିରେ ଜିଲ୍ଲାସ୍ତରୀୟ ଓପନ କ୍ୟାରମ୍ ଚାମ୍ପିଅନସିପ୍ (ଡବଲ୍ସ) ଶନିବାର ଆଦିତ୍ୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ପଞ୍ଚମୁଖୀ ଯୁବକ ସଂଘର ପରାମର୍ଶଦାତା ରାଜେନ୍ଦ୍ରପାଣ୍ଡା, ବରିଷ୍ଠ ବିଜେଡିନେତା ଦେବନ ପତି ଓ ସ୍ୱର୍ଗତ ଅଭୟ ପଟ୍ଟନାୟକଙ୍କ ପୁତ୍ର ଶୋଭନ ପଟ୍ଟନାୟକ ଅତିଥି ଭାବେ ଯୋଗେ ଦେଇଥିଲେ। ଏସ୍. କେ. ଅବ୍ଦୁଲ୍ଲା ଓ ଲୋକେଶ୍ୱର ରାଓ ମ୍ୟାଚ ପରିଚାଳନା କରୁଛନ୍ତି। ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିବା ବେଳ ଫାଇନାଲ୍ ମ୍ୟାଚ୍ ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଅନିଲ ମିଶ୍ର, ପ୍ରଦୀପ ପାଢ଼ୀ, ଅର୍ପଣ ପ୍ରଧାନ, ବିକାଶ ମିଶ୍ର, ଶରତ୍ ଚନ୍ଦ୍ର ପାଢ଼ୀ, ରାହୁଲ ଠାକୁର, ବିବେକାନନ୍ଦ ନାୟକ, କାହ୍ନୁରାମ ଶର୍ମା ଓ ବଂଶୀଧର ବେହେରା ପ୍ରମୁଖ ସହ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରଞ୍ଜିତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଲୋକ ଅଦାଲତରେ ବିଦ୍ୟୁତ୍ ବିଲ୍‌କୁ ନେଇ ଉତ୍ତେଜନା

**ସମ୍ବଲପୁର, ୧୪।୩ (ସମିସ)**

ସମ୍ବଲପୁରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଲୋକ ଅଦାଲତରେ ବିଦ୍ୟୁତ ବିଲ୍ ପଇଠକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉପଭୋକ୍ତା ମାନଙ୍କୁ ବିଦ୍ୟୁତ୍ ବିଲ୍ ମାମଲା ସମାଧାନ ପାଇଁ ହାଜର ହେବାକୁ ନୋଟିସ ଦିଆଯାଇଥିବାବେଳେ ବହୁ ସଂଖ୍ୟାରେ ଲୋକ ସେଠାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ୱେସ୍କୋ ସମୟରୁ ଲକ୍ଷ ଲକ୍ଷ ଟଙ୍କା ବକେୟା ମଧ୍ୟ ରହିଥିବା ଦେଖାଯାଇଥିଲା। ତେବେ, ଲୋକ ଅଦାଲତରେ ଭାଗନେଇ ଟିପିଡବ୍ଲୁଓଡିଏଲ୍ ସମସ୍ୟାର ସମାଧାନ ନକରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଦ୍ୟୁତ୍ ଉପଭୋକ୍ତାମାନେ କୋର୍ଟ ସମ୍ମୁଖରେ ଧାରଣାରେ ବସି ଟାଟା ପାୱାର ବିରୋଧରେ ନାରାବାଜି କରିଥିଲେ। ଟାଟା ପାୱାର ମନମାନି କରି ବିଦ୍ୟୁତ୍ ବିଲ୍ ବୃଦ୍ଧି କରୁଥିବା ଅଭିଯୋଗ କରିବାସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଉଥିବା ଲୋକେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ତୋଫାନ ବାଗ ଓ ପୁଲିସ ଅଧିକାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ।



ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ୧୪ ତାରିଖ ଜନସାଧାରଣ ତଥା ଏହାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଲୋକ ଅଦାଲତରେ ସାମିଲ ହୋଇ ବିଚାରାଧୀନ ରହିଥିବା ସମସ୍ତ ପ୍ରକାର ଅନାଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କରାଇ ନେବାକୁ ସୂଚିତ କରାଯାଇଥିଲା। ଏହାକୁ ନେଇ ବହୁସଂଖ୍ୟାରେ ଲୋକ ଜିଲ୍ଲା ଅଦାଲତଠାରେ ସେମାନଙ୍କ ପୁରୁଣା ବିଲ୍ ଓ ଅନ୍ୟ ତଥ୍ୟ ନେଇ ହାଜର ହୋଇଥିଲେ। ଉପଭୋକ୍ତା ମାନଙ୍କ ପାଖକୁ ୨୧ ହଜାର, ୩୫ ହଜାର, ୪୫ ହଜାର ଆଦି ବକେୟା ଥିବା ଏବଂ ଲୋକ ଅଦାଲତରେ ହାଜର ହୋଇ ଏହାର ସମାଧାନ କରିବାକୁ ନୋଟିସ ଆସିଥିଲା। ସେମାନେ ନୋଟିସ ପାଇ ବୁଝାମଣା କରି ପଇଠ କରିବାକୁ ଆସିଥିବା ବେଳେ ଟାଟା ପାୱାର କର୍ମଚାରୀମାନେ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପୁଣି ଜଣେ ୮୦ ବର୍ଷ ବୟସ୍କ ବୃଦ୍ଧ ଚାଲି ପାରୁନଥିବାବେଳେ ନୋଟିସ ଯାଇଥିବାରୁ ସେ ତାହାର ସମାଧାନ ପାଇଁ ଆସିଥିଲେ, ତେବେ କର୍ମଚାରୀ ନଥିବାରୁ ଫେରିଯାଇଥିଲେ। ମାତ୍ର ୨୧ ହଜାର ଟଙ୍କା ବକେୟା ଥିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାବେଳେ ସେମାନଙ୍କ ପୁଅଝିଅ ପରୀକ୍ଷା ସମୟରେ ପାଠ କେମିତି ପଢ଼ିବେ ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ଘର ମାନଙ୍କରେ ରୋଗୀଣା ବାପାମା' ରହିଛନ୍ତି ସେମାନେ କେମିତି କରିବେ? ଗରିବ ମହିଳାମାନେ ସେମାନଙ୍କ ୱେସ୍କୋ ସମୟର ଦେଢ଼ ଲକ୍ଷ, ଅଢ଼େଇ ଲକ୍ଷ, ଚାରି ଲକ୍ଷ ଟଙ୍କାର ବକେୟା ତୁରନ୍ତ ପଇଠ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ କରିବାସହ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ କୁହାଯାଇଛି ଯେ, ପୂର୍ବରୁ ଲୋକ ଅଦାଲତ ହେବ ବୋଲି ପ୍ରେସ ବିଜ୍ଞପ୍ତି ଦିଆଯାଇଥିଲା। ଏଇଟା ପ୍ରଥମଥର ନୁହେଁ, ଚତୁର୍ଥଥର ପାଇଁ ଲୋକ ଅଦାଲତ ହେଉଛି ଏବଂ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ସେକ୍ସନ କାର୍ଯ୍ୟାଳୟରେ ଏହି ଅଦାଲତ ଅନୁଷ୍ଠିତ ହୋଇଯାଇଛି।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତାକାମ

## ଗ୍ରାମବାସୀଙ୍କ ବିରୋଧ

**ବରଗଡ଼, ୧୪।୩(ସମିସ):** ବରଗଡ଼ ବ୍ଲକର ବଗେଇବିରା ଆର୍‌ଡି ରାସ୍ତା ଫୁଟବଲ ଫିଲ୍ଡ ଛକ ଠାରୁ ବେଲବାହାଲି, ପର୍ଯ୍ୟନ୍ତ ମୋଟ ୯.୫ କିମିର ରାସ୍ତା କାମ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧୀନରେ ହେଉଛି। ଏହାର ଅଟକଳ ପରିମାଣ ୭୪୮.୭୬ ଲକ୍ଷ ଟଙ୍କା ରହଛି। କାର୍ଯ୍ୟ ଆରମ୍ଭ ୨୦୨୫ରୁ ହୋଇଥିବା ବେଳେ କାର୍ଯ୍ୟ ଶେଷ୍ ୨୦୨୬ରେ ରହିଛି। ଏଥିପାଇଁ ଠିକାଦାରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଜନ, ବରଗଡ଼ ଠିକା ଦେଇଛନ୍ତି। ଏହିରାସ୍ତା ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥା ବ୍ୟାପକ ଅନିୟମିତତା କରି ଅତ୍ୟନ୍ତ ତରବରିଆ ଭାବେ ନିମ୍ନମାନର ପିଚୁ କାମ କରିଥିବା ବଗେଇବିରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏସଡିଓ ଡମ୍ବରୁଧର ପ୍ରଧାନଙ୍କୁ ଅଭିଯୋଗ କଲେ କହୁଛନ୍ତି ଆମେ କାମ ଦେଖୁଛୁ ଭଲ କାମ ହେଉଥିବା କହୁଛନ୍ତି ଏସଡିଓ ଓ ସରକାରୀ ଯନ୍ତ୍ରୀ। ପିଚୁଗୁଡିକ ଉଠି ଯାଉଛି।୨୬ ଏମ୍‌ଏମ୍ ପିଚୁ ଥିବା କହୁଛନ୍ତି, ହେଲେ ୨୬ ଏମ୍‌ଏମ୍ ପିଚୁରାସ୍ତାର ସବୁ ଆଡେ ନାହିଁ।



ଏ ସକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଅଧିକାରୀ ମାନେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ବରଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ପାଇଁ ସଜବାଜ ହେଉଥିବା ଜଣାପଡୁଛି। ଏହିରାସ୍ତା ଦେଇ ନିତିଦିନ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଯାଆନ୍ତି। ଏହିରାସ୍ତାରେ ୨ଟି ରାଇସ ମିଲ୍ ଅଛି ସବୁବେଳେ ଓଭର ଲୋଡିଂ ଧାନ ଚାଉଳ ବୋଝେଇ ଟ୍ରକ୍ ଆସୁଛି। ଏହିରାସ୍ତାଦେଇ ବାଲି ବୋଝେଇ ହାଇୱା ମଧ୍ୟ ଯାଉଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ଗ୍ରାମବାସୀଙ୍କ ଯିବା ଆସିବାରେ ସୁବିଧା ହେବ ବୋଲି ଗ୍ରାମବାସୀଙ୍କ ମତ ପ୍ରକାଶ କରିଛନ୍ତି।

# ବରଗଡ଼ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼, ୧୪।୩(ସମିସ)**

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ, ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୧୪ରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ଚନ୍ଦନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ୩, ୫୩୦ଟି ପ୍ରାକ୍ ମକଦ୍ଦମାର ବିଚାର ପାଇଁ ବିଭିନ୍ନ ବ୍ୟାଙ୍କ କାର୍ଯ୍ୟାଳୟରୁ, ୯୨୪ଟି ବିଚାରଧିନ ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତରୁ ଏବଂ ୮, ୨୦୦ଟି ବିଚାରଧିନ ମାମଲାର ବିଚାର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ୩୧୯ଟି ପ୍ରାକ୍ ମାମଲା, ୨୧୯ଟି ବିଚାର ବିଭାଗୀୟ ବିଚାରଧିନ ମାମଲା ଏବଂ ୬, ୩୮୯ଟି ଜିଲ୍ଲାପାଳଙ୍କ ରାଜସ୍ୱ ବିଚାରଧିନ ମକଦ୍ଦମାର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୬୨, ୬୭, ୨୮୫ ଟଙ୍କା ଏବଂ ବିଚାର ବିଭାଗୀୟ ବିଚାରଧିନ ମାମଲା ବାବଦକୁ ୨, ୭୨, ୫୫, ୯୪୩ ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତରେ ୨୨ଟି ମୋଟର ଦୁର୍ଘଟଣା ଜନିତକ୍ଷତିପୂରଣ ମୋକଦ୍ଦମା ମାମଲାର ଆପୋସ ସମାଧାନ କରାଯାଇ ୧, ୫୮, ୩୮, ୦୦୦ ଟଙ୍କା ପ୍ରଦାନ କାରାଗଲା। ଲୋକ ଅଦାଲତକୁ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅନୁପ ଚନ୍ଦନ ଏବଂ ଭାରପ୍ରାପ୍ତ ସଚିବ ଦିଗ୍ ବିଜୟ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ପାରିବାରିକ ଅଦାଲତର ବିଚାରପତି ମାନସରଞ୍ଜନ ରଥ, ଅତିରିକ୍ତ ଜିଲ୍ଲା ବିଚାରପତି ପ୍ରିୟରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ବରିଷ୍ଠ ଦେବାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ)




ପ୍ରଜ୍ଞା ପୂଜାପ୍ରଦା, ବରିଷ୍ଠ ଦେବାନୀ ବିଚାରପତି ବର୍ଷା ଶର୍ମା, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ ଏବଂ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ରତୁପର୍ଣା ଦାସ ବିଭିନ୍ନ ଅଦାଲତଗୁଡ଼ିକୁ ପରିଚାଳନା କରିଥିଲେ। ଜିଲ୍ଲା ଓ ଦୌରାଜଜ୍ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ସୁଧିର ପୁରୋହିତ ଓ ନିଧୁବନ ବିହାରି ପ୍ରସାଦ ପଣ୍ଡା, ପାରିବାରିକ ଅଦାଲତରେ ବରିଷ୍ଠ ଆଇନଜୀବୀ ଯୁଗଳ ପ୍ରସାଦ ସିଂ, ଅତିରିକ୍ତ ଜିଲ୍ଲା ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ଶିରିଶ ବଲ୍ଲଭ ମିଶ୍ର, ବରିଷ୍ଠ ଦେବାନୀ ଅଦାଲତରେ ବରିଷ୍ଠ ଆଇନ୍‌ଜୀବୀ ଚିତରଞ୍ଜନ ପଣ୍ଡା, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ)ରେ ଆଇନ ଆଇନ୍‌ଜୀବୀ ମହେନ୍ଦ୍ର ସାହୁ, ବରିଷ୍ଠ ଦେବାନୀ ବିଚାରପତି ଅଦାଲତରେ ଆଇନଜୀବୀ ଦେବାଶିସ ମିଶ୍ର, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଆଇନ୍‌ଜୀବୀ ମାନଭଞ୍ଜନ ତ୍ରିପାଠୀ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅଦାଲତ ତରେ ଆଇନ୍‌ଜୀବୀ କିରଣ ମିଶ୍ର ଅଦାଲତ ଗୁଡ଼ିକୁ ପରିଚାଳନା କରିଥିଲେ ପ୍ରମୁଖ ସହଯୋଗ କରିଥିଲେ। ପ୍ରାଧିକରଣ ଅର୍ନ୍ତଭୁକ୍ତ ଆଇନ୍‌ଜୀବୀ, ଜିଲ୍ଲା ଓକିଲ ସଂଘର ବରିଷ୍ଠ ଆଇନ୍‌ଜୀବୀ ଓ ଯୁବ ଆଇନ୍‌ଜୀବୀ, ପୁଲିସ ଅଧିକାରୀ ମାନେ, ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀ ମାନେ ଉପରୋକ୍ତ ଲୋକ ଅଦାଲତ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ।

### ଦୁଇ ଶିଶୁକନ୍ୟାଙ୍କୁ କୂଅରେ ପକାଇ ହତ୍ୟା ଘଟଣା

# ଅଭିଯୁକ୍ତ ମାଆର ଆତ୍ମହତ୍ୟା

**କୁଚିଣ୍ଡା, ୧୪।୩(ସମିସ):** ନିଜ ୨ ଶିଶୁଙ୍କୁ କୁଅଁରେ ବୁଡ଼ାଇ ହତ୍ୟା କରିଥିବା ମାଆ ଜରାବଗା ପଞ୍ଚାୟତ ଦୁମୁକୁ ନିକଟ ଜଙ୍ଗଲରେ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ରହିଛି। ସୂଚନା ଅନୁସାରେ ଶୁକ୍ରବାର ଦିନ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଜରାବଗା ପଞ୍ଚାୟତ ସର୍ଗିଡିହି ଗ୍ରାମର ଜେମେସ ମାଡ଼କିଙ୍କ ସ୍ତ୍ରୀ ସଞ୍ଜୁ ମାଡ଼କି ନିଜ ୫ ବର୍ଷର ଶିଶୁକନ୍ୟା ସୁହାନା ଓ ୪ ମାସର ଶିଶୁ କନ୍ୟାଙ୍କୁ ଘର ପାଖ କୂଅରେ ପକାଇ ଫେରାର ମାରିଥିବା ବେଳେ ଉଭୟ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଶନିବାର ସକାଳେ ଅଭିଯୁକ୍ତ ମାଆ ସଞ୍ଜୁଙ୍କ ମୃତଦେହ ନିକଟସ୍ଥ ଜଙ୍ଗଲରେ ଏକ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିବା ସୂଚନା ରହିଛି। ପ୍ରାଥମିକ ତଦନ୍ତ ରୁ ସେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ନେଇ ପୁଲିସ ଅନୁମାନ କରିଥିବା ବେଳେ ମହୁଲପାଲି ପୁଲିସ ଏସଆଇ ସୁଜିତ୍ ମହନ୍ତ ଘଟଣାର ଯାଞ୍ଚ ଜାରି ରଖିଛନ୍ତି। ନିଜ ଜନ୍ମ କଲା ୨ ଶିଶୁ କନ୍ୟାଙ୍କ ହତ୍ୟା ପରେ ମାଆ ନିଜେ ଆତ୍ମହତ୍ୟା କରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ସଞ୍ଜୁଙ୍କ ମାନସିକ ଅବସ୍ଥା ଠିକ୍ ନଥିବା ତାଙ୍କ ପରିବାର ଲୋକ କହୁଥିବା ବେଳେ ପୁଲିସ ଏହାର ବିଭିନ୍ନ ଦିଗ ନେଇ ଯାଞ୍ଚ ଆରମ୍ଭ କରିଛି।

### ୨୮ ବର୍ଷର ପରମ୍ପରା

# ଷୋହଳ ପ୍ରହର ନାମଯଜ୍ଞ

**ବରଗଡ଼, ୧୪।୩(ସମିସ):** ବରଗଡ଼ ୱାର୍ଡ ନମ୍ବର ୧୦ ରାଧାକୃଷ୍ଣଙ୍କ ମନ୍ଦିର ସମ୍ମୁଖରେ ବିଗତ ୨୮ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଛି ଷୋହଳ ପ୍ରହରୀ ନାମଯଜ୍ଞ। ପଡ଼ାବାସୀଙ୍କ ସହଯୋଗରେ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇ ଉଠିଛି। ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପୌର ପରିଷଦ ଉପାଧ୍ୟକ୍ଷ ରାଜେଶ୍ ଅଗ୍ରୱାଲ, କାଉନସିଲର ଉମା ଚରଣ ରାଉତ ପ୍ରମୁଖ ସାମିଲ ହୋଇ ଆଶୀର୍ବାଦ ନେଇଥିଲେ। ଅଶୋକ ଦାଶ, କିଶୋର ଚନ୍ଦ୍ର ଦାଶ, ଶୈଳେଶ ନାଏକ, ଅଗ୍ନି ଭୋଇ, ଈଶ୍ୱର ଚନ୍ଦ୍ର ନାଏକ, ଗୋବିନ୍ଦ ପାଣିଗ୍ରାହୀ, ଦିଲିପ ଦାଶ, ସୂର୍ଯ୍ୟ ପଣ୍ଡା, ସତ୍ୟ କର, ସନ୍ତୋଷ ପରିଡ଼ା, ପାପୁ ଦାଶ, ମହୋନ ଦାଶ, ଦିପାନ ପଣ୍ଡା, ମୁନୁ ବାଗ, ଙ୍କ ସମେତ ପଡ଼ା ବାସୀ ସମସ୍ତଙ୍କ ସହଯୋଗରେ ବିଗତ ୨୮ ବର୍ଷ ଧରି ଏହି ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି।

# କୈବର୍ତ୍ତ ସମାଜରୁ ପ୍ରଥମ ଚକ୍ଷୁଦାନ



**ସମ୍ବଲପୁର, ୧୪।୩ (ସମିସ) :** ବଡ଼ବଜାର କେଉଁଟପଡ଼ା ଅଧିବାସୀ ସ୍ୱର୍ଗତ ୱାନଜି ନାଏକଙ୍କ ପତ୍ନୀ କାନ୍ତି ନାଏକଙ୍କ ୭୦ବର୍ଷ ବୟସରେ ତାଙ୍କ ବାସଗୃହରେ ଦେହାନ୍ତ ହୋଇଯାଇଥିଲା। ସମାଜର ବ୍ୟକ୍ତିମାନଙ୍କ ମଧ୍ୟରେ ଅନେକ ଆଲୋଚନା ପରେ ତାଙ୍କ ପରିବାର ଚକ୍ଷୁଦାନ ପାଇଁ ସହମତି ପ୍ରକାଶ କରି ଚକ୍ଷୁ ସଂଗ୍ରହ ନିମନ୍ତେ 'ଜ୍ୟୋତି' ଅନୁଷ୍ଠାନ ସହ ଯୋଗାଯୋଗ କରିଥିଲେ। ବୁର୍ଲା ଚକ୍ଷୁ ବ୍ୟାଙ୍କର ଡାକ୍ତର ଅଜୟ ସିଂହ, ଡାକ୍ତର ଅପର୍ଣ୍ଣା ପାଢ଼ୀ, ଚକ୍ଷୁ ସଂଗ୍ରହ ସହାୟକ ସୁରେଶ ଚନ୍ଦ୍ର ତ୍ରିପାଠୀ ଆସି ଚକ୍ଷୁ ସଂଗ୍ରହ କରିଥିଲେ। ତାଙ୍କ ପୁଅ ସରୋଜ ନାଏକ, ଝିଅ ଲିଲି ନାଏକ, 'ଜ୍ୟୋତି' ଅନୁଷ୍ଠାନର ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀ, ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ସରୋଜ ସାହୁ ପ୍ରମୁଖ ଚକ୍ଷୁ ସଂଗ୍ରହରେ ସହଯୋଗ କରିଥିଲେ। ସମ୍ବଲପୁର କୈବର୍ତ୍ତ ସମାଜରୁ ଏହା ପ୍ରଥମ ଚକ୍ଷୁଦାନ ଥିଲା ବୋଲି ସୂଚନା ମିଳିଛି।

# ବଜାରରେ ବହଳ କଢ଼ର ପସରା

**ପଦ୍ମପୁର, ୧୪।୩(ସମିସ):** ପଦ୍ମପୁର ସାପ୍ତାହିକ ବଜାର ସମେତ ବ୍ଲକର ବିଭିନ୍ନ ସାପ୍ତାହିକ ବଜାରରରେ ବହଳ କଢ଼ ବିକ୍ରି ହେବା ସହିତ ଏହା ଗ୍ରାହକଙ୍କ ପସନ୍ଦ ହୋଇଛି। ରତୁ କାଳୀନ ଏହି ଜଙ୍ଗଲଜାତ ଦ୍ରବ୍ୟ ଖାଉଟିଙ୍କୁ ଆକୃଷ୍ଟ କରୁଛି। ଚାହିଦା ଦୃଷ୍ଟିରୁ ଏହା କିଲୋପ୍ରତି ପ୍ରତି ୩୦୦/୪୦୦ ଟଙ୍କା ଥିବା ବେଳେ ଏବେ ୧୫୦/୨୦୦ ଟଙ୍କାରେ ବିକ୍ରି ହେଉଛି। ତଥାପି ଗ୍ରାହକ ମାନେ ଦରକୁ ଖାତିର ନ କରି ଅତି ଆଦରରେ କିଣି ନେଉଛନ୍ତି। ଗ୍ରାମାଞ୍ଚଳର ମହିଳା ଓ ପୁରୁଷ ମାନେ ଏହା ବିକ୍ରି କରି ବେଶ ଦୁଇପଇସା ରୋଜଗାର କରୁଛନ୍ତି। ପଦ୍ମପୁର ବ୍ଲକର ବୁଢ଼ା ଡଙ୍ଗର, ଝାଞ୍ଜି ପାହାଡ, ତଥା ଗନ୍ଧମାର୍ଦ୍ଦନ ଜଙ୍ଗଲ ଅଞ୍ଚଳରୁ ଏହା ସଂଗ୍ରହ ହୋଇ ବଜାରକୁ ବିକ୍ରି କରିବା ପାଇଁ ଆସିଥାଏ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କାଂଶୀରାମଙ୍କ ଜୟନ୍ତୀ



**ସମ୍ବଲପୁର, ୧୪।୩(ସମିସ):** ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କାଂଶୀରାମଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁସୂଚିତ ଜାତି ବିଭାଗ ଆନୁକୂଲ୍ୟରେ ହୋଇଥିବା ସମାବେଶରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ୍ ଗୁରୁ ଅତିଥି ଭାବେ ଯୋଗ ଦେଇ କାଂଶୀରାମଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନୁସୂଚିତ ଜାତି ବିଭାଗର ଜିଲ୍ଲା ସଭାପତି ପ୍ରମୋଦ କୁମାର ଛୁରିଆ ସଭାପତିତ୍ୱ କରି ସଭାକୁ ପରିଚଳନା କରିଥିଲେ। ନବନିଯୁକ୍ତ ଅନୁସୂଚିତ ଜାତି ବିଭାଗର ସାଧାରଣ ସମ୍ପାଦକ ସତ୍ୟନାରାୟଣ ସେନାପତି, ତାପସ କୁମାର ଓ ସମ୍ପାଦକ କୃଷ୍ଣ ନାଏକଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଜିଲ୍ଲା କଂଗ୍ରେସ କମିଟିର ମନରେଗା ସଂଯୋଜକ ଜିତେନ୍ଦ୍ର ପ୍ରଧାନ, ପିସିସି ସମ୍ପାଦକ ଦିଲୀପ ଦୁରିଆ, ମାନେଶ୍ୱର କ୍ଷେତ୍ର ୧ ସଭାପତି ସଞ୍ଜୟ ଛୁରିଆ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ବିଜୟ ଲକ୍ଷ୍ମୀ ବେହେରା, ଗଣେଶ ସୋହେଲା, ଚତୁର୍ଭୁଜ ଝାଙ୍କର, ସୁଶାନ୍ତ ବାଘ, ସୋମନାଥ ବେହେରା, ଅନିରୁଦ୍ଧ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ଶତାଧିକ ସାଧୁସନ୍ଥଙ୍କ ସମାଗମ







**ସମ୍ବଲପୁର, ୧୪।୩ (ସମିସ):** ସିନ୍ଦୁରପଙ୍କ କେନଘାଟିସ୍ଥିତ ଶ୍ରୀରାମ ବାଟିକାରେ ଅନୁଷ୍ଠିତ ଅଖଣ୍ଡ ଚବିଶି ପ୍ରହରୀ ନାମଯଜ୍ଞସ୍ଥଳୀକୁ ଆସିଥିବା ସମସ୍ତ ସାଧୁସନ୍ଥ ଶନିବାର ପୂର୍ବାହ୍ଣରେ ସମଲେଶ୍ୱରୀ ଦର୍ଶନ କରିଛନ୍ତି। ଦର୍ଶନ ପରେ ସମସ୍ତ ସାଧୁସନ୍ଥ ମନ୍ଦିରବେଢ଼ା ପରିକ୍ରମା କରିଥିଲେ। ଦର୍ଶନ ଓ ପରିକ୍ରମା ପରେ ପ୍ରାୟ ଦୁଇଶହ ସାଧୁ ସନ୍ଥ ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମାରେ ବାହାରିଥିଲେ। ବାଟରେ ପାଟଣେଶ୍ୱରୀ ଓ ବାଲିବନ୍ଧା ଶିବ ମନ୍ଦିର ଦର୍ଶନ କରିଥିଲେ। ଦୂରଦୂରାନ୍ତରୁ ଆସିଥିବା ନାଗାବାବା, ମହନ୍ତଙ୍କ ଆଶୀର୍ବାଦ ନେବାକୁ ରାସ୍ତାକଡ଼ରେ ଅଟକି ରହିଥିଲେ ପଡ଼ାବାସୀ। ରାସ୍ତାସାରା ଝୋଟି ଚିତା ସହ ପୂର୍ଣ୍ଣ କଳସ ରଖି ଆସିଥିବା ସାଧୁସନ୍ଥଙ୍କ ଉପରେ ପୁଷ୍ପ ବୃଷ୍ଟି କରିଥିଲେ। ଡୁମେରମାଳ କୁନ୍ତରାସ୍ଥିତ ଋଷିକୂଳ୍ୟ ବେଦ ବିଦ୍ୟାଳୟର ଶତାଧିକ ବିଦ୍ୟାର୍ଥୀଙ୍କ ବେଦ ପାଠ ମଧ୍ୟରେ ସାଧୁ ସନ୍ଥଙ୍କ ଚାଲି ଚାଲି ନଗର ପରିକ୍ରମା ଦୃଶ୍ୟ ସୃଷ୍ଟି କରିଥିଲା ଏକ ଆଧ୍ୟାତ୍ମିକ ପରିବେଶ।

ସାଧୁ ସନ୍ଥଙ୍କ ଏହି ମହାକୁମ୍ଭରେ ଦିଲ୍ଲୀର ମହାମଣ୍ଡଳେଶ୍ୱର ଶ୍ରୀ ଏକ ହଜାର ଆଠ ନୱଲ କିଶୋର ଦାସ ଜି ମହାରାଜ ଯୋଗଦେବା ସହ ପଶ୍ଚିମ ଓଡ଼ିଶା ବୈଷ୍ଣବ ମହାସଂଘ ଅଧ୍ୟକ୍ଷ ମହନ୍ତ ହୃଷୀକେଶ ଦାସ ଜି ମହାରାଜ, ମଠପାଲି ରାଣୀମଠ ମହନ୍ତ ବାସୁଦେବ ଜି ମହାରାଜ, ଶ୍ରୀକ୍ଷେତ୍ର ଚାନ୍ଦପୁର ମଠ ମହନ୍ତ ରାଧାଚରଣ ଜି ମହାରାଜ, ମହନ୍ତ ସେକ୍ରେଟାରୀ ନାଗା ବାବା ରଘୁବିର ଦାସ ମହାରାଜ, ମଧ୍ୟପ୍ରଦେଶ ଛତରପୁର ନାଗାବାବା ରାଜେଶ ପୁରୀ ଜି, ଚମ୍ବଲ ପିଠାଧିସ୍ୱର ସୁନ୍ଦର ଦାସ ଜି ମହାରାଜ, ଋଷିକୁଳ ଆଶ୍ରମର ଜୀବନ ବାବାଙ୍କ ସହିତ ନାଗାବାବା ମାନେ ରାସ୍ତା କଡ଼ରେ ଦର୍ଶନ ପାଇଁ ଅଟକି ରହିଥିବା ଶହ ଶହ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶ୍ରୀରାମ ବାଟିକା ଚବିଶପ୍ରହରୀ ନାମଯଜ୍ଞ କମିଟି ପକ୍ଷରୁ ଆୟୋଜିତ ସାଧୁସନ୍ଥ ଶୋଭାଯାତ୍ରା ସହରବାସୀଙ୍କୁ ଦିବ୍ୟଦର୍ଶନ ଦେଇଥିଲା। 'ବିଶ୍ୱ ଶାନ୍ତି ଓ ଜଗତ କଲ୍ୟାଣ' ଉଦ୍ଦେଶ୍ୟରେ ଆୟୋଜିତ ଅଖଣ୍ଡ ନାମଯଜ୍ଞରେ ନିଜକୁ ସାମିଲ କରାଇ ଭଗବତ ଆନନ୍ଦ ପ୍ରାପ୍ତି ହେବାସହ ସମ୍ବଲପୁରବାସୀଙ୍କ ସ୍ନେହ ଶ୍ରଦ୍ଧାକୁ ଭୁଲି ହେବନାହିଁ ବୋଲି କହିଛନ୍ତି ଦିଲ୍ଲୀର ମହା ମଣ୍ଡଳେଶ୍ୱର ଶ୍ରୀ ନୱଲ କିଶୋର ଦାସ ଜି ମହାରାଜ। ରବିବାର ସନ୍ଧ୍ୟାରେ ଶ୍ରୀରାମ ବାଟିକା ଯଜ୍ଞସ୍ଥଳୀକୁ ଆସିଥିବା ସମସ୍ତ ସାଧୁ, ମହନ୍ତ, ନାଗାବାବା ଓ ବ୍ରାହ୍ମଣଙ୍କୁ ସେବା ଓ ସମ୍ମାନ କରାଯିବ। ଶ୍ରୀରାମ ବାଟିକା ନାମଯଜ୍ଞ ଅବସରରେ ସାଧୁ ସନ୍ଥଙ୍କ ସେବା ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି ବୋଲି ନାମଯଜ୍ଞ ଆୟୋଜନ କମିଟି ମୁଖ୍ୟ ସିଦ୍ଧାର୍ଥ ସାହା କହିଛନ୍ତି। ଶ୍ରୀରାମ ବାଟିକା ଯଜ୍ଞସ୍ଥଳୀରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସମସ୍ତ ସାଧୁ, ମହନ୍ତ, ନାଗାବାବା ଅବସ୍ଥାନ କରିବେ। କେରଳ, ଦିଲ୍ଲୀ, ପୁରୀ, ମଧ୍ୟପ୍ରଦେଶ ଆଦି ସ୍ଥାନର ମହାନ ଗୁରୁଙ୍କୁ ଏହି ସମୟ ମଧ୍ୟରେ ଆସି ଦର୍ଶନ କରିବା ସହ ସେମାନଙ୍କ ଆଶୀର୍ବାଦ ନେବାକୁ ଶ୍ରୀ ସାହା ଅନୁରୋଧ କରିଛନ୍ତି।

# ଭାରତୀୟ ଗୋଲ୍ ଶଟ୍ ବଲ୍ ଦଳରେ ବରଗଡ଼ର ଭାଇଭଉଣୀ





**ପଦ୍ମପୁର, ୧୪।୩(ସମିସ):** ପ୍ରଥମ ଦକ୍ଷିଣ ଏସିୟ ଅନ୍ତର୍ଜାତୀୟ ଗୋଲ ଶଟ ବଲ୍ ଚାମ୍ପିଅନସିପ ଶ୍ରୀଲଙ୍କାର କଲମ୍ବୋରେ ଆସନ୍ତା ଏପ୍ରିଲ୍ ମାସରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ବରଗଡ଼ ଜିଲ୍ଲା, ପଦ୍ମପୁର ବ୍ଲକ ଅଧୀନ କୁଡାସିଂଘା ଗାଁର ଦୁଇ ଭାଇଭଉଣୀ ରାଜ ମେହେର ଓ ପରୀ ମେହେରଙ୍କ ଚୟନ ହୋଇଛି। ଏହା ସମ୍ପୂର୍ଣ୍ଣ ଜିଲ୍ଲା ଓ ରାଜ୍ୟ ପାଇଁ ଗର୍ବର ବିଷୟ ହୋଇଛି। ରାଜ ମେହେର ଓ ପରୀ ମେହେର କୁଡାସିଂଘା ଗାଁର ସୁରେନ୍ଦ୍ର ମେହେରଙ୍କ ସନ୍ତାନ। ସେମାନେ ୧୭ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଭାରତୀୟ ଦଳର ପକ୍ଷରୁ ଖେଳିବା ପାଇଁ ଚୟନ ହୋଇଛନ୍ତି। ଚାମ୍ପିଅନସି ପରେ ଖେଳିବା ସେମାନଙ୍କର ପ୍ରଥମ ଅନ୍ତର୍ଜାତୀୟ ପଦାର୍ପଣ ହେବ। ଆସନ୍ତା ଏପ୍ରିଲ୍ ୨୩ରେ ସେମାନେ ଶ୍ରୀଲଙ୍କା ପହଞ୍ଚିବେ ଓ ଏପ୍ରିଲ୍ ୨୪ରୁ ୨୮ ପର୍ଯ୍ୟନ୍ତ ଭାରତୀୟ ଦଳ ସହିତ ଅନ୍ତର୍ଜାତୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ। ଏହି ସଫଳତା ପାଇଁ ଓଡ଼ିଶା ଗୋଲ ଶଟ ବଲ୍ ଆସୋସିଏସନର ସଭାପତି ପ୍ରଭାସ ସିଂହ (ପୂର୍ବତନ ବରଗଡ଼ ସାଂସଦ), ସମ୍ପାଦକ ପ୍ରଭାକର ଶିକା (ଭାରତୀୟ ଦଳର ମୁଖ୍ୟ କୋଚ) ସହ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଦୁଇ ଭାଇଭଉଣୀ ନିଜ ସଫଳତା ପାଇଁ ତାଙ୍କ ପଢୁଥିବା ବିଦ୍ୟାଳୟର ସମ୍ପାଦକ ଓ କ୍ରୀଡା ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଥିବା ଜଣାପଡ଼ିଛି। ଏହି ଉପଲକ୍ଷେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଦେଖାଦେଇଛି।

# ଜିଏମୟୁ ଅର୍ଥନୀତି ବିଭାଗରେ ଜାତୀୟ ସମ୍ମାନ



**ସମ୍ବଲପୁର, ୧୪।୩ (ସମିସ):** ଦୁଇ ଦିବସୀୟ ଜାତୀୟ ସମ୍ମେଳନ "ଭାରତର ବିକାଶ ପ୍ରକ୍ରିୟାରେ ଆଞ୍ଚଳିକ ବୈଷମ୍ୟ" ପି.ଏମ.ଉଷା ଦ୍ୱାରା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ଆୟୋଜନ କରିଥିଲା। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିକ୍ଷାବିତ, ଗବେଷକ ଛାତ୍ରଛାତ୍ରୀ ଯୋଗଦେଇ ଭାରତର ବିକାଶ ପ୍ରକ୍ରିୟାରେ ଆଞ୍ଚଳିକ ବୈଷମ୍ୟ ବିଷୟରେ ଆଲୋଚନା କରିଥିଲେ। ଉଦଘାଟନୀ ଅଧିବେଶନ, ଅତିଥିମାନଙ୍କୁ ସ୍ୱାଗତ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ସହ ବିଶ୍ୱବିଦ୍ୟାଳୟର କୁଳସଙ୍ଗୀତ ଗାନ କରାଯାଇଥିଲା। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଅର୍ଥନୀତି ବିଭାଗ ମୁଖ୍ୟ ଏବଂ ସମ୍ମେଳନର ଆବାହକ ଡ. ସୁରଜ ବଡାଇକ। ଡଡିପି ପ୍ରିୟଦର୍ଶୀ ଯୋଶୀ ମଞ୍ଚରେ ଉପସ୍ଥିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜୈନ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା, ବେଙ୍ଗାଲୁରୁର ସମାଜ ଓ ଅର୍ଥନୀତିର ପରିବର୍ତ୍ତନ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏସ. ମାଧେଶ୍ୱରନ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ଗ୍ରାମୀଣ ଅର୍ଥନୀତି ବିଷମତା ପଛରେ ଥିବା ଗଠନାତ୍ମକ କାରଣ ଗୁଡ଼ିକ ବିଷୟରେ ଆଲୋଚନା କରିବା ସହିତ ପ୍ରାମାଣିକ ନୀତି ନିର୍ମାଣ ଓ ସମାବେଶୀ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ଅଧିବେଶନର ଅଧ୍ୟକ୍ଷତା କରିଥିଲେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ବିକାଶୀୟ ସମସ୍ୟାର ମୁକାବିଲା କରିବା ସହିତ ଅଞ୍ଚଳ ଭେଦରେ ଥିବା ବିକାଶକୁ ପ୍ରୋତ୍ସାହନ ଦେବାରେ ବିଶ୍ୱବିଦ୍ୟାଳୟ ଓ ଗବେଷଣାର ଭୂମିକାକୁ ଉଲ୍ଲେଖ କରିଥିଲେ। ଏହାପରେ ଓଏସଓୟୁ ର ସିଓଇ ଡ. ଉମା ଚରଣ ପତି ଗ୍ରାମୀଣ ଅର୍ଥନୀତି ଉପରେ ଗଭୀର ଆଲୋକପାତ କରିଥିଲେ ଏବଂ ଗ୍ରାମୀଣ ବିକାଶର ପରିବର୍ତ୍ତନଶୀଳ ଗତିବିଧି ଓ ନୀତି ଗଠନରେ ଶିକ୍ଷାଗତ ଗବେଷଣାର ଗୁରୁତ୍ୱ ବିଷୟରେ ଅଭିମତ ରଖିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ଡ. ମୁରଲୀଧର ମାଝି , ସମ୍ମାନୀୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପିଜିସି ଉପସ୍ଥିତ ରହିଥିଲେ। ଶେଷରେ ଅର୍ଥନୀତି ବିଭାଗର ସହାୟକ ଅଧ୍ୟାପକ ଶ୍ରୀ ଅନୁରଞ୍ଜନ ଟେଟେ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଆଇଆର୍‌ସିଟିସି ପକ୍ଷରୁ ଦେଶବିଦେଶ ଭ୍ରମଣ ପ୍ୟାକେଜ୍ ଘୋଷଣା

**ସମ୍ବଲପୁର, ୧୪।୩ (ସମିସ)**

ଭାରତୀୟ ରେଳ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ (ଆଇଆର୍‌ସିଟିସି) ପକ୍ଷରୁ ଗ୍ରୀଷ୍ମ ଛୁଟିକୁ ଅଧିକ ମନୋରଞ୍ଜନଧର୍ମୀ ଓ ସ୍ମରଣୀୟ କରିବା ପାଇଁ ବିଭିନ୍ନ ଆକର୍ଷଣୀୟ ପର୍ଯ୍ୟଟନ ପ୍ୟାକେଜ୍ ଘୋଷଣା କରାଯାଇଛି। କ୍ଷେତରାଜପୁରସ୍ଥିତ ଏକ ଘରୋଇ ହୋଟେଲରେ ଶନିବାର ପୂର୍ବାହ୍ଣରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଆଇଆରସିଟିସିର କାର୍ଯ୍ୟନିର୍ବାହୀ ସଂଘମିତ୍ରା ରାଉଳ ସୂଚନା ଦେଇଛନ୍ତି ଯେ, ପିଲାମାନଙ୍କ ପରୀକ୍ଷା ଶେଷ ହେବା ପରେ ଏପ୍ରିଲ୍, ମେ ଓ ଜୁନ୍ ମାସ ପାଇଁ ଉଭୟ ଘରୋଇ ଏବଂ ଆନ୍ତର୍ଜାତୀୟସ୍ତରରେ ବିଭିନ୍ନ ପ୍ୟାକେଜ୍ ପ୍ରସ୍ତୁତ କରାଯାଇଛି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ମୁଖ୍ୟତଃ ହିଲ୍ ଷ୍ଟେସନ ଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଯଦି କୌଣସି କାରଣବଶତଃ ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଯାତ୍ରା ବାତିଲ ହୁଏ, ତେବେ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଛି। ସମସ୍ତ ପ୍ୟାକେଜ୍ ପାଇଁ ବୁକିଂ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ସେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆଇଆର୍‌ସିଟିସିର ପରାମର୍ଶଦାତା ଗିରିଜା ପ୍ରସାଦ ଦାସ ମଞ୍ଚାସୀନ ଥିଲେ।



ଏପ୍ରିଲ୍ ମାସରେ ଅନ୍ତର୍ଜାତୀୟ ଭ୍ରମଣ ପାଇଁ ନେପାଳ ଓ ଭିଏତନାମ ପ୍ୟାକେଜ୍ ଏବଂ ଘରୋଇ ପର୍ଯ୍ୟଟନରେ ମେଘାଳୟ ପ୍ୟାକେଜ୍ ରହିଛି। ନେପାଳ ପ୍ୟାକେଜ୍ (ଲୁମ୍ବିନୀ, ପୋଖରା, କାଠମାଣ୍ଡୁ ଓ ଜନକପୁର) ୬ ରାତି ଓ ୭ ଦିନର ହୋଇଥିବା ବେଳେ ଭିଏତନାମ ପ୍ୟାକେଜ୍ (ହାନୋଇ, ହାଲୋଙ୍ଗ ବେ, ଡାନାଙ୍ଗ, ହୋ ଚି ମିନ୍ ସିଟି) ୭ ରାତି ଓ ୮ ଦିନ ପାଇଁ ଧାର୍ଯ୍ୟ କରାଯାଇଛି। ସେହିପରି ଘରୋଇ ପର୍ଯ୍ୟଟନ କ୍ଷେତ୍ରରେ ମେଘାଳୟ ଟୁର୍‌ରେ ଗୁଆହାଟୀ, ଶିଲଂ, ଚେରାପୁଞ୍ଜି, ମାଉଲିନ୍ନୋଙ୍ଗ ଓ କାଜିରଙ୍ଗା ଭଳି ସ୍ଥାନଗୁଡ଼ିକୁ ସାମିଲ କରାଯାଇଛି। ମେ ମାସରେ ଅମୃତସର ସହ ବୈଷ୍ଣୋଦେବୀ ଟୁର୍, ମହାବଳେଶ୍ୱର ଟୁର୍ ରହିଛି। ଏହାସହ କାଶ୍ମୀର ଟୁର୍ (ଶ୍ରୀନଗର, ଗୁଲମାର୍ଗ, ପହେଲଗାମ ଓ ସୋନମାର୍ଗ) ଏବଂ ଅରୁଣାଚଳ ପ୍ରଦେଶ ଟୁର୍ (ତେଜପୁର, ବୋମଦିଲା, ଡିରାଙ୍ଗ ଓ ତାୱାଙ୍ଗ) ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ୟାକେଜ୍ ରହିଛି। ଜୁନ୍ ମାସରେ ପ୍ରସିଦ୍ଧ ଚାରିଧାମ ଯାତ୍ରା ଟୁର୍ ପ୍ୟାକେଜ୍ ସହିତ ହିମାଚଳ ପ୍ରଦେଶ ଟୁର୍ (ସିମଲା, ମନାଲି, ଚଣ୍ଡିଗଡ଼), ମଧ୍ୟପ୍ରଦେଶ ଟୁର୍ (ଇନ୍ଦୋର, ଉଜ୍ଜୟିନୀ, ଓଁକାରେଶ୍ୱର ଓ ମାହେଶ୍ୱର), ମହାରାଷ୍ଟ୍ର ଟୁର୍ (ପୁନେ, ଭୀମାଶଙ୍କର, ଶିରିଡି, ନାସିକ ଓ ତ୍ର୍ୟମ୍ବକେଶ୍ୱର) ରହିଛି। ବର୍ତ୍ତମାନ ସମୟରେ ପର୍ଯ୍ୟଟନ ସକାଶେ ସର୍ବାଧିକ ଚାହିଦାରେ ଥିବା ଗୟା, ବାରାଣସୀ, ପ୍ରୟାଗରାଜ ଓ ଅଯୋଧ୍ୟା ପ୍ୟାକେଜ୍ ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ ରହିଛି।

ଏହି ସମସ୍ତ ପ୍ୟାକେଜରେ ଭୁବନେଶ୍ୱରରୁ ଯିବା ଆସିବା ପାଇଁ ବିମାନ ଟିକଟ୍, ରହିବା ପାଇଁ ହୋଟେଲ୍, ଖାଦ୍ୟ ସହିତ ଏସି ଗାଡ଼ିର ସୁବିଧା ରହିଛି। ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଆଇଆର୍‌ସିଟିସିର ଜଣେ ଟୁର୍ ମ୍ୟାନେଜର ସର୍ବଦା ସାଥିରେ ରହିବେ। ଆନ୍ତର୍ଜାତୀୟ ଯାତ୍ରା କ୍ଷେତ୍ରରେ ଏଣ୍ଟ୍ରି ଫି' ଏବଂ ସମସ୍ତ ପ୍ରକାର ଟିକସ ମଧ୍ୟ ଏହି ପ୍ୟାକେଜରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଦ୍ୱାରା ଯାତ୍ରୀମାନଙ୍କୁ କୌଣସି ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିବନାହିଁ। ସରକାରୀ କର୍ମଚାରୀମାନେ ଏହି ଯାତ୍ରା ପାଇଁ ଏଲ୍‌ଟିସି ସୁବିଧା ମଧ୍ୟ ପାଇପାରିବେ ବୋଲି ଶ୍ରୀମତୀ ରାଉଳ ସୂଚନା ଦେଇଛନ୍ତି।

ସୃଜନିକା

ସକାଳ
THE SAKALA
www.sakalaepaper.com



# ଗୋଟିଏ ଆକ୍ରାନ୍ତ ଛାଇ



ଲିପ୍‌ସା ପଟେଲ

ବିବେକ ନଥିଲା ସମୟତକ ଖୁବ୍ ଓଜନିଆ ଲାଗେ ଲିପିକାକୁ। ବିବେକ ବିନା ଦିନଟି ସରେନି। ତାଙ୍କ ସହ ମନ ଖୋଲି କଥା ହେବାକୁ କେତେ ଦୀର୍ଘ ପ୍ରତୀକ୍ଷା ତାହା କେବଳ ଲିପିକା ହିଁ ଜାଣେ। ବିବେକ କ'ଣ ଏତିକି ବୁଝିପାରନ୍ତିନି? ଏତେ ଦକ୍ଷ, ବୟସ୍କ ଓ ସାବଲୀଳ ମଣିଷଟିଏ କେମିତି ଏତେ ଅବୁଝା ଭଳି ବ୍ୟବହାର କରନ୍ତି ଯେ !!! ହୁଏତ ସେ ନିଜର ସବୁ ଭାବାବେଗକୁ ନିଜ ମନ ତଳେ ହିଁ ଲୁଚେଇ ରଖିବାକୁ ଚାହାନ୍ତି। ବିବେକଙ୍କର ଏଇସବୁ ଗୁଣ ପାଇଁ ଲିପିକା କଥା କଥାକେ ଚିଡ଼ି ଯାଏ। କାହିଁକି ଦେଖା ହେଲା ଏମିତି ଏକ ଅଜବ ମଣିଷ ସହ ବୋଲି ସେ ଦିନଟିକୁ ବହେ ଗାଳିଦିଏ।

ବିବେକ ସବୁବେଳେ ନିଜ ବୟସରୁ କମ୍ ହିଁ ଜଣା ପଡୁଥିଲେ। ତାଙ୍କୁ ଦେଖି କେହି ବି ତାଙ୍କର ସଠିକ୍ ବୟସ ଆକଳନ କରିପାରୁନଥିଲେ। ସ୍କୁଲ, କଲେଜ, ଚାକିରି, ଏମିତିକି ବିବାହ ପ୍ରସ୍ତାବ ପାଇଁ ଖୋଜାଖୋଜି କରି ଝିଅ ଦେଖା ବେଳେ ମଧ୍ୟ ସେଇ ସମାନ କଥା। ଅନେକ ଝିଅ ତାଙ୍କୁ ନିଜ ବୟସରୁ କମ୍ ଜଣାପଡୁଛନ୍ତି କହି ମନା କରିଦେଇଥିଲେ। ଶେଷରେ କାହା ହାତ ଧରି ସଂସାର ଗଢ଼ିବାର ସ୍ୱପ୍ନ ବି ସ୍ୱପ୍ନ ହୋଇ ରହିଗଲା। ମଜା ମଜାରେ ଲିପିକା ବି କହୁଥିଲା ବିବେକ କୁଆଡ଼େ ଖୁବ୍ ପିଲାଳିଆ ବୁଦ୍ଧିର ମଣିଷ। ତେଣୁ ତାକୁ ହିଁ ବୟସ୍କା ପାଲଟି ବିବେକଙ୍କର ସବୁ ଚିନ୍ତା କରିବାକୁ ପଡ଼ିବ। ତଥାପି ସେଇଠି ଗୋଟିଏ ପ୍ରଶ୍ନ ସାମ୍ନାରେ ସେ ଅଟକି ଯାଏ। କେଉଁ ଅଧିକାର, କେଉଁ ସମ୍ପର୍କର ଦ୍ୱାହି ଦେଇ ସେ ଏସବୁ କରିବ? ବିବେକ ତାଙ୍କର ସମ୍ପର୍କକୁ କେବେ ପ୍ରେମର ସ୍ୱରୂପ ଦେଇନାହାନ୍ତି କି ଅବା କୌଣସି ସାମାଜିକ ସ୍ୱୀକୃତି ଦେବା ପାଇଁ ତାଙ୍କ ପାଖରେ ଲିପିକା ଆଗ୍ରହ ଦେଖିନି। ପ୍ରତିଥର କହନ୍ତି, "ଏମିତିରେ ତ ସବୁ ଠିକ୍ ଠାକ୍ ଚାଲିଛି। ଅଯଥା କଥା ଭାବି ମୁଣ୍ଡ ଖରାପ କରନି।"

ସେ କେବେ ଲିପିକା ମୁହଁକୁ ସିଧାସଳଖ ଚାହିଁ କଥା ହୁଅନ୍ତିନି; ଯଦି କେବେ ଚାହିଁବେ, ତାହା ବି ମାତ୍ର କ୍ଷଣକ ପାଇଁ। ତାଙ୍କୁ କିଛି ପ୍ରଶ୍ନ କରିବାର ଥିଲେ ବି ସେ ଟି.ଭି. ଆଡ଼କୁ ଚାହିଁ ପଚାରୁଥିବେ। ଲିପିକାକୁ ଏସବୁ ଜମା ଭଲ ଲାଗେନି। ସେ ବି ଦେଖେଇ ଦେଖେଇ କହେ, ଜୀବନ୍ତ ମଣିଷଠୁ ଏଇ ନିର୍ଜୀବ ଟି.ଭି.ର ମୂଲ୍ୟ ବେଶୀ। ସେତିକିବେଳେ ବିବେକଙ୍କର ଲାଜୁଆ ହସରେ କାହିଁକି କେଜାଣି ଅଜଣା କମ୍ପନରେ ଲିପିକାର ଛାତି ଥରି ଉଠେ। ଅନାୟସରେ ତା' ଆଖି ବିବେକଙ୍କର ଅବୟବ ଚାରିଆଡ଼େ ଥରେ ଘୂରି ଆସେ। ମନେ ମନେ ଭାବେ, ଇଏ କ'ଣ ମୋର ସେଇ ଇପ୍‌ସିତ ପୁରୁଷ?

ବିବେକଙ୍କ ତା' ଉପରେ ବିଶ୍ୱାସ ଲିପିକାକୁ ଏତେ ବାଟ ଚଲେଇ ନେଉଛି। ସମାଜ ଆଗରେ ସଳଖି ଛିଡ଼ା ହେବା ଶିଖେଇଛି। ସେ ଯେବେ ଉଦାସ ହୁଏ, ଯେଉଁ ମୁହୂର୍ତ୍ତରେ ଭାଙ୍ଗି ପଡ଼େ ସେତେବେଳେ ମନେପଡ଼େ ବିବେକ ହିଁ କହନ୍ତି, "ତା'ର ନକ୍ଷତ୍ରଟିଏ ଭଳି ଜଳିବା ଥୟ।" ସେମାନେ ମାସ ମାସ ଧରି କଥା ହୁଅନ୍ତିନି। ନିଜ ନିଜ କାମର ବ୍ୟସ୍ତତା ଭିତରେ କେତେବେଳେ କେମିତି ଗୋଟେ ଦି'ଟା ମେସେଜ୍। କେବେ କେବେ ଦୁହେଁ ଦୁହିଁଙ୍କ ଉପରେ ଅଭିମାନ କରନ୍ତି ଅଥଚ ଦୁହେଁ ଜାଣନ୍ତି ଦୁହିଁଙ୍କର ଆଶା ଓ ବିଶ୍ୱାସ ସେମିତି ଅତୁଟ ଥାଏ। ବିବେକ ସବୁବେଳେ କହନ୍ତି, ଯେତେ ଦିନ ହେଉ ଯଦି କଥାବାର୍ତ୍ତା ବନ୍ଦ ହୋଇଯାଇଛି ତଥାପି ପରବର୍ତ୍ତୀ ମୁହୂର୍ତ୍ତରେ ଗୋଟିଏ ଆତ୍ମୀୟତାଭରା ଉଚ୍ଚାରଣ ବାରି ହୋଇପଡୁ। ଜୀବନକାଳରେ ଅନେକ ରାଗରୁଷା ଭିତରେ ବି ଯେତେବେଳେ କେହି କାହାକୁ ଡାକିଲେ, 'ହଁ' ବୋଲି ସ୍ୱରଟିଏ ଶୁଭୁ।

ହଠାତ୍ ସବୁ ଅନ୍ତରଙ୍ଗତାରେ ପୂର୍ଣ୍ଣଛେଦ ପକାଇଲା ପରି ବିବେକ ଦୂରେଇ ଯାଉଥିଲେ। ତାଙ୍କଠାରୁ ଆଉ ଫୋନ୍, ମେସେଜ୍ ଆସୁନଥିଲା। ଲିପିକା ନିଜ ଆଡୁ ଫୋନ୍ କିମ୍ବା ମେସେଜ୍ କଲେ ସେଥିରେ ବି ବିବେକଙ୍କ ଉଦାସୀନତା ଦେଖି ଲିପିକାର ଛାତି ଭିତରେ ଏକ ଅଜଣା ସୁନାମିର ଲହଡ଼ି ବାରମ୍ବାର କୂଳ ଲଙ୍ଘୁଥିଲା, ଯାହାକୁ ସମ୍ଭାଳିବା ଏବେ ତା' ପକ୍ଷେ ଅସମ୍ଭବ! ସେ ଏବେ ସିଧାସଳଖ ବିବେକ ସହ କଥାବାର୍ତ୍ତା କରିବା ପାଇଁ ଚାଲିଗଲା।

ସଫା ସଫା କହୁନ, କ'ଣ ହୋଇଛି? ହଠାତ୍ ଏମିତି କାହିଁକି ତୁମର ବ୍ୟବହାର ବଦଳିଗଲା? ବିବେକ ନିରୁପାୟ, ନିରୁତ୍ତର। ଅନେକ ସମୟର ନିରବତା ପରେ ମୁହଁ ଖୋଲିଲେ, ଏତିକି କହିବାକୁ "ତୁମେ ସବୁକିଛି ଭୁଲି ଦୂରେଇ ଯାଅ। ତୁମେ ଚାଲିଯାଅ ଲିପିକା।"

ଲିପିକାର ବାକିଥିବା କୋହତକ ଚିପୁଡ଼ି ହୋଇପଡ଼ିଲା ଦୁଇ ଆଖିରୁ। ସେ ଆଉ କିଛି କହିବା ଅବସ୍ଥାରେ ନଥିଲା। ବିବେକ ତା' ଲୁହ ପୋଛିଦେଇ କହିଲେ " ସଂସାରଯାକର ବଗିଚା ତୁମର ହେଉ। ତୁମେ ଏମିତି ହିଁ ପ୍ରଜାପତି ପରି ଉଡୁଥାଅ। ତୁମେ ଯେଉଁଠି, ଯାହା ସହିତ ଖୁସିରେ ରହିଲେ, ମୋର ବି ସେଥିରେ ଖୁସି। ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ମୁଁ ତ ଏମିତି ହିଁ ରହିଥିବି !!!"

ଲିପିକା କିଛି କହିଲାନି। ତାକୁ ଲାଗିଲା, କିଛି ସମୟ ପାଇଁ ବନ୍ଦ ହୋଇଗଲା ହୃଦୟର ସ୍ପନ୍ଦନ ଆଉ ଏଇ ଚଳନ୍ତା ପୃଥିବୀ। ସେଇ କ୍ଷଣି ହିଁ ସେ ବିବେକଙ୍କ ହାତକୁ ଚାପି ଧରିଲା। ନୀରବରେ ଅନେକ କଥା କହିଗଲା ତା' ଲୁହ ଢଳ ଢଳ ଆଖି। ଚୁପ୍‌ଚାପ୍ ଫେରିଗଲା ସେ। ବିବେକ ଦେଖୁଥିଲେ, ଭସା ବାଦଲ ସବୁ ମନ୍ଦଗତିରେ ଆଗେଇ ଯାଉ ଯାଉ ଅପସରିଗଲେ; କିନ୍ତୁ ଲିପିକା ଥରୁଟିଏ ବି ପଛକୁ ଫେରି ଚାହିଁଲାନି। ବିବେକ ମନେ ମନେ ହସି ହସି କହୁଥିଲେ, ତୁମ ପରି ସ୍ୱାଭିମାନୀ ଝିଅଟିଏକୁ ପ୍ରଥମ ଥର ଜୀବନରେ ଭେଟିଥିଲି। ତୁମ ସହିତ ବିତିଥିବା ସମୟ ମନେରହିବ ଲିପିକା।

ଆଜି ବିବେକଙ୍କର ଫଟୋ ତଳେ ଆବିର୍ଭାବ ଏବଂ ତିରୋଧାନ ତାରିଖ ମଝିରେ ହିଁ ଅଟକି ଯାଇଛି ତାଙ୍କର ବୟସ। ହଁ, ସବୁଦିନ ପାଇଁ ସେ ଅନ୍ତିମ ବୟସ ପଇଁଚାଳିଶ ବର୍ଷରେ ହିଁ ଅଟକିଗଲେ। ଲିପିକା ହାତ ଯୋଡ଼ି ବିବେକଙ୍କର ଫଟୋକୁ ଚାହିଁ କହୁଥିଲା, "ଏତେ ଦୁରାସାଧ୍ୟ ବ୍ୟାଧିରେ ବି ତୁମେ ମୋତେ ଖୋଜିଲନି। ମୋତେ ନିଜର ବୋଲି ଥରୁଟିଏ ବି ଭାବିଲନି। ସବୁ କଷ୍ଟ ଏକା ଏକା ସହିଗଲ। ମୁଁ କ'ଣ କେବେ ବି ତୁମକୁ ମନେ ପଡ଼ିଲିନି ବିବେକ? ଚିରଦିନ ପାଇଁ ତୁମେ କେବଳ ସ୍ମୃତି ହୋଇ ନୁହେଁ, ବରଂ ମୋ ମନରେ ଗୋଟିଏ ଆକ୍ରାନ୍ତ ଛାଇ ହୋଇ ରହିବ ଯାହାକୁ ମୁଁ ବଞ୍ଚିଥିବା ଭିତରେ କେବେ ସୁଦ୍ଧା ମୋ ଠାରୁ ଦୂରେଇ ଦେଇ ପାରିବିନି।" ■

ଭବାନୀପାଟଣା

## ପୁସ୍ତକ ପରିଚୟ

### ଜହ୍ନର ଲୁଚକାଳି

ତୁଷାରକାନ୍ତ ମହାନ୍ତି



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

କେତେବେଳେ ପ୍ରକୃତିର ସୌନ୍ଦର୍ଯ୍ୟରେ କବି ମୁଗ୍ଧ ହୋଇଛନ୍ତି, ପୁଣି କେବେ ସାମାଜିକ ବିଧି ବ୍ୟବସ୍ଥା ତାଙ୍କୁ ବ୍ୟଥିତ କରିଛି। ହୃଦୟର ଅସୁମାରୀ ଆବେଗ ଓ କ୍ଷୋଭ ପ୍ରତିଫଳିତ ହୋଇଛି ତୁଷାରକାନ୍ତ ମହାନ୍ତିଙ୍କ 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକର 'ଜହ୍ନର ଲୁଚକାଳି', 'ମା' ମାଟି ଓ ମମତା', 'ପହିଲି ବରଷା', 'ପ୍ରିୟା ତୁମେ ଅନନ୍ୟା', 'ମିଳନର ଅନୁଚିନ୍ତା', 'ପିତାମାତା ବଡ଼ ଦେବତା', 'ଅରାଜକତା', 'ଫୁଲେଇ ନାନୀ', 'ସ୍ମୃତିପଥେ', 'ଚାନ୍ଦିନୀ', 'ପ୍ରତାରଣା', 'ଜନମଭୂଇଁ', 'ଦେଶ ବନ୍ଦନା', 'ମିଛ ମାୟା ସଂସାର', 'ତମେ ମୋ ମନର', 'ଝୋଟକି ବସନ୍ତ', 'ପ୍ରେମର ସମାଧି', 'ଜହ୍ନ ତୁ ଲାଜେ ଲାଜେ', 'ସାଧବ ବୋହୂ', 'ପ୍ରେମ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରକୃତିପ୍ରୀତି, ମାନବୀୟ ପ୍ରେମ, ମଣିଷର ଆଶା, ଆକାଂକ୍ଷା, ସାମାଜିକ ବିଧି ବ୍ୟବସ୍ଥା, ସାଂପ୍ରତିକ ଘଟଣାବଳୀର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ଅନେକ କବିତାରେ। କବି ନିଜ ହୃଦୟର ଆନନ୍ଦ, ବ୍ୟଥା ଓ ବେଦନାକୁ ପ୍ରକାଶ କରିଛନ୍ତି କବିତା ମାଧ୍ୟମରେ। ନିଆରା ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା କବିତାଗୁଡ଼ିକକୁ ଅଧିକ ସୁଖପାଠ୍ୟ କରିଛି। 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ମାଆ

ସଂପାଦନା

ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁ



ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର-୭୬୦୦୧୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ମାଆ ହେଉଛି ସ୍ନେହମୟୀ, ମମତାମୟୀ, ବାତ୍ସଲ୍ୟମୟୀ। ମାତୃତ୍ୱ ଲାଭ କରିବା ଏକ ନିଆରା ଅନୁଭବ। ଜଗତରେ ମାଆର ବିକଳ୍ପ ନାହିଁ। ଓଡ଼ିଶାର ଅନେକ କବିଙ୍କ କଲମ ମୁନରୁ ମାଆକୁ ନେଇ ଝରି ପଡ଼ିଛି ଅଜସ୍ର କବିତା। ସେଭଳି କିଛି ମନଛୁଆଁ କବିତାକୁ ନେଇ ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁଙ୍କ ସଂପାଦନାରେ ପ୍ରକାଶ ପାଇଛି 'ମାଆ' ପୁସ୍ତକ। ଏହି ପୁସ୍ତକରେ ସଂକଳିତ ବିଦେଶୀ ନାୟକଙ୍କ 'ବୋଉ', ଭାଗୀରଥି ବେହେରାଙ୍କ 'ବୋଉ ମୋ ସଞ୍ଜବତୀ', ଡ. ମମତାରାଣୀ ନାୟକଙ୍କ 'ବାତ୍ସଲ୍ୟମୟୀ ମାଆ', ନିରାକାର ଦାସଙ୍କ 'ବୋଉ', ଦେବେନ୍ଦ୍ର କୁମାର ବାଉରୀଙ୍କ 'ମାଆ–ମୋର ସ୍ରଷ୍ଟା', ଲିପ୍‌ସା ପଟେଲଙ୍କ 'ଫାଳେ ଜହ୍ନ, ଫାଳେ ଜୀବନ', ରୋହିତ କୁମାର ଦାଶଙ୍କ 'ମା'ର ଋଣ', ଡ. ସ୍ୱର୍ଣ୍ଣଲତା ଲେଙ୍କାଙ୍କ 'ମା', ଡକ୍ଟର ଶୁଭେନ୍ଦୁ ମେହେରଙ୍କ 'ମା', ନିରୁପମା ବେହେରାଙ୍କ 'ବୋଉ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକରେ ମା'ର ମହନୀୟତା, ତ୍ୟାଗ, ତିତିକ୍ଷା, ବାତ୍ସଲ୍ୟ ମମତା ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। 'ମାଆ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଦୃଶ୍ୟାନ୍ତର

ସଂଜିତ କୁମାର ବଳ



ସେ ଦେଖେ, ଦେଖିପାରେନା।
କାଲି ତା' ସକାଳ ପିନ୍ଧିଥିଲା
କୋଉ ରଙ୍ଗର ପୋଷାକ
ଆଜି ଆସିଚି କୋଉ ରଙ୍ଗରେ,
ପବନ ଯାହା ଲେଖିଥିଲା
ତା' ଭୋରବେଳାର ପିଠିରେ
ବଦଳାଇ ଦେଲାକି
ଆଲୁଅ ବଦଳିବା ପରେ !

ଯାହାସବୁ ସେ ଦେଖିବ ବୋଲି
ଭାବିଥିଲା, ଦିଶିଲାନି, ତା' କାଲିର
ମୁହଁ ଲାଗିଥିଲା ପାଳଭୂତ ପରି
ତା' ସମୟ ମୁଣ୍ଡରୁ ଶିଙ୍ଗ ବାହାରି
ତାକୁ ମାଗିଥିଲା ମାଟି, ଯାହାକୁ
ଖୋଳି ସେଥିରେ ତା' ଶୂନ୍ୟତାକୁ
ସାଇତିବା ପରି ଗଢ଼ାଇ ପାରିବ କଳସୀ।

ସେ ଫେରେଇ ଦେଇଥିଲା ସମୟକୁ
ଯେବେ ତା'ର ମନେ ହେଇଥିଲା
ଶୂନ୍ୟତା ହିଁ ତା' ଭାବନାକୁ
ମାଟି ଫଳାଇବା ଶିଖାଇଚି,
ଯୋଉ ମାଟିର ରଙ୍ଗ ପାଇଁ ଧାଉଁଥିବା
ହରିଣ ପୋଷା ମାନିବା ପରି
ସେ ଖରାକୁ କମନୀୟ କରିପାରୁଚି।

କେବେକେବେ ପଡ଼ିଯାଏ ଭାବନାରେ
ଯେବେ ତା' ଆଲୁଅ ଓ ଛାଇ
ପହଞ୍ଚିଯାନ୍ତି ଗୋଡ଼ାଗୋଡ଼ି ହେଇ,
ମୁଣ୍ଡ ଆଡ଼କୁ ତା' ଅଧା ଦେହ ଆଲୁଅକୁ
ସେ ଦେଇଦିଏ, ବାକି ଅନ୍ଧାରୁ
ପାଦ ଯାଏ ଅଧିକାର କରିନିଏ ଛାଇ।

ସେଥିପାଇଁ ଯାହା ଦେଖି
ତା' ପାଖେ ପହଞ୍ଚିବାକୁ ଚାହିଁଲେ
ଯାଇପାରେନା ଛାଇର ପ୍ରତିବାଦରେ,
ଯାହା ନଦେଖିବ ବୋଲି ବାରମ୍ବାର
ବୁଜିଯାଏ ଆଖି, ସେଇଠିକି
ଟାଣିନିଏ ପାଦ ଛାଇର ଆଗ୍ରହରେ।

ସେ ଦେଖେ, ଦେଖିପାରେନା
ରଙ୍ଗସବୁ କେମିତି ଓହ୍ଲାଇ ଯାଏ
ତା' ହସରୁ, ଲୁହରୁ,
ତା' ଶୋଷ ଓ ପାଣି ଭିତରେ ଥିବା
ଦୂରତାରୁ, ସେ ଆଉଥରେ
ରଙ୍ଗକୁ ଚଢ଼ାଇ ପାରେନା
ଚଢ଼ାଇବା କୌଶଳ ଶିଖି ନଥିବାରୁ।

ସେ ନିଜ ବିଶ୍ୱସ୍ତତାର
ମୁଣ୍ଡ ନୁଆଇଁ ଠିଆ ହୁଏ ତା'
ରାତିର ସୁଧାର ଶୀତଳତା ସାମ୍ନାରେ
ହୁଁ ମାରେ ତା' ପ୍ରତିଟି କଥାରେ,
ଯେମିତି ରାତି ଗାଢ଼ ହେଲେ
ସେ ଶୁଣି ପାରିବ ତା' ସ୍ୱପ୍ନ
ଆଉ ଅନ୍ଧାରର କଥାବାର୍ତ୍ତା, କାହିଁକି
ଦରଆଉଜା ରହିଯାଏ ଦୃଶ୍ୟସବୁ
କାହା ଅନ୍ତରର ଅନ୍ତରଫଳରେ। ■

ସା: ମୃଷାଙ୍ଗ, ପୋଷ୍ଟ: କୋହ୍ଲ
ତିହିଡ଼ି, ଜିଲ୍ଲା -ଭଦ୍ରକ
ମୋ: ୮୨୪୯୦୮୧୯୨୭



## ପ୍ରଶ୍ନକାଳ

ନୃସିଂହ ତରାଇ



ଢେର୍ ଦିନରୁ
ଖୋଜୁଛି ଶବ୍ଦ
ଓ ସଜେଇବାର କାଇଦା,
ସେମାନଙ୍କ ମୁଁହ ।
ଯେଉଁମାନେ ଆଲୁଅ ସବୁକୁ
ଗର୍ଭସ୍ଥ କଲାପରେ
ଘୋଡ଼େଇ ହେଇଛନ୍ତି
ଆଉ ଗୋଟେ ଅନ୍ଧାର।
ସପ୍ତମ ଶ୍ରେଣୀ
ସୁନା ଝିଅର
କ'ଣ ନାହିଁ
ଦ୍ରୌପଦୀର ଭାଗ୍ୟ?
ଶୂନ୍ୟରେ ମିଳେଇ ଯାଉଥିବା
ଚିତ୍କାର ସବୁକୁ
କେଉଁ କବି
ସଜେଇ ପାରିବ ତ ଆସ !
କିଏ ସେ
ଭରଣା କରିବ
ନିଗିଡ଼ି ଯାଇଥିବା
ପୋଷ ପୋଷ କଅଁଳ ରକ୍ତ
ବିକଳ ଅନୁନୟ?
କିଏ ହେବ
ତା' ପକ୍ଷ ଧର,
କିଏ ହେବ
ତା' ଲୁହର ଅଂଶୀଦାର?? ■

ମୋ: ୭୯୭୮୩୮୨୨୩



# ଆଧୁନିକ ଓଡ଼ିଆ କବିତାରେ ମିଥ୍



ଡକ୍ଟର ଦିଗମ୍ବର ଗିରି

ମିଥ୍ ଶବ୍ଦଟି ଗ୍ରୀକ୍ ଭାଷାର 'Mythos' ରୁ ଉତ୍ପନ୍ନ। ଏହାର ଅର୍ଥ ହେଉଛି 'କଥା' ପୌରାଣିକ ଗଳ୍ପ। ସାଧାରଣ ଅର୍ଥରେ ମିଥ୍ ହେଉଛି ଏମିତି ଗଳ୍ପ, ଯାହା ସମ୍ପୂର୍ଣ୍ଣ ଇତିହାସ ନୁହେଁ କିନ୍ତୁ ସମାଜର ବିଶ୍ୱାସ, ଧାର୍ମିକ ଭାବନା, ନୀତି ଓ ସଂସ୍କୃତିକୁ ବ୍ୟକ୍ତ କରେ। ପ୍ରକୃତିର ସୃଷ୍ଟି ରହସ୍ୟ ଦେବଦେବୀ କିପରି ମନୁଷ୍ୟଙ୍କ ସହିତ ସମ୍ପର୍କିତ, ବଜ୍ରପାତ, ଭୂମିକମ୍ପ ଆଦି ପ୍ରାକୃତିକ ଘଟଣାକୁ ଲୋକମାନେ ଦେବତାଙ୍କ କ୍ରୋଧ ବୋଲି ବିଶ୍ୱାସ କରୁଥିଲେ। ରାମାୟଣ, ମହାଭାରତରେ ଦେବତା ଓ ଅସୁରମାନଙ୍କ ଯୁଦ୍ଧ, ଅବତାର ପ୍ରସଙ୍ଗ ଭଳି ବହୁ ଗଳ୍ପ ରହିଛି। ଏହିସବୁ ଗଳ୍ପ ସହିତ ରୀତି, ନୀତି, ପରମ୍ପରା, ଧର୍ମ, ଜୀବନର ମୂଲ୍ୟବୋଧର କଥା ମଧ୍ୟ ରହିଛି। ମୋଟ ଉପରେ କହିବାକୁ ଗଲେ ମିଥ୍ ଗଳ୍ପଗୁଡ଼ିକରେ ସମାଜ ନିଜ ଆସ୍ଥା ଓ ଚେତନାକୁ ପ୍ରକାଶ କରିଥାଏ।

ଆଧୁନିକ କବିତାରେ 'ମିଥ୍' ପ୍ରୟୋଗ କେବଳ ପୌରାଣିକ କାହାଣୀର ପୁନରାବୃତ୍ତି ନୁହେଁ, ବରଂ ଏହା ଏକ ସୃଜନଶୀଳ ରୂପାନ୍ତରଣ। ବେଦ, ଉପନିଷଦ, ରାମାୟଣ, ମହାଭାରତର ବିଭିନ୍ନ ଚରିତ୍ରମାନଙ୍କ ସହିତ ସାମ୍ପ୍ରତିକ ସମାଜର ସଙ୍କଟ, ଯୁଦ୍ଧ ମନୋଭାବ, ନୈତିକ ଦ୍ୱନ୍ଦ୍ୱ, ଅସ୍ଥିରତା, ମାନବିକ ମୂଲ୍ୟବୋଧକୁ ବୁଝାଇବା ପାଇଁ ଆଧୁନିକ କବି ଦ୍ରୌପଦୀ, କର୍ଣ୍ଣ, ଅର୍ଜୁନ, ଗାନ୍ଧାରୀ, ଧୃତରାଷ୍ଟ୍ର, ଭୀମ, ବେଲାଲସେନ, ଅଭିମନ୍ୟୁ ପ୍ରଭୃତି ଚରିତ୍ରଙ୍କୁ ନେଇ ମନୋବୈଜ୍ଞାନିକ ଭାବନାରେ ଉପସ୍ଥାପନ କରି ମାନବର ଅନ୍ତଃଦ୍ୱନ୍ଦ୍ୱକୁ ସାର୍ବଜନୀନ ଅର୍ଥବୋଧରେ ପ୍ରକାଶ କରିଛନ୍ତି।

ମିଥ୍ ସାଂସ୍କୃତିକ ଆତ୍ମ ପରିଚୟର ଆଧାର। ସାରଳା ମହାଭାରତରେ ସାରଳା ଦାସ ପୌରାଣିକ ମିଥ୍ (କଥା) ମାଧ୍ୟମରେ ଲୋକ ଜୀବନରେ ଅପୂର୍ବ ସମନ୍ୱୟ କରିଛନ୍ତି। ସାରଳା ଦାସଙ୍କ ମହାଭାରତୀୟ ପରମ୍ପରା, ଆଧୁନିକ କବିତାରେ ଏହାର ପୁନଃ ସୃଷ୍ଟି ଦ୍ୱାରା ଜାତୀୟ ଐତିହ୍ୟକୁ ସ୍ମରଣ କରିବା ସହିତ ସମକାଳୀନ ସମସ୍ୟା ସହିତ ଅସ୍ମିତା, ରାଜନୈତିକ ବିକୃତି, ଅବକ୍ଷୟ ମୂଲ୍ୟବୋଧ, ସତ୍ୟ, ତ୍ୟାଗ, ଆଦର୍ଶ, ସାହିତ୍ୟିକ ଓ ସାମାଜିକ ଦୃଷ୍ଟିରେ ଗଭୀର ସୂଚନା ଦେଇଥାଏ। ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ରେ ମିଥ୍‌ର ସୃଜନାତ୍ମକ ଦିଗ ଆଉ ଏକ ନୂତନ ରୂପ। ଠିକ୍ ସେହିପରି ମଧ୍ୟଯୁଗୀୟ ପୌରାଣିକ କାବ୍ୟ ଓ ପରେ ପରେ ଆଧୁନିକ ସାହିତ୍ୟରେ ମିଥ୍ ନିତ୍ୟ ନୂତନ ଅର୍ଥ ଓ ପ୍ରତୀକରେ ବହୁଳ ଭାବେ ପ୍ରୟୋଗ ହୋଇଛି।

ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଆଧୁନିକ ଓଡ଼ିଆ କବିତାରେ ମିଥ୍ ପ୍ରୟୋଗର ଏକ ଅପୂର୍ବ ଦୃଷ୍ଟାନ୍ତ। ରାଧାକୃଷ୍ଣ ମିଥ୍‌କୁ ସେ ପୌରାଣିକ କାହାଣୀ ଭାବେ ନୁହେଁ, ବରଂ ଆଧୁନିକ ମନୋବୈଜ୍ଞାନିକ ଓ ଅସ୍ତିତ୍ୱବାଦୀ ପ୍ରସଙ୍ଗରେ ପୁନଃସୃଷ୍ଟି କରିଛନ୍ତି। ରମାକାନ୍ତଙ୍କ ଦୃଷ୍ଟି ଓ ସୃଷ୍ଟିରେ ରାଧା-କୃଷ୍ଣ ଦିବ୍ୟପ୍ରେମର ପ୍ରତୀକ। ତାଙ୍କ ମାଧ୍ୟମରେ ମାନବୀୟ ଆଶା, ଉଦ୍ଦୀପନା, ସନ୍ଦେହ, ବିଶ୍ୱାସ, ଅନିଶ୍ଚିତତା, ପ୍ରେମ ସହିତ ମନରେ ଅସୁମାରୀ ପ୍ରଶ୍ନ, ସଂଶୟ ଆଦି ରହିଛି। ପୌରାଣିକ ରାଧା ହୋଇଛନ୍ତି ଆତ୍ମ ସଚେତନ, କୃଷ୍ଣଙ୍କ ପ୍ରତି ଭଲପାଇବାରେ ରହିଛି ନିର୍ବାକ୍ ବେଦନା, ଅପୂର୍ଣ୍ଣତା ଓ ଅସ୍ତିତ୍ୱ ଜିଜ୍ଞାସା। ରାଧା କେବଳ ପ୍ରେମିକା ନୁହଁନ୍ତି ଜଣେ ସାଧାରଣ ନାରୀର ସ୍ୱର। ଠିକ୍ ସେହିପରି କୃଷ୍ଣ ଆଉ ଦେବତା ହୋଇ ନ ରହି ବରଂ ଚିରନ୍ତନ ଆକାଂକ୍ଷାର ପ୍ରତୀକ। 'ଶ୍ରୀରାଧା' ମିଥ୍ କାବ୍ୟଟି ହେଉଛି ଆଧୁନିକ ମନୋବୃତ୍ତି ନାରୀ ଚେତନା ଓ ଅସ୍ତିତ୍ୱ ଜିଜ୍ଞାସାର ଅଭିବ୍ୟକ୍ତି ସମକାଳୀନ ସମାଜର ସୃଜନଶୀଳ ନୂତନ ବ୍ୟାଖ୍ୟା।

ସୀତାକାନ୍ତଙ୍କ କବିତାରେ ପୌରାଣିକ ଓ ଲୋକକଥା, ଲୋକମିଥ୍ ଆଧୁନିକ ଜୀବନବୋଧ ସହିତ ଏକାତ୍ମ ହୋଇଛି। ଆଧୁନିକ ମଣିଷର ଅସ୍ତିତ୍ୱ ସଙ୍କଟ, ନିର୍ଜନତା ଓ ଆତ୍ମସନ୍ଧାନକୁ ପୌରାଣିକ ଚରିତ୍ର ମାଧ୍ୟମରେ ପୁନଃସୃଷ୍ଟି କରିଛନ୍ତି। ପାରମ୍ପରିକ ମିଥ୍‌କୁ ନୂତନ ପଦ ପ୍ରଦାନ କରିବାରେ ସୀତାକାନ୍ତଙ୍କ ସ୍ୱତନ୍ତ୍ରତା ବାରି ହୋଇପଡ଼େ। ତାଙ୍କ କବିତାଗୁଡ଼ିକରେ ଜୀବନର ସମସ୍ୟା ଓ ଅସ୍ତିତ୍ୱବାଦୀ ଚେତନାକୁ ମିଥ୍ ପ୍ରୟୋଗ ମାଧ୍ୟମରେ ଗଭୀର ପ୍ରତୀକାତ୍ମକ ଓ ଦାର୍ଶନିକ ଦୃଷ୍ଟିରେ ଆଧୁନିକ ଓଡ଼ିଆ କାବ୍ୟ ଧାରାରେ ସ୍ୱତନ୍ତ୍ର ଓ ମୌଳିକ ସ୍ଥାନକୁ ଉନ୍ନୀତ କରିପାରିଛନ୍ତି।

ହରପ୍ରସାଦ ଦାସଙ୍କ 'ବଂଶ' କେବଳ ମହାଭାରତର ପୌରାଣିକ ଆଶ୍ରୟ ନୁହେଁ। ଆଧୁନିକ ମାନବ ଅସ୍ତିତ୍ୱର ଗଭୀର ଚେତନାର ଅନୁସନ୍ଧାନ। 'ବଂଶ' ଶବ୍ଦଟି ପରିବାର କିମ୍ବା କୁଳର ଅର୍ଥରେ ନୁହେଁ। ମାନବ ସଭ୍ୟତାର ଉତ୍ସ, ସ୍ମୃତି ଓ ପାରମ୍ପରିକତାର ଏକ ସାଙ୍କେତିକ ମିଥ୍ ରୂପେ କାବ୍ୟରେ ବ୍ୟବହୃତ। ବଂଶ ହେଉଛି ରକ୍ତର ସ୍ମୃତି, ପୂର୍ବଜଙ୍କର ଅନୁଭବ, ଐତିହ୍ୟ ତଥା ମନୁଷ୍ୟର ମନୋବୃତ୍ତିର ଗୁପ୍ତଧାରା। ମିଥ୍ ଏଠାରେ କୌଣସି ଅଲୌକିକ କଥା ନୁହେଁ, ବରଂ ସାମୂହିକ ଚେତନାର ପ୍ରତୀକ।

ପ୍ରତିଭା ଶତପଥୀଙ୍କ କବିତାରେ ମିଥ୍ ପୌରାଣିକ ଗାଥା ନୁହେଁ, ସୀତା, ଦ୍ରୌପଦୀ, କୁନ୍ତି, ଶବରୀ ଚରିତ୍ରମାନେ ସାମ୍ପ୍ରତିକ କାଳର ନାରୀ ଅସ୍ତିତ୍ୱ, ମାନସିକ ଯନ୍ତ୍ରଣା ଓ ସାମାଜିକ ସଙ୍କଟର ପ୍ରତୀକ। ତାଙ୍କ କବିତାରେ ମିଥ୍ ଅତ୍ୟନ୍ତ ସୃଜନାତ୍ମକ ଓ ଚୈତନ୍ୟମୟ। ଭାଷା ସଂକ୍ଷିପ୍ତ, ସ୍ୱର୍ଶ ଓ ଅନ୍ତର୍ମୁଖୀ। ଏହି କାରଣରୁ ମିଥ୍ ମାଧ୍ୟମରେ ଅତୀତ ସହିତ ବର୍ତ୍ତମାନକୁ ସେତୁବନ୍ଧ ସଦୃଶ୍ୟ ଯୋଡ଼ା ଯାଇଛି।

ଉତ୍ତର ଆଧୁନିକ କବିତାରେ ମିଥ୍‌ର ପ୍ରୟୋଗ ଏକ ଗୁରୁତ୍ୱପୂର୍ଣ୍ଣ କବିତାତ୍ମକ ପ୍ରବୃତ୍ତି ଭାବେ ଦେଖାଯାଏ। ପୁରାଣ, ଇତିହାସ, ଲୋକକଥା, ବିଭିନ୍ନ ଘଟଣା ତଥା ଚରିତ୍ରମାନଙ୍କୁ ଆଧାର କରି ନୂତନ ମିଥ୍ ଓ ନୂତନ ଅର୍ଥ ସୃଷ୍ଟି ହୋଇଛି। ସାମାଜିକ, ଦାର୍ଶନିକ ଓ ମାନବୀୟ ପରିପ୍ରେକ୍ଷୀରେ ଜୀବନର ସତ୍ୟ ଓ ବାସ୍ତବତାକୁ ପ୍ରକାଶ କରିବାରେ ମିଥ୍ ଏକ ଶକ୍ତିଶାଳୀ କାବ୍ୟାଂଶ ରୂପେ ବ୍ୟବହାର ହେଉଛି। ପୁରାତନ ପରମ୍ପରାକୁ ଆଧୁନିକ ଚେତନା ସହିତ ସମନ୍ୱିତ ତଥା ଜୀବନର ପ୍ରତୀକ ରୂପେ ବ୍ୟବହୃତ। ଦ୍ରୌପଦୀ ପାଣ୍ଡବମାନଙ୍କ ପତ୍ନୀ କେବଳ ନୁହଁନ୍ତି, ବରଂ ସେ ଆଧୁନିକ ସମାଜରେ ନାରୀ ଅପମାନର ପ୍ରତୀକ। ପୁରାଣ ଓ ଇତିହାସ ମାଧ୍ୟମରେ ଜାତୀୟ ଓ ସାଂସ୍କୃତିକ ଚେତନାକୁ ସାମ୍ପ୍ରତିକ କବିତାରେ ଉଦ୍ଭାସିତ କରାଯାଉଛି। ଜୟନ୍ତ ମହାପାତ୍ରଙ୍କ କବିତାରେ ମିଥ୍ ଓ ଇତିହାସର ଗଭୀର ପ୍ରୟୋଗ ଇତିହାସ ଓ ପୁରାଣ, ଅନ୍ତର୍ମୁଖୀଚିନ୍ତା ଓ ସାମାଜିକ ବାସ୍ତବତାର ଚିତ୍ରଣ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପ୍ରାଣତାର ଆତ୍ମିକ ପରିପ୍ରକାଶ ରହିଛି। ସୌଭାଗ୍ୟ କୁମାର ମିଶ୍ର ପୁରାଣ ଚରିତ୍ର ମାଧ୍ୟମରେ ଆଧୁନିକ ସମାଜର ଅସମାନତା ଓ ଦୁର୍ନୀତିକୁ ଦର୍ଶାଇଛନ୍ତି। ମିଥ୍ ବ୍ୟବହାରର ପ୍ରତୀକାତ୍ମତା, ସାଂସ୍କୃତିକ ଚେତନା ମିଥ୍ ପ୍ରୟୋଗ ଦ୍ୱାରା ଏକ ଗଭୀର ସୃଜନଶୀଳ ପ୍ରବୃତ୍ତି ଯାହା ଜୀବନ ତଥା ଜାତୀୟ ସମସ୍ୟା ଓ ଅନୁଭୂତି ସହିତ ଯୋଡ଼ି ନୂତନ କାବ୍ୟ ଆନ୍ଦୋଳନ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

ଏକବିଂଶ ଶତାବ୍ଦୀର ମିଥ୍‌ଧର୍ମୀ କବିତାଗୁଡ଼ିକ ମଧ୍ୟରେ ଶରତ ପ୍ରଧାନଙ୍କ 'ଯଯାତି', ହୃଷିକେଶ ମଲ୍ଲିକଙ୍କ 'ବସୁଷେଣ', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ପୂତନା', ସୌରୀନ୍ଦ୍ର ବାରିକଙ୍କ 'ଉପଭାରତ', 'ଅନୁଭାରତ', ଦିଲିପ ଦାସଙ୍କ 'ନୀଳମାଧବ', ଶତ୍ରୁଘ୍ନ ପାଣ୍ଡବଙ୍କ 'ଶ୍ରାବସ୍ତୀରୁ ଶ୍ରାବସ୍ତୀ, 'ମିଶ୍ର ଧ୍ରୁପଦ', ଦେବଦାସ ଛୋଟରାୟଙ୍କ 'ରେବତୀ', ଫନୀ ମହାନ୍ତିଙ୍କ 'ପ୍ରିୟତମା' ପ୍ରଭୃତି କବିତା ସଙ୍କଳନଗୁଡ଼ିକରେ ମିଥ୍‌କୁ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଅତ୍ୟନ୍ତ ପ୍ରାସଙ୍ଗିକ ମନେ ହୁଏ। ତେବେ ଆଧୁନିକ କବିତାରେ ମିଥ୍ ପ୍ରୟୋଗ ଓ ପ୍ରାସଙ୍ଗିକତାକୁ ଭିତ୍ତି କରି ଯେଉଁ କବିମାନେ ଓଡ଼ିଆ କବିତାର ଶ୍ରୀ ଓ ସମୃଦ୍ଧି ବିକାଶ କରିଛନ୍ତି ସେମାନେ ହେଲେ ସଚ୍ଚି ରାଉତରାୟ, ବେଣୁଧର ରାଉତ, ଗୁରୁପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର, କମଳାକାନ୍ତ ଲେଙ୍କା, ସରୋଜ ରଞ୍ଜନ ମହାନ୍ତି, ଦୀପକ ମିଶ୍ର, ମନମୋହନ ମିଶ୍ର, ଶ୍ରୀନିବାସ ଉଦ୍‌ଗୀତା, ମନୋରମା ମହାପାତ୍ର, ପ୍ରତିଭା ଶତପଥୀ, ବିଭୁଦତ୍ତ ମିଶ୍ର, ବଂଶୀଧର ଷଡ଼ଙ୍ଗୀ, ଦେବଦାସ ଛୋଟରାୟ, ବସନ୍ତ ମୁଦୁଲି, ପ୍ରସନ୍ନ କୁମାର ମିଶ୍ର, ବିପିନ ନାୟକ ଏବଂ ସାମ୍ପ୍ରତିକ କାଳର ତରୁଣ ପିଢ଼ି କବିମାନଙ୍କ କବିତାରେ ମଧ୍ୟ ମିଥ୍ ପ୍ରୟୋଗର ପ୍ରବଣତା ଓ ନବ ମୂଲ୍ୟାୟନର ଦିଗ ନୂଆ ନୂଆ ସମ୍ଭାବନା ସୃଷ୍ଟି ପାରିପାରୁଛି।

ପୁରାଣ ଓ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଏକ ଅତ୍ୟନ୍ତ ପ୍ରାସଙ୍ଗିକ ଓ ସୃଜନଶୀଳ କବିତାତ୍ମକ ପ୍ରବୃତ୍ତି ଭାବେ ପରିଗଣିତ ହୋଇପାରୁଛି। ମିଥ୍ ପ୍ରୟୋଗ ଓଡ଼ିଆ କବିତାରେ ଗବେଷଣାର ଏକ ସମୃଦ୍ଧି କ୍ଷେତ୍ର ଭାବେ ଗ୍ରହଣୀୟ। ■

ରାଇରଙ୍ଗପୁର, ମୟୂରଭଞ୍ଜ
ମୋ: ୯୪୩୭୩୮୦୯୨୭

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଢ଼ିଲା ବିଶେଷଜ୍ଞ ଡାକ୍ତର ସଂଖ୍ୟା

ଦେବଗଡ଼, ୧୪।୩(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ସଂଖ୍ୟା ବୃଦ୍ଧି ପାଇ ୮ରୁ ୨୮ ହୋଇଛି। ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଧନୁର୍ଜୟ ମହନ୍ତଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହନ୍ତ ସୂଚନା ଦେଇଛନ୍ତି। ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବ। ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତି ସପ୍ତାହର ଗୋଟିଏ ଦିନ ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ ସେବା ଯୋଗାଇ ଦେବେ। ଜିଲ୍ଲାର ପ୍ରସୂତୀ ମହିଳା ମାନେ ଚିକିତ୍ସା ପାଇଁ ବେସରକାରୀ ଡାକ୍ତରଖାନା କିମ୍ବା ପଡୋଶୀ ଜିଲ୍ଲାକୁ ଯାଉଥିବା ବେଳେ ସେମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ ଯିବା ପାଇଁ ସ୍ୱତନ୍ତ୍ର ଗାଡିର ବ୍ୟବସ୍ଥା କରାଯିବ। ଏଥିସହ ସେମାନଙ୍କ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ମଧ ବିଭାଗ ତୁଲାଇବ। ମଙ୍ଗଳବାର ଛତାବର, ବୁଧବାର ବାରକୋଟ ଓ ବମ୍ପରଡା, ଗୁରୁବାର ତିଲେଇବଣି, ଶୁକ୍ରବାର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ



ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ୮ ଜଣ ମାତ୍ର ବିଶେଷଜ୍ଞ ଥିବା ବେଳେ ନୂତନ ଭାବେ ୨୦ ଜଣ ବିଶେଷଜ୍ଞ ନିଯୁକ୍ତି ପାଇଛନ୍ତି। ଏବେ ଭେଷଜ ବିଶେଷଜ୍ଞ ୩ ଜଣ, ଶଲ୍ୟ ଚିକିତ୍ସାରେ ୩, ଅସ୍ଥିରୋଗ ବିଭାଗରେ ଜଣେ, ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ୮, ଶିଶୁରୋଗ ବିଭାଗରେ ୪, ଫୁସଫୁସରୋଗ ପାଇଁ ଜଣେ, ନିଶ୍ଚେତକ ବିଶେଷଜ୍ଞ ଜଣେ, ଚକ୍ଷୁ ନାକ ଗଳା ବିଶେଷଜ୍ଞ ଜଣେ, ଚକ୍ଷୁ ବିଭାଗରେ ୨ ଜଣ, ଦାନ୍ତ ବିଭାଗରେ ୩ ଜଣ ଏବଂ

**ଥିଲେ ୮, ହେଲେ ୨୮**

ଚର୍ମ ବିଭାଗରେ ଜଣେ ଥିବା ଜଣାପଡ଼ିଛି। ପ୍ରାୟ ସମସ୍ତ ବିଭାଗରେ ବିଶେଷଜ୍ଞ ଡାକ୍ତର ଆସି ଯାଇଥିବାରୁ ଏବେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଓଡ଼ିଶାକୁ ପାଣି ଛାଡ଼ିବା ପାଇଁ କଲମାରେ ବିକ୍ଷୋଭ




ଝାରସୁଗୁଡ଼ା, ୧୪।୩ (ସମିସ): ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ଶନିବାର ଛତିଶଗଡ଼ କଲମା ବ୍ୟାରେଜରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛି। ଛତିଶଗଡ଼ ସରକାର କଲମା ବ୍ୟାରେଜର ସମସ୍ତ ଗେଟକୁ ବନ୍ଦ କରି ପାଣି ରୋକିବା ସହ କେବଳ ଶିଳ୍ପ ସଂସ୍ଥାକୁ ପାଣି ଯୋଗାଉଛି। କଲମା ବ୍ୟାରେଜରେ ପାଣି ରୋକଯାଇଥିବାରୁ ଓଡ଼ିଶା ଏବଂ ଛତିଶଗଡ଼ର ହଜାର ହଜାର ଚାଷୀ ମତ୍ସ୍ୟଜୀବୀ ନିଜର ଜୀବିକା ହରାଇଛନ୍ତି। ମତ୍ସ୍ୟଜୀବୀଙ୍କ ଜୀବିକା ବଞ୍ଚାଇବା ପାଇଁ ଅଣମୌସୁମୀ ସମୟରେ କଲମା ବ୍ୟାରେଜ ଖୋଲାଯାଉ ଏବଂ ଓଡ଼ିଶାକୁ ପାଣି ଦିଆଯାଉ ବୋଲି ବିକ୍ଷୋଭକାରି ଦାବି କରିଛନ୍ତି। ବିକ୍ଷୋଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ବାସୀ ସାମିଲ ଥିଲେ। ଅନ୍ୟପଟେ ଆଜି କଲମା ବ୍ୟାରେଜର ସମସ୍ତ ଗେଟ ବନ୍ଦ ରହିଥିବା ବେଳେ ଓଡ଼ିଶା ପଟକୁ ଟୋପାଏ ବି ପାଣି ଆସୁନାହିଁ। ଓଡ଼ିଶା ପଟେ ମହାନଦୀ ଶୁଖିଲା ପଡ଼ିଛି କିନ୍ତୁ ଛତିଶଗଡ଼ ପଟେ ପାଣି ଲହଡି ଭାଙ୍ଗୁଛି। ଛତିଶଗଡ଼ ସରକାରଙ୍କ କଲମା ବ୍ୟାରେଜ ଯୋଗୁଁ କେବଳ ଓଡ଼ିଶାର ୧୮ ଜିଲ୍ଲା ନୁହେଁ ଛତିଶଗଡ଼ର ମଧ ବହୁ ପଞ୍ଚାୟତ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ହେଲେ ଛତିଶଗଡ଼ ସରକାର କଲମା ବ୍ୟାରେଜ ଖୋଲି ପାଣିକୁ ପ୍ରବାହିତ ହେବାକୁ ଦେବା ପରିବର୍ତ୍ତେ ସମସ୍ତ ପାଣିକୁ ଶିଳ୍ପ ସଂସ୍ଥାକୁ ଯୋଗାଉଛି। ତେଣୁ ମହାନଦୀ ଟ୍ରିବ୍ୟୁନାଲ ଅନ୍ତରୀଣ ରାୟ ପ୍ରକାଶ କରି ମହାନଦୀ ପାଣି କିପରି ଅଣ ମୌସୁମୀ ସମୟରେ ଓଡ଼ିଶା ଆସିବ ତାର ବ୍ୟବସ୍ଥା କରୁ ଏବଂ ଛତିଶଗଡ଼ ସରକାର କଲମାର ଗେଟ ଖୋଲନ୍ତୁ ନଚେତ 'ମହାନଦୀ ବଞ୍ଚାଅ ଜୀବନ ବଞ୍ଚାଅ' ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

# ୬୪.୪ କେଜି ଗଞ୍ଜେଇ ଜବତ, ୩ ଗିରଫ

ବ୍ରଜରାଜନଗର, ୧୪।୩(ସମିସ): ରାଜ୍ୟ ସରକାରଙ୍କ ନିଶାମୁକ୍ତ ଓଡ଼ିଶା ଅଭିଯାନରେ ବ୍ରଜରାଜନଗର ଓ ବନହରପାଲି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୬୩ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ବ୍ରଜରାଜନଗରର ଅମରନାଥ ଦ୍ୱିବେଦୀ (୨୭), ବନହରପାଲିର ତେଜରାମ ଭୋଇଁସା, ବୌଦ୍ଧର ଶ୍ରୀକାନ୍ତ ଦାସ (୪୨)। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ପ୍ରେସ ସମ୍ମିଳନୀରେ ଏନେଇ ସବିଶେଷ ତଥ୍ୟ ଦେଇଛନ୍ତି। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଲାଜକୁରା ଗୋଶାଳା ପାଖରେ ଅମରନାଥ ଗଞ୍ଜେଇ କାରବାର କରୁଥିବା ଖବର ପାଇଥିଲେ। ବୁଧବାର ସନ୍ଧ୍ୟାରେ ଗଞ୍ଜେଇ ସହିତ ତାକୁ ଧରିଥିଲେ। ପରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ତା ଘରୁ ୬୨ କେଜି ଗଞ୍ଜେଇ ଜବତ ହୋଇଥିଲା। ସେହିପରି ବନହରପାଲି ପୁଲିସ ତେଜରାମକୁ ଧରି ତା ଠାରୁ ୧ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଉଭୟ ବୌଦ୍ଧ ଜିଲ୍ଲାରୁ ଗଞ୍ଜେଇ ଆଣୁଥିବା ପୁଲିସ ଆଗରେ ପ୍ରକାଶ କରିଥିଲେ। ଉଭୟଙ୍କ ଠାରୁ ସୁରାକ ପାଇ ପୁଲିସ ବୌଦ୍ଧରୁ ଶ୍ରୀକାନ୍ତକୁ ଗିରଫ କରିଥିଲା। ପୁଲିସ ସେମାନଙ୍କ ଠାରୁ ୧୫ ହଜାର ଟଙ୍କା, ଗୋଟିଏ ଲେଖାଁ କାର, ବାଇକ ଓ ସ୍କୁଟି ଏବଂ ୩ଟି ମୋବାଇଲ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସାମାଜିକ ଗଣମାଧ୍ୟମର ଦୁର୍ବ୍ୟବହାର କରି ମହିଳା ଗିରଫ

ଝାରସୁଗୁଡ଼ା, ୧୪।୩ (ସମିସ): ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟ ଖୋଲି ସୋସିଆଲ୍ ମିଡିଆର ଦୁର୍ବ୍ୟବହାର ସହିତ ମାନହାନି ଅଭିଯୋଗରେ ଝାରସୁଗୁଡ଼ା ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଆରଡି ଛକ କେନାଲ୍‌ରୋଡର ମହାମାୟା ବିଶ୍ୱାଳ (୩୮) ନାମ୍ନୀ ଜଣେ ମହିଳା ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ବେଲପାହାଡ ଗୁମାଡେରା ଅଞ୍ଚଳର ଦେବେନ୍ଦ୍ର ନାୟକ ତାଙ୍କ ନାମ ଓ ପ୍ରୋଫାଇଲ ଫଟୋର ଅପବ୍ୟବହାର ହେଉଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, କେହି ଅଜଣା ବ୍ୟକ୍ତି ଏକ ନକଲି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ତିଆରି କରି ସେହି ଆକାଉଣ୍ଟ ମାଧ୍ୟମରେ ଭ୍ରାମକ ଓ ଅପମାନଜନକ ପୋଷ୍ଟ କରି ତାଙ୍କ ପରିଚିତ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ତାଙ୍କର ମାନହାନି କରିବା ପାଇଁ ଚେଷ୍ଟା କରୁଥିଲା। ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ କରାଯାଇ ମହାମାୟା ବିଶ୍ୱାଳକୁ ଗିରଫ କରାଯାଇଛି। ଏହାକୁ ନେଇ ସାଇବର ଅପରାଧ ଓ ଅର୍ଥନୈତିକ



ଅପରାଧ ଥାନା ପୁଲିସ କେସ ରୁଜୁ କରିଛି। ଝାରସୁଗୁଡ଼ା ସାଇବର ପୁଲିସ ପ୍ରଯୁକ୍ତିଗତ ବିଶ୍ଳେଷଣ କରି ନକଲି ଆକାଉଣ୍ଟର ଉତ୍ସ ଚିହ୍ନଟ କରିଥିଲେ। ଡିଜିଟାଲ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରାଯାଇ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ବେଳେ ସୋସିଆଲ୍ ମିଡିଆର ଦୁର୍ବ୍ୟବହାର ଓ ସାଇବର ଅପରାଧ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ଝାରସୁଗୁଡ଼ା ପୁଲିସ ପକ୍ଷରୁ କୁହାଯାଇଛି। ଏପରି କୌଣସି ସାଇବର ଠକେଇ ନେଇ ସନ୍ଦେହ ହେଲେ ନିକଟସ୍ଥ ପୁଲିସ ଷ୍ଟେସନ କିମ୍ବା ହେଲ୍ପ ଲାଇନ ନମ୍ବରରେ ଜଣାଇବା ପାଇଁ ପୁଲିସ ତରଫରୁ ଅନୁରୋଧ କରାଯାଇଛି।

# ଓପିଜିସି ତରଫରୁ ଦଲଗାଁରେ ଚକ୍ଷୁ ଚିକିତ୍ସା ଶିବିର

ଇବଥର୍ମାଲ, ୧୪।୩(ସମିସ): ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ଦଲଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ, ଭୁବନେଶ୍ୱରର ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। ସନ୍ତୋଷ ରୋହିଦାସ ଦଲଗାଁ ସରପଞ୍ଚଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ହୋଇଥିଲା। ଓପିଜିସିର ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ କେୟାର ନେତ୍ରମର ମେଡିକାଲ ଟିମ ଉପସ୍ଥିତ ଥିଲେ। ଶିବିର ସକାଳ ୯ରୁ ଆରମ୍ଭ ହୋଇ ଅପରାହ୍ଣ ୪ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା। ଆଖପାଖ ୧୮ଟି ଗାଁ ଯଥା ଦଲଗାଁ, ବାସୁପଲି, ବାଲିଆମୁଣ୍ଡା ବେଜିବନ୍ଧ, ଯମୁନା, ଫଳସଢ଼ିପ, ଗୁଡିଆଲି, ଡୁଡୁଲସିଂଗା, କାର୍ପବାହାଲ, ନେଗୀପାଲି, ଖମାରଡିହି, ବନ୍ଧବାହାଲ ଆଦି ଗାଁ ଗୁଡିକରୁ ୨୮୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୫୭ ମହିଳା ଓ ୧୩୧ ପୁରୁଷ ଓ ସମୁଦାୟ ୨୫୧ଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନାମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ୩୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଓପିଜିସି ସିଏସଆର ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ଅମର ସିଂ ପ୍ରମୁଖ ଶିବିରର ସଂଯୋଜନା କରିବାରେ ସହଯୋଗ କରିଥିଲେ।

# ଚୋରି ଘଟଣାରେ ଅଭିଯୁକ୍ତ ନାବାଳକ ଦୋଷୀ ସାବ୍ୟସ୍ତ

ଦେବଗଡ଼, ୧୪।୩ (ସମିସ): ଦେବଗଡ଼ ପୌରାଞ୍ଚଳ ଦୋଳମଣ୍ଡପ ସାହିର ପ୍ରତିଷ୍ଠିତ ବ୍ୟବସାୟୀ ମୋହନଲାଲ ଗୋଏଲଙ୍କ ଘରୁ ୨୦୨୪ରେ ଲକ୍ଷାଧିକ ଟଙ୍କା ଚୋରି ମାମଲାର ବିଚାର କରି କିଶୋର ନ୍ୟାୟ ପରିଷଦ ଜଣେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏକ ବର୍ଷ ପାଇଁ ସୁଧାର ଗୃହରେ ରହିବା ଦଣ୍ଡାଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଦୋଳମଣ୍ଡପ ସାହିର ଜଣାଶୁଣା ବ୍ୟବସାୟୀ ମୋହନଲାଲ ଗୋଏଲଙ୍କ ଘର ଭିତରେ ପଶି ନଗଦ ୫ ଲକ୍ଷ ୪୮ ହଜାର ୬୫ ଟଙ୍କା ଏବଂ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ଆପଲ୍ ଆଇପ୍ୟାଡ ଚୋରି ହୋଇଥିଲା। ଏନେଇ ବ୍ୟବସାୟୀ ଶ୍ରୀ ଗୋଏଲ ୨୦୨୪ ଜୁନ ୨୮ରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଉକ୍ତ ଚୋରି ମାମଲାର ତଦନ୍ତ କରି ଦେବଗଡ଼ ଥାନାଞ୍ଚଳର ଜଣେ ନାବାଳକକୁ ପୁଲିସ ଅଟକ ରଖିବା ସହ ସମୀର ଦେହୁରୀ ନାମକ ଅନ୍ୟଜଣେ ଯୁବକକୁ ଗିରଫ କରିଥିଲା। ପୁଲିସ ଉଭୟଙ୍କ ନିକଟରୁ ନଗଦ ୨ଲକ୍ଷ ୪୬ ହଜାର ଟଙ୍କା, ଗୋଟିଏ ଆପଲ ଆଇପ୍ୟାଡ, ଗୋଟିଏ ସ୍କୁଟର, ଗୋଟିଏ ସାଇକଲ ଓ ୪ଟି ମୋବାଇଲ ଫୋନ ଉଦ୍ଧାର କରିଥିଲା। ଅଭିଯୁକ୍ତ ନାବାଳକକୁ ଦେବଗଡ଼ କିଶୋର ନ୍ୟାୟ ପରିଷଦରେ ଉପସ୍ଥାପନ କରାହୋଇଥିଲା। ଗିରଫ ଯୁବକ ସମୀରଙ୍କୁ କୋର୍ଟଚାଲାଣ କରାଯିବାସହ ଅଦାଲତରେ ଚାର୍ଜସିଟ ଦାଖଲ ହୋଇଥିଲା। ଦେବଗଡ଼ କିଶୋର ନ୍ୟାୟ ପରିଷଦରେ ମାମଲା ବିଚାରାଧିନ ଥିବା ବେଳେ ୧୦ ଜଣ ନିରପେକ୍ଷଙ୍କର ସାକ୍ଷ୍ୟ ଓ ପ୍ରାପ୍ତ ପ୍ରମାଣ ଆଧାରରେ କିଶୋର ନ୍ୟାୟ ପରିଷଦ ଚୋରି ମାମଲାରେ ସମ୍ପୃକ୍ତ ଥିବା ନାବାଳକକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଏକ ବର୍ଷ ପାଇଁ ସୁଧାର ଗୃହରେ ରହିବା ପାଇଁ ଦଣ୍ଡାଦେଶ ଦେବାସହ ରାଉରକେଲା ସ୍ଥିତ ସୁଧାର ଗୃହକୁ ପଠାଇ ଦିଆଯାଇଛି।

# ବ୍ରଜରାଜନଗର ପ୍ରସ୍ତାବିତ ବସଷ୍ଟାଣ୍ଡ ଖଳିଆକାନିକୁ ସ୍ଥାନାନ୍ତର

ବ୍ରଜରାଜନଗର, ୧୪।୩(ସମିସ): ବ୍ରଜରାଜନଗର ଆରମ୍ଭ ହେବା ପରଠାରୁ ଏଠାକୁ ଆସୁଥିବା ବସ ଗୁଡିକ ଥାନା ସମ୍ମୁଖ ପଡ଼ିଆ ଓ ପରେ ଥାନାକୁ ଲାଗି ରହିଥିବା ପଡ଼ିଆରେ ରହିଆସୁଛି। ରାତ୍ରିକାଳୀନ ବସ ଗୁଡିକ ଲମ୍ବା ଥିବାରୁ ସହର ଭିତରକୁ ଆସିବା ସମ୍ଭବ ହେଉ ନଥିଲା। ତେଣୁ ବସ ଗୁଡିକ ବିଜୁ ପଟ୍ଟନାୟକ ଛକରୁ ଫେରି ଯାଉଛି। ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ମଙ୍ଗଳା ମନ୍ଦିର ନିକଟରେ ତତ୍କାଳୀନ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଥିଲେ। ମାତ୍ର ସେଠାରେ ଗଢ଼ି ଉଠିଥିବା ବସ୍ତିର ଲୋକମାନେ ସେତେବେଳେ ବିରୋଧ କରିଥିଲେ। ହେଲେ ବିଧାନସଭା ହାଉସିଂ କମିଟି ସୁପାରିସ ଆଳ ଦେଖାଇ ଗ୍ରାମ୍ୟ ଜଙ୍ଗଲ ଜମିରେ ଗଢ଼ି ଉଠିଥିବା ବସ୍ତିକୁ ଜିଲ୍ଲା ପ୍ରଶାସନ ପୁଲିସ ସହାୟତାରେ ଉଚ୍ଛେଦ କରିଥିଲା। ପ୍ରାୟ ୭୦ରୁ ଅଧିକ ପରିବାରର ଘର ଉଜୁଡ଼ି ଯାଇଥିଲା। ଉଚ୍ଛେଦ ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ପୌର ପରିଷଦ ୧୪ ବର୍ଷ ପୂର୍ବେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ପାଚେରୀ ନିର୍ମାଣ କରିଥିଲା। ୨୦୨୪ରେ ଜିଲ୍ଲା ପ୍ରଶାସନ ଜମିର କିସମ ପରିବର୍ତ୍ତନ ପାଇଁ ପ୍ରୟାସ ଆରମ୍ଭ କରିବା ସହ ସେଠାରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲା। ପରେ ନୂତନ ସରକାର ଆସିବା ପରେ ବସଷ୍ଟାଣ୍ଡକୁ ନେଇ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ମଙ୍ଗଳା ମନ୍ଦିର ନିକଟ ଉଚ୍ଛେଦ ଜମିର କିସମ ପରିବର୍ତ୍ତନ ସମସ୍ୟା ସମାଧାନ ହୋଇ ପାରୁନାହିଁ ବୋଲି ସ୍ପଷ୍ଟ ହୋଇଛି। ତେଣୁ ହସ୍ପିଟାଲ ଓ ବ୍ରଜରାଜନଗର ମହାବିଦ୍ୟାଳୟ ରୋଡ ମଝିରେ ଥିବା ପ୍ରାୟ ୪ ଏକର ଜମିରେ ବସଷ୍ଟାଣ୍ଡ ନିର୍ମାଣ ହେବ ବୋଲି ନିଷ୍ପତ୍ତି ହୋଇଛି। ସେଠାରେ ୧୦ ବର୍ଷ ପୂର୍ବେ ଖଳିଆକାନି ଗାଁ କମିଟିର ଲିଖିତ ଅନୁରୋଧରେ ଜଙ୍ଗଲ ବିଭାଗ ପକ୍ଷରୁ ୪୭୯ଟି ଗଛ ଲଗାଯାଇଥିଲା। ବର୍ତ୍ତମାନ ସେହି ଗଛଗୁଡ଼ିକୁ କାଟିବା ପାଇଁ ଝାରସୁଗୁଡ଼ା ପରିବହନ ବିଭାଗକୁ ମଞ୍ଜୁରି ମିଳିଛି। ସଙ୍ଗେ ସଙ୍ଗେ ଗଛ କଟା ଆରମ୍ଭ ମଧ ହୋଇଛି।




ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ ପ୍ରଦର୍ଶନ

ଅପରପକ୍ଷରେ ବ୍ରଜରାଜନଗର ଟାଉନ ୟୁନିଟ-୨ ମୌଜାର ଖାତା ନଂ-୬୩୩ ପ୍ଲଟ ନଂ-୨୯୬୦ କିସମ ଗୋଚର ଜମି ଉପରେ ନିର୍ମାଣ ହେବାକୁ ଯାଉଥିବା ନୂଆ ବସଷ୍ଟାଣ୍ଡକୁ ଖଳିଆକାନି ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ଦାବି ମୁତାବକ ପ୍ରାୟ ୧୯୬୪ରୁ ଏହାର ପଛପଟେ ଥିବା ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱର ଜମିକୁ ଖାଲିଆକାନି ସ୍ପୋର୍ଟ୍ସ ଷ୍ଟାଡିୟମ୍ ନିର୍ମାଣ ପାଇଁ ରହିଛି। ଏପରିକି ସେଠାରେ ଷ୍ଟାଡିୟମ କାମ ଜାରି ରହିଛି। ଏହାସହ ଷ୍ଟାଡିୟମରେ ଖେଳାଳି ମାନଙ୍କ ରହିବା ଗୃହ, ଖାଇବା ଗୃହ ତଥା ଦର୍ଶକ ଗ୍ୟାଲେରୀ ଆଦି ତିଆରି ସରିଛି। ଷ୍ଟାଡିୟମର ସମ୍ମୁଖ ଭାଗ ରାସ୍ତା କଡ଼ ଜମିକୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଚିହ୍ନଟ କରାଯାଇଛି। ବସଷ୍ଟାଣ୍ଡ ପାଇଁ ଗଛ କଟା ହେବା ପରେ ସେହି ଅଞ୍ଚଳ ଷ୍ଟାଡିୟମର ଏକ ମୁଖ୍ୟ ଅଂଶ ଏବଂ ଷ୍ଟାଡିୟମ ଓ ମୁଖ୍ୟରାସ୍ତାକୁ ସଂଯୋଗ କରୁଛି ବୋଲି ଜଣାପଡ଼ିଛି। ଷ୍ଟାଡିୟମ ଓ ମୁଖ୍ୟରାସ୍ତାକୁ ସଂଯୋଗ କରୁଛି। ଏପରି ସ୍ଥଳେ ଜିଲ୍ଲା କର୍ତ୍ତୃପକ୍ଷ କେଉଁ ଦୃଷ୍ଟିରୁ ଏହି ସ୍ଥାନକୁ ବସଷ୍ଟାଣ୍ଡ ପାଇଁ ମନୋନୀତ କଲେ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ସ୍ଥାନଟି ବ୍ରଜରାଜନଗର ମହାବିଦ୍ୟାଳୟ, ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ରଜରାଜନଗର ଶିଶୁ ଉଦ୍ୟାନର ମଝି ଅଞ୍ଚଳରେ ଅବସ୍ଥିତ। ବସଷ୍ଟାଣ୍ଡ ହେଲେ ଗାଡ଼ି ଗୁଡ଼ିକ ଦ୍ୱାରା ଶବ୍ଦ ପ୍ରଦୂଷଣ ହେବ। କଲେଜ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ, ଉଦ୍ୟାନକୁ ଆସୁଥିବା ଶିଶୁ ଏବଂ ଷ୍ଟାଡିୟମର ଖେଳାଳିଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ। ପୂର୍ବରୁ ଏହି ସ୍ଥାନରେ ବ୍ରଜରାଜନଗର ପୌରପରିଷଦ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ ଓ ବ୍ରଜରାଜନଗର ଏସଡିପିଓ ଅଫିସ୍ ନିର୍ମାଣ ଯୋଜନାକୁ ଗ୍ରାମବାସୀ ବନ୍ଦ କରିଥିଲେ। ଏବେ ସେହି ସ୍ଥାନରେ ବସଷ୍ଟାଣ୍ଡ କରିବାକୁ ମଧ ଅଞ୍ଚଳବାସୀ ବିରୋଧ କରିଛନ୍ତି। ବିରୋଧ ପ୍ରଦର୍ଶନ ବେଳେ ରାଧାକୃଷ୍ଣ ଉନ୍ନୟନ ପରିଷଦର କର୍ମକର୍ତ୍ତା ଖଳିଆକାନି ଗ୍ରାମବାସୀ, କ୍ରିକେଟ ଖେଳାଳି, ଫୁଟବଲ ଖେଳାଳି ତଥା ବୁଦ୍ଧିଜୀବୀ ମହେନ୍ଦ୍ର ନାଏକ, କ୍ଷୀରୋଦ ପ୍ରଧାନ, ସରୋଜ ବଡ଼ାଇ, ରବିନ ପ୍ରଧାନ, କାହ୍ନା ସେଠ୍, ସୁଜିତ ସାହୁ, ଲରେନ୍ସ ପ୍ରଧାନ, ନିରାକାର ପ୍ରଧାନ, ଦିଲୀପ ପ୍ରଧାନ, ହେମନ୍ତ ପ୍ରଧାନ, ରୁପନାରାୟଣ ସା, ପବିତ୍ର ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ବେଲପାହାଡ଼ରୁ ୪ କେଜି ଗଞ୍ଜେଇ ଜବତ

ଝାରସୁଗୁଡ଼ା, ୧୪।୩(ସମିସ): ଜିଲ୍ଲାର ବେଲପାହାଡ ଅଞ୍ଚଳରୁ ବେଲପାହାଡ଼ ପୁଲିସ ୪ କେଜି ୩୨୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ମଧ୍ୟପ୍ରଦେଶର ଶୁଭମ ଭୈୟା ସିଙ୍ଗାରାଉଲ(୧୯) ବୋଲି ବେଲପାହାଡ ପୁଲିସ ସୂଚନା ଦେଇଛି। ଅଭିଯୁକ୍ତ ନିକଟରୁ ଏକ ଭିଭୋ ମୋବାଇଲ, ୭୨୦ ଟଙ୍କା, ଏକ ବ୍ୟାଗ ଏବଂ ରାପର ପେପର ପୁଲିସ ଜବତ କରିଛି। ଏହାସହ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଚୋରି ଅଭିଯୁକ୍ତ ଆନ୍ଧ୍ରପ୍ରଦେଶରୁ ଗିରଫ

ଝାରସୁଗୁଡ଼ା, ୧୪।୩(ସମିସ): ଅପରେସନ୍ ନେତ୍ର ଦ୍ୱାରା ଝାରସୁଗୁଡ଼ା ସଦର ପୁଲିସ ଏକ ଚୋରି ମାମଲାର ଅଭିଯୁକ୍ତକୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ବୁରାଡା ଶିବ ପ୍ରସାଦ(୪୭) ବୋଲି ଜଣା ପଡ଼ିଛି। ସଦର ପୁଲିସ ଷ୍ଟେସନ ଅଧୀନରେ ଥିବା ଝାରସୁଗୁଡ଼ାର କବ୍ଜ କଲୋନି ଅଧୀନ ଡେଭିଡ୍ କଲୋନିର ରାଜେଶ୍ୱର ରାଓଙ୍କ ଆବାସିକ ଘରେ ଗତ ମାର୍ଚ୍ଚ ୩ରେ ଚୋରି ହୋଇଥିଲା। ଅଭିଯୋଗ ପରେ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଶିବ ପ୍ରସାଦକୁ ଝାରସୁଗୁଡ଼ା ପୁଲିସ ଶୁକ୍ରବାର ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲାରୁ ଗିରଫ କରିଥିଲା। ଚୋରି ହୋଇଥିବା ପ୍ରାୟ ୨ ଲକ୍ଷ ଟଙ୍କା ମଧ ଉଦ୍ଧାର କରାଯାଇଛି। ଏହାସହ ଅଭିଯୁକ୍ତ ଠାରୁ ଟଙ୍କା ସହିତ ଦୁଇ ଯୋଡା କାନ ମୁଦି, ଗୋଟିଏ ସୁନା ବ୍ରେସଲେଟ୍ ମଧ ଜବତ କରାଯାଇଥିବା ସଦର ଥାନା ଆଇଆଇସି ସୂଚନା ଦେଇଛନ୍ତି। ଅଭିଯୁକ୍ତକୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

# ଡବ୍ଲ୍ୟୁଓ୍ୱାଇପିଏସ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ



ବ୍ରଜରାଜନଗର, ୧୪।୩(ସମିସ): ବ୍ରଜରାଜନଗର ଇବ୍ ଭ୍ୟାଲି ଅଫିସର୍ସ କ୍ଲବ୍‌ରେ ଓ୍ୱିମେନ୍ ଇନ୍ ପବ୍ଲିକ ସେକ୍ଟର (ଡବ୍ଲ୍ୟୁଓ୍ୱାଇପିଏସ୍) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳିତ ହେଉଛି। ଏହି ଅବସରରେ ମହିଳା ସଶକ୍ତିକରଣ ବିଷୟରେ ବିଶେଷ ପରିଚର୍ଚ୍ଚା ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଟି ଡବ୍ଲ୍ୟୁଓ୍ୱାଇପିଏସ୍ ଅଧ୍ୟକ୍ଷା ନୀତା ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପସ୍ଥିତ ବରିଷ୍ଠ ଆଇନଜୀବୀ ସାଧନା ସାମନ୍ତରାୟ ଉପସ୍ଥିତ ଥିଲେ। ମହିଳାମାନେ ନିଜ ଆଇନଗତ ଅଧିକାର ସମ୍ବନ୍ଧରେ ସଚେତନ ଓ ସଜାଗ ହେବା ଆବଶ୍ୟକ ବୋଲି ବୁଝାଇ କହିଥିଲେ। ଏହି ଅବସରରେ ଆଇବି ଭ୍ୟାଲି କ୍ଷେତ୍ରରେ ତର୍କବିତର୍କ, ନିବନ୍ଧ ଲେଖନ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦିନ ବେଳା ମେହେନ୍ଦି, ଝୋଟି, ରଙ୍ଗୋଲି, ଏକଲ ନୃତ୍ୟ, ଗୀତ, ଫ୍ୟାନ୍ସି ଡ୍ରେସ୍ ସହ ଡବ୍ଲ୍ୟୁଓ୍ୱାଇପିଏସ୍ ସଦସ୍ୟାମାନଙ୍କ ଦ୍ୱାରା ମହିଳା ଅଧିକାରର ବ୍ୟବହାର ଓ ଦୁର୍ବ୍ୟବହାର ବିଷୟରେ ନାଟକ ଉପସ୍ଥାପିତ ହୋଇଥିଲା। ଛାତ୍ରୀମାନଙ୍କୁ ମାସିକ ସ୍ୱଚ୍ଛତା ସଚେତନତା ପାଇଁ ସାନିଟାରି ନ୍ୟାପକିନ୍ ବଣ୍ଟନ କରାଯାଇଥିଲା। ତିନିଜଣ ଶ୍ରେଷ୍ଠ ମହିଳା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ରୋଶନୀ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ୨୮ରେ ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ

## ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା

ଦେବଗଡ଼, ୧୪।୩ (ସମିସ): ଜିଲ୍ଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୮ ତାରିଖ ଅନୁଷ୍ଠିତ ହେବାକୁ ଯାଉଛି। ଏଥି ନିମନ୍ତେ ମନୋନୟନପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ଏହି କ୍ରମରେ ସଂଘର ନୂତନ ଉପସଭାପତି ଭାବେ ପ୍ରଣବ ସ୍ୱାଇଁ, ସମ୍ପାଦକ ଭାବେ ସିଦ୍ଧେଶ୍ୱର ଗୁରୁ, ସହସମ୍ପାଦକ ଭାବେ ବିକାଶ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ରାଜକିଶୋର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ସଦସ୍ୟା ଭାବେ ଜଗନ୍ନାଥ ଦାସ, ଜନ୍ମାଜୟ ପ୍ରଧାନ, ମମତା ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବୁଡା ଓ ସୁନିଶ୍ଚିତା ପାଢ଼ୀ ମଧ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ତେଣୁ ୨୮ ତାରିଖ କେବଳ ସଂଘର ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ପ୍ରମଥେଶ ଗୁରୁ ଓ ଶୈଳେନ୍ଦ୍ର ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ ବୋଲି ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀଣି ବିଜ୍ଞା ବିନମ୍ରତା ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ଝାରସୁଗୁଡ଼ାରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଝାରସୁଗୁଡ଼ା, ୧୪।୩(ସମିସ)

ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର କୋର୍ଟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଦାଲତରେ ବିଚାରାଧିନ ମାମଲା ଗୁଡ଼ିକ ମଧ୍ୟରେ ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧିନ ଥିବା ୩ଟି ମକଦ୍ଦମା ୧୭, ୫୦, ୦୦୦ ଟଙ୍କାରେ, ୨ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୫ଟି ଚେକ ବାଉନ୍ସ ମାମଲା ୧, ୫୫, ୦୦୮ ଟଙ୍କାରେ, ୧ଟି ଟଙ୍କା ପୁନରୁଦ୍ଧାର ମାମଲା, ୫୩ଟି ସାଲିସ ଯୋଗ୍ୟ ଟ୍ରାଫିକ୍ ଚାଲାଣ ମାମଲା ୧, ୧୭, ୮୭୫ ଟଙ୍କାରେ, ୯ଟି ପାରିବାରିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ମାମଲା, ୬ଟି ଅନ୍ୟାନ୍ୟ ଦେୱାନି ମାମଲା, ୨୫୨ଟି ଅନ୍ୟାନ୍ୟ ଫୌଜଦାରୀ ମାମଲା ଓ ୩୨୪୩ଟି ରାଜସ୍ୱ ମକଦ୍ଦମା ୧, ୪୮, ୯୦୫ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି। ପ୍ରାକ୍ ମକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୪୭ଟି ଋଣ ସମ୍ବନ୍ଧୀୟ ମାମଲା ୨୮, ୨୨, ୩୦୩ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ୧୫ଟି ମାମଲା ୮, ୭୭, ୬୬୫ ଟଙ୍କାରେ, ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ଦେୟ ସମ୍ବନ୍ଧୀୟ ୪ଟି ମାମଲା ୪, ୮୩୨ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି। ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ନାୟକ ମୋଟରଯାନ ଦୁର୍ଘଟଣା ଦାବି ଜନିତ



ମକଦ୍ଦମା ଗୁଡ଼ିକର ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ୍ ମକଦ୍ଦମା ମାମଲା ସମାଧାନ କରାଇଥିଲେ। ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରନ ଓ କନିଷ୍ଠ ଦେୱାନି ବିଚାରପତି ତଥା ଜେଏମଏଫସି ଲଖନପୁର ଜୟାରାଏ ପାରିବାରିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ମକଦ୍ଦମା ଗୁଡ଼ିକର ସମାଧାନ କରାଇଥିଲେ। ବରିଷ୍ଠ ଦେୱାନି ବିଚାରପତି ଡ.ସନ୍ଧ୍ୟା ରଥ, ବରିଷ୍ଠ ଦେୱାନି ବିଚାରପତି (ଏଲଆର) ଦେବଶ୍ରୀ ସାହୁ ଓ କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନି ଓ ଟଙ୍କା ପୁନରୁଦ୍ଧାର ମକଦ୍ଦମା ଗୁଡ଼ିକର ସମାଧାନ କରାଇଥିଲେ। ସେହିପରି ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗ୍ନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଅନ୍ୟାନ୍ୟ ଫୌଜଦାରୀ, ଚେକ ବାଉନ୍ସ ଇତ୍ୟାଦି ମାମଲା ଗୁଡିକର ସମାଧାନ କରାଇଥିଲେ। ଲୋକ ଅଦାଲତକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକ ମୟୀ ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଦାଲତରେ ରାଜସ୍ୱ ମାମଲା ଗୁଡିକ ସମାଧାନ ହୋଇଥିଲା। ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୧ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା। ବେଞ୍ଚ ଗୁଡିକର ସଦସ୍ୟ ଭାବେ ସମାଜସେବୀ ତୁଳାରାମ ପଟେଲ, ମଧ୍ୟସ୍ଥତା କେନ୍ଦ୍ରର ତାଲିମପ୍ରାପ୍ତ ମଧ୍ୟସ୍ଥି ରୁପାଲୀ ଚାଟାର୍ଜି, ବୋନେଲା ନାଗେଶ୍ୱରୀ, ଢମାଳି ପଟେଲ, ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ସତପାଲ ସିଂହ, ଅନାମିକା ନନ୍ଦ, ସକିଲୁଦ୍ଦିନ ଖାନ, କବିତା ନାୟକ, ଭବାନୀ ଶଙ୍କର ଦଣ୍ଡସେନା, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ପୂର୍ବତନ କନ୍ସିଲେଟର ଅଶୋକ ପାଟଜୋଶୀ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଅନୁପ ମିଶ୍ର ଓ ବିଶ୍ୱନାଥ ଦତ୍ତ ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

# ୬ ଦିନରେ ପହଞ୍ଚିଲା ଚାଷୀଙ୍କ ଧାରଣା

ବରଗଡ଼, ୧୪।୩(ସମିସ)



ଦୀର୍ଘ ୬ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା ଚାଲିଛି। ସମସ୍ୟାର ସମାଧାନ ହେବା ପରି କୌଣସି ଦିଗରୁ ଆଶା ଦେଖା ଯାଉନି। କେତେ ଘାତ ପ୍ରତିଘାତ ମଧ୍ୟରେ ଚାଷୀ ନିଜର ଧାନ ଅମଳ କରୁଛି ଆଉ ଏବେ ସେହି ଧାନ ବିକ୍ରି କରିବା ପାଇ ଘର ଦ୍ୱାର ପରିବାର ଛାଡି ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଭେଡେନ ବ୍ଲକ ସହରାଟିକ୍ରା ମଣ୍ଡି ଅନ୍ତର୍ଗତ ବହଲପାଲି, ତାଳମେଣ୍ଡା, ଦେକୁଳବା, ପାତରପଲି, ଦେହେରିପାଲି, ସାନପିପିଲି ପାଲି, ବଗର୍ତ୍ତିପାଲି, ଖଗସିପାଲି ଗାଁର ଚାଷୀମାନେ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି ନ ହେବାରୁ ବାଇକ୍‌ରେ ଧାନବସ୍ତା ଆଣି ଜିଲ୍ଲାପାଳ ଅଫିସରେ ୬ ଦିନ ପୂର୍ବରୁ ପକାଇ ଧାରଣାରେ ବସିଛନ୍ତି। ଗତ ଅଗଷ୍ଟ ମାସରେ ଧାନ ବିକ୍ରି ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିଥିଲେ। ହେଲେ ପ୍ରଶାସନିକ ତ୍ରୁଟି କାରଣରୁ ପଞ୍ଜିକୃତ ହୋଇପାରିଲେ ନାହିଁ। ସେହିଦିନ ଠାରୁ ଚାଷୀ ବାରମ୍ବାର ଅଫିସ ଅଫିସ ଧାଇଁ ଧାଇଁ ନୟନ୍ତ ହୋଇଗଲେଣି। ହେଲେ ତାରିଖ ବ୍ୟତୀତ କୌଣସି ଉତ୍ତର ନାହିଁ। ବିଭିନ୍ନ ମଣ୍ଡି ମାନେ ବନ୍ଦ ହେବାକୁ ଗଲାଣି ହେଲେ ବଞ୍ଚିତ ଥିବା ଚାଷୀଙ୍କ ଟୋକନ ଆସିନାହିଁ ବା ଧାନ କିଣାଯାଉନାହିଁ।

## ସମସ୍ୟାର ସମାଧାନ ହେବ କେବେ

ସେଥିପାଇଁ ଚାଷୀ ସାମୂହିକ ନିଷ୍ପତ୍ତି କରି ୫ ତାରିଖରେ ୧୫ ପାକେଟ ଧାନ ବସ୍ତା ପକାଇ ଧାରଣାରେ ବସିଥିଲେ। ରାତିରେ ଘରକୁ ଯାଇ ପୁଣି ସକାଳୁ ଆସିଲା ବେଳେକୁ ଜିଲ୍ଲାପାଳ ଅଫିସରେ ଧାନ ନାହିଁ ପୁଲିସକୁ ପଚାରିଲେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ସରକାର ବାରମ୍ବାର ପ୍ରକୃତ ଚାଷୀଙ୍କ ଧାନ କିଣା ଯିବ ବୋଲି ବାହାସ୍ଫୋଟ ମାରୁଥିବାରୁ ଚାଷୀ ନିଜର କଷ୍ଟ ଉପାର୍ଜିତ ଧାନ ଧରି ଜିଲ୍ଲାପାଳ ଅଫିସରେ ପକାଇ ଧାରଣାରେ ବସିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଏଆରସିଏସ ରାଧେ ମେହେର, ସିଏସଓ ବଡମାଳି, ବ୍ୟୋମକେଶ ମାଝୀ, ଅତିରିକ୍ତ ଉପଜିଲ୍ଲାପାଳ ମଦନଲାଲ ପଣ୍ଡା ଆସି ଦୁଇଦିନ ସମୟ ଦିଅନ୍ତୁ ବୋଲି କହିଥିଲେ। ହେଲେ ଚାଷୀ ମଧ ଧାନ ବିକ୍ରି ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସ୍ପଷ୍ଟ ଭାବେ ଶୁଣାଇ ଦେଇଛନ୍ତି। ଏହି ଧାରଣାରେ ବିଭିନ୍ନ ଗାଁର ରୋହିତ ଭୋଇ, ମନୋଜ ଭୋଇ, ଅଚ୍ୟୁତାନନ୍ଦ ସାହୁ, କଳାକାର ଦେହେରୀ, ଲିଙ୍ଗରାଜ ଦେହେରୀ, ଜୀବର୍ଧନ ଦେହେରୀ, ଶ୍ରଦ୍ଧା କର୍ମୀ, ଫକୀର ସାହୁ, ସୌରିନାରାୟଣ ବେହେରା, ଗଦାଧର ଦେହେରୀ, ଲକ୍ଷ୍ମଣ ସାହୁ ସମେତ ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର, ରବିଶଙ୍କର ପଧାନ, ସୁରେଶ ନିକେଣ୍ଟି, ଯୋଗେଶ ପଧାନ, ନିରଞ୍ଜନ ପଧାନ ନେତୃତ୍ୱ ନେଉଥିବା ବେଳେ ବିଭିନ୍ନ ଦଳର କର୍ମକର୍ତ୍ତା ମାନେ ସମର୍ଥନ ଦେଇଛନ୍ତି।

## ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଓ ୩୦ହଜାର ଟଙ୍କା ଲୁଟ୍

ଭେଡେନ, ୧୪।୩(ସମିସ): ଭେଡେନ ଥାନା ବୁର୍ଦ୍ଧା ହାଇସ୍କୁଲ ପଡ଼ାରେ ରହୁଥିବା ସୁରେନ୍ଦ୍ର ମେହେରଙ୍କ ଘରୁ ଶୁକ୍ରବାର ରାତିରେ ନଗଦ ୩୦ ହଜାର ଟଙ୍କା ଓ ୫ ଭରିରୁ ଅଧିକ ସୁନା ସହିତ ବ୍ୟାଙ୍କ ପାସବୁକ, ୨ଟି ଏଟିଏମ କାର୍ଡ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ରାତିରେ ଘଟଣାସ୍ଥଳକୁ ଆସି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁସାରେ, ପରିବାରର ସମସ୍ତ ଲୋକ ରାତି ଖିଆପିଆ ସାରି ଘରେ ତାଲା ଦେଇ ପଡ଼ାରେ ଚାଲିଥିବା ସଂକୀର୍ତ୍ତନ ଦେଖିବାକୁ ଯାଇଥିଲେ। କିଛି ସମୟ ପରେ ଘରକୁ ଫେରି ଦେଖନ୍ତି ତ ଆଲମାରୀ ଲକର ଭଙ୍ଗା ହୋଇଛି ଏବଂ ଗଡ଼ରେଜରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏହା ଦେଖି ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଚୋର ମାନେ ଛାତ ଉପର ବାଟେ ଘର ଭିତରେ ପଶି ଚୋରି କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଚିଚିଣ୍ଡାରେ ଘର ସମ୍ମୁଖରୁ ଏକ ବାଇକ, ମହୁଲପାଲି ଏକ ଦୋକାନରୁ ଚୋରି ସମେତ ବୁର୍ଦ୍ଧାର ସରୋଜ ସାହୁଙ୍କ ଏକ ବୋଲେରୋ ଚୋରି ଉଦ୍ୟମ ହୋଇଥିବା ଜଣା ପଡ଼ିଛି। ଭେଡେନ ବ୍ଲକର ସମସ୍ତ ଅଞ୍ଚଳରେ ନିଶା କୋରେକ୍ସ ସହ ନିଶା ଟାବଲେଟ ବିକ୍ରି ହେଉଥିବାରୁ ଚୋରି ଲୁଟ ଅଧିକ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

## ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଭେଡେନ, ୧୪।୩(ସମିସ): ଭେଡେନ ଥାନା ଅଧୀନ ଜାମଡୋଲ ଗାଁର କନକ ଦଳେଇ (୭୫)ଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ଗତକାଲି ସନ୍ଧ୍ୟାରେ ସେ ଶୌଚ ପାଇଁ ଗାଁ ମହାଦେବ ମନ୍ଦିର ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଟିମ ଓ ଦମକଳ ବାହିନୀର ଟିମ ଖୋଜାଖୋଜି କରି ବୃଦ୍ଧାଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ଶୌଚ ପାଇଁ ଯାଇଥିବା ବେଳେ କୌଣସି କାରଣରୁ ପାଣିରେ ପଡ଼ିଯାଇଥିବା ଅନୁମାନ କରାଯାଇଛି। ଏନେଇ ଭେଡେନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶିକ୍ଷା ଓ ସେବା ପାଇଁ ସମର୍ପିତ ବୈଲୋଚନ

ବରଗଡ଼, ୧୪।୩(ସମିସ): ଆଜିର ସ୍ୱାର୍ଥପର ସଂସାରରେ ନିଜର ଲୋଭ ଓ ଲାଭ ଭିତରେ ମଣିଷ ହଜି ଯାଉଛି। ଚିନ୍ତା ଓ ଚେତନାରେ ସମାଜ ଓ ପରିବେଶ ପ୍ରତି ଥିବା ନିଜର ଦାୟିତ୍ୱକୁ ସମ୍ପୂର୍ଣ୍ଣ ପାଶୋରି ଦେଇଛି। ଏପରି ସମୟରେ ବୈଲୋଚନ ପଧାନ ନିଜର ଏକ ସ୍ୱତନ୍ତ୍ର ନିଃସ୍ୱାର୍ଥପର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ୨୦୦୬ରେ ଜହ୍ନାପଡ଼ା ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ପରୀକ୍ଷଣ ସହ ବିଜ୍ଞାନ ଶିକ୍ଷାଦାନ ଯୋଗୁଁ ଛାତ୍ରଛାତ୍ରୀଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ଛୁଟିଦିନ ମାନଙ୍କରେ ଅତିରିକ୍ତ କ୍ଲାସ, କ୍ୱିଜ୍, ବକ୍ତୃତା, ଯୋଗ ଆଦି ଶିକ୍ଷଣୀୟ କାର୍ଯ୍ୟକଳାପ ଆୟୋଜନ କରିବା ସହ ବିଦ୍ୟାଳୟକୁ ସବୁଜ ସୁନ୍ଦର କରିବା, ରାସ୍ତାଘାଟ ସଫା କରିବା, ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଘରଘର ବୁଲି ପଠପଢ଼ା ଜନୀତ ସନ୍ଦେହ ଦୂରୀକରଣ କରିଥାନ୍ତି। ଅସହାୟ ଗରିବ ରୋଗୀଙ୍କୁ ନିଜ କାରରେ ଡାକ୍ତରଖାନାକୁ ନେଇ ମାଗଣାରେ ଚିକିତ୍ସିତ କରାଇଥାନ୍ତି। ଏସବୁ କାର୍ଯ୍ୟପାଇଁ ସମଗ୍ର ଅଞ୍ଚଳରେ ସେ ଅନ୍ୟ ପାଇଁ ଉଦାହରଣ ଓ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଲେବିଡି-ଦଶମାଇଲ, ନଅଗାଁ, ଶ୍ରୀଗିଡା, ରେଙ୍ଗାଲି କ୍ୟାମ୍ପ ଓ ଜାଙ୍ଗେଡ ଗାଁରେ ପଥପ୍ରାନ୍ତ ବନୀକରଣ କାର୍ଯ୍ୟକ୍ରମ ଆୟୋଜନ କରି ପରିବେଶ ସୁରକ୍ଷାର ବାର୍ତ୍ତା ସମାଜ ନିକଟରେ ପହଞ୍ଚାଇଛନ୍ତି। କରୋନା ସମୟରେ ବରଗଡ଼ର ଆଖ ପାଖ ଅଞ୍ଚଳରେ ଶହ ଶହ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରି ସମାଜସେବାର ଉଦାହରଣ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସେ ଲସ୍ତଲା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକଭାବେ କାର୍ଯ୍ୟରତ। ଲସ୍ତଲାରେ ବିଜ୍ଞାନ ଶିକ୍ଷାକୁ ଏକ ନୂଆଁ ଦିଗ ଦେଇଛନ୍ତି। ତାଙ୍କ ମାର୍ଗଦର୍ଶନରେ ବିଜ୍ଞାନଭିତ୍ତିକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଆଜି ରାଜ୍ୟ, ଜାତୀୟ ଓ ଅର୍ନ୍ତଜାତୀୟସ୍ତର ପର୍ଯ୍ୟନ୍ତ ପହଞ୍ଚି ବିଦ୍ୟାଳୟ ତଥା ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ବିଭିନ୍ନ ଗଠନମୂଳକ କାର୍ଯ୍ୟ ସହିତ ଓଡ଼ିଶା ସରକାରଙ୍କ ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରକାଶିତ ମାସିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ଦିଗନ୍ତ' ଓ 'ସାଇନ୍ସ ହରାଇଜନ୍'ର ସେ ଜଣେ ନିୟମିତ ଲେଖକ। ଶିକ୍ଷା ଓ ସେବା ପାଇଁ ବୈଲୋଚନଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ପ୍ରକୃତିବନ୍ଧୁ, ପ୍ରକୃତିମିତ୍ର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଶରତ ଚନ୍ଦ୍ର ସାଇନ୍ସ ପ୍ରୋମୋସନ ପୁରସ୍କାର, ଇନ ସ୍ୱାୟାର ମାନକ୍ ନୂଆଦିଲ୍ଲୀ, ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ମୁମ୍ବାଇ ସହ ୭୦ରୁ ଅଧିକ ସଂସ୍ଥା ଦ୍ୱାରା ସେ ସମ୍ବର୍ଦ୍ଧିତ ଓ ପ୍ରଶଂସିତ ହୋଇଛନ୍ତି। ବିଜ୍ଞାନ ଆଧାରିତ ଶିକ୍ଷିତ ସମାଜ ସୁସ୍ଥ, ସୁରକ୍ଷିତ ଓ ସବୁଜ ପୃଥିବୀର ସ୍ୱପ୍ନ ଦେଖୁଥିବା ବୈଲୋଚନଙ୍କ ସମସ୍ତ କାର୍ଯ୍ୟକୁ ସମାଜସେବୀ ତଥା ଡାକ୍ତର ରାମକୃଷ୍ଣ ପୁରୋହିତ, ଆଇଆଇଏମ୍ ପ୍ରଫେସର ଡ.ସୁଜିତ୍ ପୃଷେଠ, ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବେଶ୍ ପ୍ରଶଂସା କରିଛନ୍ତି।



## ଟୁଁକୁ ମିଶ୍ରଙ୍କ ଜନ୍ମ ବାର୍ଷିକୀରେ ରକ୍ତଦାନ ଶିବିର

ବରଗଡ଼, ୧୪।୩(ସମିସ): ବରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫର୍‌ର ପ୍ରତିଷ୍ଠାତା ସ୍ୱର୍ଗତ ଇଂ.ଦେବବ୍ରତ (ଟୁଁକୁ) ମିଶ୍ରଙ୍କ ୫୯ ତମ ଜନ୍ମ ବାର୍ଷିକୀ ପାଳିତ ହୋଇ ଯାଇଛି। ଏହି ଅବସରରେ ଫର୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଆଜି ଘରୋଇ ବସଷ୍ଟାଣ୍ଡ ସ୍ଥିତ ସ୍ୱର୍ଗତ ଦେବବ୍ରତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସାଧୁ ଚରଣ ନେପାକ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିଦ ଆଚାର୍ଯ୍ୟ, ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ସୁଶାନ୍ତ ମିଶ୍ର, କେଦାର ମିଶ୍ର, ଗୌର ହରି ମିଶ୍ର, ନରେନ୍ଦ୍ର ହୋତା, ନବ ମହଓମ, ହର ଦୀପ ସିଂ, ରାଜୁ ଘିବେଲା, ପ୍ରଦୀପ ଷଣ୍ଢ, କବି ମହାରଣା, ପ୍ରମୋଦ ଛତର, ଅନୁରାଧା ଅଗ୍ରୱାଲ, କବିତା ବେହେରା, ଚିନ୍ନୁ ଦାସ, ସଂଘମିତ୍ରା ପଟେଲ, ସୁଷମା ଭୋଇ, ସୁଶିଲ ଭୋଇ, ଶିବାନୀ ଭୋଇ, ଆନନ୍ଦ ପ୍ରଧାନ, ଅଜୟ ଅଗ୍ରୱାଲ, ପରେଶ୍ ବିଶି, ଦୀପକ ଶର୍ମା, ଆଶିଷ ତ୍ରିପାଠୀ ଦିଲ୍ଲୀପ ଭୋଇ, ବାବୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଫର୍ ପରିବାରର ହୀନା ତ୍ରିପାଠୀ, ଆରତୀ ମହାପାତ୍ର, ଅନୁପମା ମିଶ୍ର, ନୀତିଶ ମିଶ୍ର, ରାଧାରାଣୀ ମିଶ୍ର, ଅନୁରାଠୋର, କାଶୀ ନାଏକ, ରାଜୁ ପାଣିଗ୍ରାହୀ, ବୁଦ୍ଧଦେବ ବାରିକ, ସପନ ମିଶ୍ର, ଲୀନା ମିଶ୍ର, ପ୍ରମୋଦ ଅଗ୍ରୱାଲ, ମନୋଜ ପାତ୍ର, ବିନୋଦ ମହାଣା, ପ୍ରଦୀପ ଥାପା, ଜୟନ୍ତ ଷଣ୍ଢ, ଭାଗିରଥି ଭେଶ୍ରା, ଉମେଶ ବେହେରା, ଅକ୍ଲେସ ଭୋଇ, ଗଣେଶ ବେହେରା, ସୂର୍ଯ୍ୟକାନ୍ତ ତାଣ୍ଡି, ସୁନିଲ ତାଣ୍ଡି, ଲକ୍ଷ୍ମଣ ମଲ୍ଲିକ, ସୁଶାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ବାରିକ, ଧର୍ମେନ୍ଦ୍ର ବେହେରା, ଦୀନବନ୍ଧୁ ନାଗ ଉମେଶ ସାହୁ, ହରିହର ଦାସ, ନିର୍ମଳ ପାତ୍ର, ବିଦ୍ୟାଧର ବାରିକ, ପ୍ରେମାନନ୍ଦ ବିଶ୍ୱାଳ, ଅଗସ୍ତି ବରର୍ତ୍ତି, ପ୍ରଫୁଲ୍ଲ ଭୋଇ, ସଞ୍ଜୀବ ସାହୁ, ନଦୀ ନ ସାହୁ କାର୍ତ୍ତିକ ଭୋଇ, କାର୍ତ୍ତିକ ନାଏକ ଲକ୍ଷ୍ମୀ ମହାନ୍ତି, ଅନିଲ ବାରିକ, ଆନନ୍ଦ ମହାପାତ୍ର, ଆକୁଲ୍ ପ୍ରଧାନ, ବୁଲୁ ସାହୁ, ରାଜିନ ପ୍ରଧାନ, ପବିତ୍ର ଭୋଇ ମାନସ ମେହେର, ମହେନ୍ଦ୍ର ମେହେର, ନିରଞ୍ଜନ ମଲ୍ଲିକ, ଶ୍ରୀବତ୍ସ ଛତର, ଦୀପକ ବିଶ୍ୱାସ, ଅବିନାଶ ପ୍ରଧାନ, ସୋମନାଥ ବାଞ୍ଛୋର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ଲାୟନ୍ସ କ୍ଲବ୍ ପଦ୍ମପୁର ପକ୍ଷରୁ ହୋଲି ମିଳନ



ପଦ୍ମପୁର, ୧୪।୩(ସମିସ): ପଦ୍ମପୁର ଲାୟନ୍ସ କ୍ଲବ୍ ତରଫରୁ ହୋଲି ମିଳନ ସହିତ ନୂତନ ଭାବେ ମନୋନୀତ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମେଜର ଚିତ୍ତରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଲାୟନ୍ସ କ୍ଲବ୍ ସଭାପତି ପ୍ରିତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ବେଣୁ ମାଧବ ଦୋରା ଲାୟନ୍ସ କ୍ଲବ୍‌ର ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନବ ନିର୍ବାଚିତ ମେଜର ଦାଶଙ୍କୁ ପଦ୍ମପୁରର ବିଭିନ୍ନ ସଂଗଠନ ଯଥା ନାଗରିକ କମିଟି, ଦୁର୍ଗା ପୂଜା କମିଟି, ବାର ଆସୋସିଏସନ, ବ୍ରାହ୍ମଣ ସମାଜ, ଶିତଲଷଷ୍ଠୀ କମିଟି ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ରାଧାମାଧବ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜେନିଥ୍ ଲିଓ ସ୍କୁଲ୍‌ରେ 'ବିଦ୍ୟାଳୟ ସ୍ନାତକ ଦିବସ'



ପଦ୍ମପୁର, ୧୪।୩(ସମିସ): ଜେନିଥ୍ ଲିଓ ସ୍କୁଲ୍‌ରେ ୟୁକେଜି ଶ୍ରେଣୀ ଓ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ 'ବିଦ୍ୟାଳୟ ସ୍ନାତକ ଦିବସ' ଚଳିତ ମାସ ୧୩ ଓ ୧୪ ତାରିଖରେ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ଅବସରରେ ଅଭିନନ୍ଦନ ଜଣାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଡ.ମନୋଜ ପଣ୍ଡା, ଉପାଧକ୍ଷା ମମତା ସିହ୍ନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ ମିଶ୍ର ଓ ସଦସ୍ୟା ମୁଜାହିଦା ବାନୁ ଉପସ୍ଥିତ ଥିଲେ।

## ସାଇବର ଠକେଇରୁ ରକ୍ଷା ପାଇଁ ଆତ୍ମସଂଯମ ଓ ସତର୍କତା ଆବଶ୍ୟକ

ବରଗଡ଼, ୧୪।୩(ସମିସ): ଉପସ୍ଥିତ ବୁଦ୍ଧି, ଆତ୍ମସଂଯମ ଓ ସତର୍କତା ରଖିଲେ ସାଇବର ଠକେଇରୁ ବର୍ଞ୍ଚି ପାରିବେ ବୋଲି ବରଗଡ଼ରେ ଆୟୋଜିତ 'ସାଇବର ପାଠଶାଳା' ସଚେତନତା କାର୍ଯ୍ୟକ୍ରମରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଗଣଦୃଷ୍ଟି ମିଡିଆ ଓ ବରଗଡ଼ ଜିଲ୍ଲା

### ବରଗଡ଼ରେ 'ସାଇବର ପାଠଶାଳା'

ପୁଲିସର ମିଳିତ ଆନୁକୂଲ୍ୟରେ ଶନିବାର ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପରିସରରେ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ 'ସାଇବର ପାଠଶାଳା' ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଓ ଗଣଦୃଷ୍ଟି ମିଡିଆର ମୁଖ୍ୟ ସମ୍ପାଦକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ପକ୍ଷରୁ ପୁଲିସ ଅଧିକାରୀ ଯାଜ୍ଞସିନୀ ନାୟକ, ଶୁକ୍ଲା ମଣ୍ଡଳ, ଜି.ଖାକା, ସାଇବରସେଲ ବିଶେଷଜ୍ଞ ମଙ୍ଗଳ କିସକୋ ଏବଂ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସରୋଜ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ସାଇବର ଅପରାଧର ବିଭିନ୍ନ ପ୍ରକାର, ଠକେଇର ନୂତନ ପଦ୍ଧତି ଓ ଏଥିରୁ ସୁରକ୍ଷା ପାଇଁ ସତର୍କତା ବିଷୟରେ ବିସ୍ତୃତ ତଥ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି କେଦାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଭିପ୍ସା ପ୍ରତିବେଶୀ



ମହିଳା ସମିତିର ଉପସଭାନେତ୍ରୀ ମାନିନୀ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ସେମିନାରରେ ଯୋଗଦେଇ ପୁରସ୍କୃତ ହୋଇଥିବା ଆଇଆଇଟି ହାଇଦ୍ରାବାଦର ଗବେଷକ ଏବଂ ଭଟଲି ବ୍ଲକ ସୁଲସୁଲିଆ ଗାଁର ଅଲେଖ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ଯୋଗେଶ ନାୟକ, ପ୍ରଦୀପ ପାଢ଼ୀ, କାହ୍ନୁଚରଣ ପୃଷ୍ଟି, ରୁନୁପମା ପ୍ରଧାନ ଓ ସୁପ୍ରିୟା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଏଲିମେଣ୍ଟାରୀ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ

ଅତାବିରା, ୧୪।୩(ସମିସ): ଅତାବିରା ବ୍ଲକ ଅବସରପ୍ରାପ୍ତ ଏଲିମେଣ୍ଟାରୀ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିଶିକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ପଞ୍ଚାନନ ନାଥ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ବେଣୁଧର ମିଶ୍ର, ଉପଦେଷ୍ଟା କମିଟି ସଦସ୍ୟ ଯାଚକେଶ୍ୱର ପ୍ରଧାନ, କୁଞ୍ଜ ବିହାରୀ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରତିବର୍ଷ ପରି ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ହୋତା ଓ ଭୀମସେନ ପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂଘକୁ ସୁଦୃଢ଼ କରି ରଖିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ମତାମତ ପ୍ରକାଶ କରିଥିଲେ। କୋଷାଧକ୍ଷ ଭୋଳନାଥ ପ୍ରଧାନ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ପାନୀବୁଡି ପ୍ରଧାନ ଧନ୍ୟବାଦ ଦେଇଥିଲେ।



## ସ୍ୱଭାବକବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଉତ୍ସବ ପ୍ରସ୍ତୁତି

ବିଜେପୁର, ୧୪।୩(ସମିସ): ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କ ଶ୍ରାଦ୍ଧୋତ୍ସବ ପାଇଁ ଉପଦେଷ୍ଟା ଡ.ପ୍ରଦୀପ ପ୍ରଧାନଙ୍କ ଅଧକ୍ଷତାରେ ପ୍ରାରମ୍ଭିକ ପ୍ରସ୍ତୁତି ହୋଇଛି। ଏନେଇ ଶନିବାର ଜାଙ୍ଗିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ରାଜେଶ୍ୱର ବେହେରାଙ୍କ ଆବାହକତ୍ୱ ତଥା ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଭାଦ୍ରବ ପାଣ୍ଡେଙ୍କ ଅଧକ୍ଷତାରେ ମେହେର କବିଙ୍କ ଶ୍ରାଦ୍ଧୋତ୍ସବ ପାଇଁ ଆଲୋଚନା ହୋଇଥିଲା। ଆଗାମୀ ୧୯ରେ ଶ୍ରାଦ୍ଧୋତ୍ସବ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ଓ ଜାଙ୍ଗିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ସମାରୋହରେ ସମ୍ବଲପୁରୀ କବିତା ଆସର, ମେହେର ସଙ୍ଗୀତ ପରିବେଷଣ କରାଯିବାକୁ ପ୍ରସ୍ତାବ ହୋଇଛି। ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରିଥିବା ବେଳେ ଶିକ୍ଷକ ପ୍ରେମରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ।



## ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ପାଇକମାଳ, ୧୪।୩(ସମିସ): ପାଇକମାଳ ବ୍ଲକ ଜାମସେଠ ଓମ୍ ଷ୍ଟୋନ୍ କ୍ରସର ପରିସରରେ ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମହାପ୍ରଭୁ ଷଷ୍ଠ ବର୍ଷ ମନ୍ଦିର ପୂଜାନୋତ୍ସବ ଓ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଗାଁର ମହିଳାମାନେ କଳସ ଶୋଭାଯାତ୍ରା ବାହାରି ଅଙ୍ଗ ନଦୀରେ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଶତ୍ରୁଘ୍ନ ସାହୁ ଓ ତାଙ୍କ ପତ୍ନୀ ଜୟନ୍ତୀ ସାହୁ ପୂଜାରେ ବସିଥିବା ବେଳେ ମୁଖ୍ୟ ପୂଜକ ଭାବେ ପଣ୍ଡିତ କିଶୋର ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ରବିବାର ମନ୍ଦିର ପୂଜାର୍ଚ୍ଚନା ପରେ ଅଖଣ୍ଡ ନାମଯଜ୍ଞ ନାମାରମ୍ଭ ହୋଇ ମଙ୍ଗଳବାର ପୂର୍ଣ୍ଣାହୂତି ହୋଇ ନାମଯଜ୍ଞ ସମ୍ପନ୍ନ ହେବ। ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି।



## ଦୁର୍ବୃତ୍ତଙ୍କ ଦ୍ୱାରା ଲକ୍ଷାଧିକ ମୂଲ୍ୟର କଲରା ଫସଲ ନଷ୍ଟ

ବରଗଡ଼, ୧୪।୩(ସମିସ)

ଜମୁର୍ଡା ଗାଁର ଗଜିନ ମାଝୀଙ୍କ ୩୦୦ କଲରା ଗଛ କିଛି ଦୁର୍ବୃତ୍ତ ଉପାଡ଼ି ନଷ୍ଟ କରିଦେଇଛନ୍ତି। ଗଜିନଙ୍କ ନିଜସ୍ୱ ଜମି ନାହିଁ। ସେ ଅନ୍ୟର ଜମି ଭାଗରେ ନେଇ ୪୦ ଡିସିମିଲରେ କଲରା, ବନ୍ଧା କୋବି ଆଦି ପନିପରିବା ଚାଷ କରିଥିଲେ। ଗଜିନଙ୍କ କାହାରି ସହିତ ଶତ୍ରୁତା ନଥିବା ସତ୍ତ୍ୱେ ତାଙ୍କର ୩୦୦ କଲରା ଫସଲ କିଏ ଏବଂ କାହିଁକି ନଷ୍ଟ କଲା ତାହା ଜଣାପଡ଼ି ନାହିଁ। ସକାଳୁ ଚାଷ ଜମିକୁ ଗଲା ବେଳେ ନଷ୍ଟ ହୋଇଥିବା କ୍ଷେତ ଦେଖି ଗଜିନ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ପରେ ଗାଁ ଲୋକଙ୍କ ସହଯୋଗରେ ଗ୍ରାମାଞ୍ଚଳ ଥାନରେ ଏତଲା ଦେଇଥିଲେ। ଥାନା ପକ୍ଷରୁ ସନ୍ଧନୀ କୁକୁର ସହାୟରେ ଅପରାଧୀକୁ ଚିହ୍ନଟ କରିବା ଚେଷ୍ଟା କରାଯାଇଥିଲେ କିନ୍ତୁ ସୁଫଳ ମିଳିପାରି ନାହିଁ। ପ୍ରକାଶଯୋଗ୍ୟ, ଗତ ଡିସେମ୍ବରରେ ମଧ ଏହି ଚାଷୀଙ୍କ ସମେତ ଅନେକ ଚାଷୀଙ୍କ ପନିପରିବା ପାରାକୁଇଟ ଲଟାମରା ମାରି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲେ। ସେବେଠାରୁ ପ୍ରଶାସନ ତରଫରୁ କୌଣସି ସହାୟତା ମିଳି ନାହିଁ କି ନଷ୍ଟ କରିଥିବା ଅପରାଧୀ ଧରାପଡ଼ିଲେ ନାହିଁ। ଆଜି ପୁଣି ଫସଲ ନଷ୍ଟ ଘଟଣାର ପୁନରାବୃତ୍ତି ହୋଇଛି। ଘଟଣା ଜଣା ପଡ଼ିବା ପରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।



## ବିକାଶ ନର୍ସିଂ କଲେଜ ପକ୍ଷରୁ ରାଷ୍ଟ୍ରୀୟ ରୋଗୀ ସୁରକ୍ଷା ସଚେତନତା ସପ୍ତାହ

ବରଗଡ଼, ୧୪।୩(ସମିସ): ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ ପକ୍ଷରୁ କଳାପାଣି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରାଷ୍ଟ୍ରୀୟ ରୋଗୀ ସୁରକ୍ଷା ସଚେତନତା ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାସ୍ଥ୍ୟ, ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବର ଭୟଙ୍କରତା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସାସ୍ଥ୍ୟ ସେବା ବ୍ୟବସ୍ଥାରେ ସୁରକ୍ଷା ଓ ବିଶ୍ୱାସ ମଜବୁତ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ବିକାଶ ନର୍ସିଂ କଲେଜର ତୃତୀୟ ସେମିଷ୍ଟାରର ଛାତ୍ରଛାତ୍ରୀ ଗୋଷ୍ଠୀ ସାସ୍ଥ୍ୟ ତଥା ରୋଗୀ ମାନଙ୍କ ସାସ୍ଥ୍ୟ ଉପରେ ଆଧାରିତ ଏକ ରୋଲପ୍ଲେ ଏବଂ ସାସ୍ଥ୍ୟ ଶିକ୍ଷା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମଟି ବିକାଶ ନର୍ସିଂ କଲେଜର ଅଧକ୍ଷା ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଦେବସ୍ମିତା ସାହୁ, ଆଞ୍ଚଳ ସାହୁ ଏବଂ ବିଏସ୍‌ସି ନର୍ସିଂ ତୃତୀୟ ସେମିଷ୍ଟାରର ଛାତ୍ରଛାତ୍ରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଆୟୁଷ ଡ.ମନୋରଞ୍ଜନ ହୋତା, ମେଡିକାଲ ଅଫିସର ଡ.ମାସୁମୀ ଆର୍‌ଆଇ ଖଡଙ୍ଗା, ମହିଳା ସାସ୍ଥ୍ୟ ପରିଦର୍ଶିକା ଶୋଭ୍ୟା ଛତ୍ରିଆ ଓ ଆଶା କର୍ମଚାରୀ ସରସତୀ ମହାପାତ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।



# କୋର୍ଟ ସମ୍ମୁଖରେ ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ

**ନୂଆପଡ଼ା, ୧୪ ।୩(ସମିସ)**

ଶନିବାର ଦିନ ନୂଆପଡ଼ା ଜିଲ୍ଲା ଦୌରାଜଜଙ୍କ କୋର୍ଟ ସମ୍ମୁଖରେ ଖଡିଆଳ ଥାନା ଡୁଆଝରଗାଁର ଏକ ଦମ୍ପତି ନିଜ ଦୁଇ ଶିଶୁପୁତ୍ର ସହ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ସମୟରେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ନୂଆପଡ଼ା ଥାନା ପୁଲିସ ଆସି ଉଦ୍ଧାର କରିଥିଲା । ପ୍ରକାଶ ଯେ ଦାଶରଥୀ ମେହେର ନାମକ ଜନୈକ ବ୍ୟକ୍ତି ଏକ ବୋତଲରେ ପେଟ୍ରୋଲ ଧରି କୋର୍ଟ ପରିସରକୁ ପ୍ରବେଶ କରି ହଠାତ ତାଙ୍କର ସ୍ତ୍ରୀ ଏବଂ ଦୁଇ ଶିଶୁଦେହରେ ପକାଇ ଦେଇଥିଲେ । ସ୍ଥାନୀୟ ଲୋକେ ଦେଖିବା ପରେ ତୁରନ୍ତ ବାରଣ କରି ଛଡାଇଥିଲେ । କୋଳାହଳ ହେବାପରେ କୋର୍ଟ ପରିସର ଲୋକାରଣ୍ୟ ହୋଇଥିଲା । ଲୋକେ ପଚାରିବାରେ ତାଙ୍କୁ ନ୍ୟାୟ ମିଳୁନାହିଁ । ପୁଲିସ ଉପରୁ ଭରସା ତୁଟିଯାଉଛି ବୋଲି ଚିତ୍କାର କରିଥିଲେ । ତାଙ୍କୁ ଜଣେ ପଡୋଶୀ

**ଉଦ୍ଧାର କଲା ନୂଆପଡ଼ା ଥାନା ପୁଲିସ**

ବ୍ୟକ୍ତି ବାରମ୍ବାର ଆସି ମାର୍‌ପିଟ କରିବା ସହ ଗାଳିଗୁଲଜ କରି ଦୁର୍ବ୍ୟବହାର କରୁଛି । ଏହାକୁ ନେଇ ପୁଲିସର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଶେଷରେ ଜୀବନ ହାରିବାକୁ ଆସିଛନ୍ତି ବୋଲି କହିଥିଲେ । ପରେ ସ୍ଥାନୀୟ ଥାନାଧିକାରୀ ଗଙ୍ଗାଧର ମେହେର ଖବର ପାଇଁ ସଦଳବଳେ ଆସି ଉଦ୍ଧାର କରି ନେଇଥିଲେ । ବହୁ ବୁଝାସୁଝା କରିବାପରେ ଖଡିଆଳ ଥାନାକୁ ହସ୍ତାନ୍ତର କରିଥିଲେ । ଏହାକୁ ନେଇ ଖଡିଆଳ ଥାନାଧିକାରୀ ସୁମନ୍ତ କୁମାର ନାଏକଙ୍କୁ ପଚାରିବାରେ ଏହି ପରିବାରର ବର୍ତ୍ତମାନ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ । ଗତ ୨୦୨୪ ମସିହାରେ କେଶ ନମ୍ବର ୫୭/୨୪ରେ ମାମଲା ରୁଜୁ ହୋଇଥିଲା ।ତାଙ୍କର ଜଣେ ପଡୋଶୀଙ୍କ ନାଁରେ ମାମଲା ହୋଇଥିଲା । ତାକୁ ନେଇ କୋର୍ଟ ଚାଲାଣ ମଧ୍ୟ କରାଯାଇଥିଲାବୋଲି କହିଛନ୍ତି । ଏସପି ଅମ୍ରିତପାଲ ସିଂଙ୍କୁ ପଚାରିବାରେ ଏହା ଉପରେ ସେ ମଧ୍ୟ ସବିଶେଷ ତଦନ୍ତ କରିବେ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି ।



# ଛୁରାମାଡ଼ରେ ଯୁବକ ଗୁରୁତର; ଅଭିଯୁକ୍ତ ଗିରଫ

**ସିନାପାଲି, ୧୪ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ନଦୀଗାଁର ଜଣେ ଯୁବକଙ୍କୁ ଛୁରାମାଡ଼ କରିଥିବା ଆକ୍ରମଣକାରୀକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ଗୁରୁତର ଯୁବକ ଜଣକ ନଦୀଗାଁନିବାସୀ ଗୁଣଧର ଗହିର (୩୫) ହୋଇଥିବା ବେଳେ ଅଭିଯୁକ୍ତ ଜଣକ ଭରୁଆମୁଣ୍ଡାନିବାସୀ ନିରାକାର ମାଝି ବୋଲି ଜଣାପଡ଼ିଛି । ପ୍ରାପ୍ତ ଖବର ଅନୁସାରେ ଉଭୟଙ୍କ ମଧ୍ୟରେ କୌଣସି ବାବଦକୁ ନେଇ ଟଙ୍କା ଦିଆନିଆ ବିବାଦ ଲାଗି ରହିଥିଲା । ଏନେଇ ଅଭିଯୁକ୍ତ ଜଣକ ନଦୀଗାଁ ନିବାସୀ ଗୁଣଧର ଘରକୁ ଆସି ରାତିରେ ଜଗି ରହିଥିଲା । ଗୁଣଧର ପରିଶ୍ରା ପାଇଁ ବାହାରିଥିବା ବେଳେ ଅଭିଯୁକ୍ତ ଜଣକ ଛୁରାରେ ଆକ୍ରମଣ କରିଥିଲା । ଆକ୍ରମଣ ପରେ ଅଭିଯୁକ୍ତ ଫେରାର ହୋଇ ଯାଇଥିଲା । ଗୁଣଧର ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ । ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନିପାଟଣା ହସପିଟାଲକୁ ସ୍ଥାନାନ୍ତରିତ କରିଥିଲେ । ଏନେଇ ପରିବାର ଲୋକେ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁକରି ଘଟଣା ର ତଦନ୍ତ ଆରମ୍ଭ କରିଥିଲା । ପରେ ସିନାପାଲି ପୁଲିସ ଭରୁଆମୁଣ୍ଡା ରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିଥିଲା । ସିନାପାଲି ପୁଲିସ କେସ୍ ନମ୍ବର ୭୧/୨୦୨୬ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।



# ୪୦ ଦାଦନ ଶ୍ରମିକଙ୍କୁ ଘରକୁ ପଠାଇଲା ତେଲେଙ୍ଗାନା

**କଣ୍ଟାବାଞ୍ଜି, ୧୪ ।୩(ସମିସ):** ବଲାଙ୍ଗୀର ଜିଲ୍ଲାର ୪୦ ଜଣ ଦାଦନ ଶ୍ରମିକ ତେଲେଙ୍ଗାନାରୁ ଘରକୁ ଫେରିଛନ୍ତି । ତେଲେଙ୍ଗାନା ସରକାର ତଥା ସେଠାକାର ପ୍ରଶାସନ ଏମାନଙ୍କୁ ଉଦ୍ଧାର କରିଥିଲା । ଏହାପରେ ସେମାନଙ୍କୁ ନିଜ ନିଜ ଘରକୁ ପଠାଇବାକୁ ଆବଶ୍ୟକ ବ୍ୟବସ୍ଥା କରିଥିଲା । ସେହି ଅନୁସାରେ ଶନିବାର ରାତି ୮ରେ ଏମାନେ ସେଠାରୁ ଆସି କଣ୍ଟାବାଞ୍ଜି ଷ୍ଟେସନରେ ଓହ୍ଲାଇଥିଲେ । ସେଠାରୁ ଆସିଥିବା ସରକାରୀ ଅଧିକାରୀମାନେ ବଲାଙ୍ଗୀର ଜିଲ୍ଲା ପ୍ରଶାସନକୁ ଏମାନଙ୍କୁ ହସ୍ତାନ୍ତର କରିଥିଲେ । ଏମାନଙ୍କ ଘର ବେଲପଡ଼ା ଥାନା ଅଧୀନ ଉମାବାଞ୍ଜି, ମାଲପଡ଼ା, ଢକରା ଏବଂ ମୁରିବାହଲ ଥାନା ସୁଗନାପଦର ଗାଁରେ । ବେଲପଡ଼ା ଥାନା ଅଧୀନ ଢକରା ଗାଁର ଦାଦନ ସର୍ଦ୍ଦାର ରାଜେନ୍ଦ୍ର କୁମାରଠାରୁ ଅଗ୍ରୀମ ଟଙ୍କା ନେଇ ଏମାନେ ତେଲେଙ୍ଗାନା ଯାଇଥିଲେ । ସେଠାର ପେଦାପଲି ଜିଲ୍ଲା ଧରମରାମ ଥାନା ଅଞ୍ଚଳରେ ଥିବା ଦେଶାଇ ନାଏକଙ୍କ ସାଏ ମାର୍କ ଇଟାଭାଟିରେ ଏମାନେ କାମ କରୁଥିଲେ । ସେଠାରେ ଏମାନଙ୍କୁ ଅଧିକ ସମୟ ଧରି ଇଟାଭାଟି ମାଲିକ କାମ କରାଉ ଥିଲେ । କେବଳ ଅଧିକ ସମୟ କାମ କରାଯାଉ ନ ଥିଲେ; ବରଂ ମାଡ଼ ମାରିବା ସହ ଅକଥନୀୟ ନିର୍ଯାତନା ଦେଉଥିଲେ । ଏମାନଙ୍କୁ ପିଇବାକୁ ପର୍ଯ୍ୟାପ୍ତ ପାଣି ମଧ୍ୟ ମିଳୁ ନ ଥିଲା । ଏନେଇ ଏହି ଶ୍ରମିକମାନେ ତେଲେଙ୍ଗାନା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ । ଏହାପରେ ସେଠାରୁ ୧୩ ଜଣ ମହିଳା, ୧୭ ଜଣ ପୁରୁଷ ଓ ୧୦ ଜଣ ଶିଶୁ ଶ୍ରମିକଙ୍କୁ ସେଠିକାର ପ୍ରଶାସନ ଉଦ୍ଧାର କରିଥିଲା । ତେଲେଙ୍ଗାନା ସରକାରଙ୍କ ଶ୍ରମ ବିଭାଗ, ରାଜସ୍ୱ ବିଭାଗ ଓ ପୁଲିସ ମିଳିତ ଟିମ୍ ଏମାନଙ୍କୁ ଆଣି କଣ୍ଟାବାଞ୍ଜି ଷ୍ଟେସନରେ ପହଞ୍ଚିଥିଲେ । ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ କଣ୍ଟାବାଞ୍ଜି ତହସିଲ କର୍ତ୍ତୃପକ୍ଷଙ୍କ ସହ ତୁରେକେଲା ବ୍ଲକ ଶ୍ରମ ବିଭାଗ ଅଧିକାରୀଙ୍କୁ ଏହି ଶ୍ରମିକମାନଙ୍କୁ ସେମାନେ ହସ୍ତାନ୍ତର କରିଛନ୍ତି । ଅନ୍ୟପକ୍ଷେ ଯେଉଁ ଦାଦନ ସର୍ଦ୍ଦାର ଜଣକ ଏହି ଶ୍ରମିକମାନଙ୍କୁ ବେଆଇନ ଭାବେ ଚାଲାଣ କରିଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି ।



**ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଅଭିଯାନ**

# ସିନାପାଲି ବ୍ଲକ୍ ଅଞ୍ଚଳରେ ସଫେଇ




**ସିନାପାଲି, ୧୪ ।୩(ସମିସ):** ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନଲକ୍ଷ୍ୟରେ ଶନିବାର ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ 'ଗାଁ ପରିମଳ ଗାଁ ମୁଣ୍ଡରୁ'ଥିମ୍‌ରେ ସମଗ୍ର ଜିଲ୍ଲା ଯୋଡ଼ି ହୋଇ ମେଗା ସଫେଇ ଅଭିଯାନ ସିନାପାଲି ବ୍ଲକ ଅଞ୍ଚଳରେ ହୋଇଥିଲା ।ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ପଞ୍ଚାୟତ, ବ୍ଲକ ପ୍ରଶାସନ, ସ୍ୱଚ୍ଛତା ଦଳ, ପରିମଳ କର୍ମୀ, ଯୁବ କ୍ଲବ୍ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ଆୟୋଜିତ ଅଭିଯାନରେ ସରକାରୀ ଅଧିକାରୀ, ଜନପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ସ୍କୁଲ ଛାତ୍ରଛାତ୍ରୀ, ମିଶନଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକମାନଙ୍କର ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ବିଶାଳ ସଫେଇ ଅଭିଯାନ ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀ ଓ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନର ସମକାଳୀନ ପ୍ରାସଙ୍ଗିକତା ଉପରେ ସେମିନାର

**ଭବାନୀପାଟଣା, ୧୪।୩ (ସମିସ):** ନୂଆଦିଲ୍ଲୀର କନ୍‌ଷ୍ଟିଚୁସନ କ୍ଲବ୍ ଅଫ୍ ଇଣ୍ଡିଆର ଡିପୁଟି ଚେୟାରମ୍ୟାନ ହଲ୍‌ରେ 'ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ପରିପ୍ରେକ୍ଷୀରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନର ପ୍ରାସଙ୍ଗିକତା' ବିଷୟରେ ଗୁରୁତ୍ୱପୂର୍ଣ୍ଣ ସେମିନାର ଓ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶିଳ୍ପାୟନ ପବ୍ଲିଶର୍ସ ଏଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ପାର୍ଲିଆମେଣ୍ଟ ସଚିବ ଓ କମଳ ସନ୍ଦେଶ ପତ୍ରିକାର ସମ୍ପାଦକ ଶିବଶକ୍ତି ନାଥ ବକ୍ସି ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ । ସେ ନିଜ ଉଦ୍‌ବୋଧନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାଧ ମାନବବାଦକୁ ଭାରତୀୟ ଜୀବନ-ଦର୍ଶନର ଏକ ଗୁରୁତ୍ୱପୂର୍ଣ୍ଣ ଭାବଧାରା ବୋଲି କହିବା ସହିତ ଏହା ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ସମତାଳ ଉନ୍ନତିର ପଥ ପ୍ରଦର୍ଶନ କରେ ବୋଲି ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ମାଧବେନ୍ଦ୍ର ସିଂହ (ରାଷ୍ଟ୍ରୀୟ ସଂଗଠନ ପ୍ରଭାରୀ, ଅଭ୍ୟୁଦୟ ୟୁଥକ୍ଲବ୍) ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ନିଜ ବକ୍ତବ୍ୟରେ 'ଭାରତ' ଓ 'ଇଣ୍ଡିଆ' ମଧ୍ୟରେ ଥିବା ପାର୍ଥକ୍ୟକୁ ଉଲ୍ଲେଖ କରି ସମାଜର କିଛି ଗୁରୁତ୍ୱପୂର୍ଣ୍ଣ ସତ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଅବଧେଶ କୁମାର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଡ. ସୁନୀତି ମୁଣ୍ଡଙ୍କ ରଚିତ ଦୁଇଟି ପୁସ୍ତକର ଚିନ୍ତନଧାରା ଓ ସମକାଳୀନ ପ୍ରାସଙ୍ଗିକତାକୁ ଉଜାଗର କରିଥିଲେ । କାର୍ଯ୍ୟକ୍ରମରେ ଡ. ବିପିନ କୁମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସେ ଉଦ୍‌ବୋଧନରେ କହିଥିଲେ ଯେ ଡ ମୁଣ୍ଡଙ୍କ ପୁସ୍ତକଗୁଡ଼ିକ ବର୍ତ୍ତମାନ ସମୟର ସାମାଜିକ ଓ ଚିନ୍ତନମୂଳକ ଆଲୋଚନାକୁ ନୂତନ ଦିଗ ଦେବାରେ ସମର୍ଥ । ଏହି ଅବସରରେ ଲେଖକ ଡ.ମୁଣ୍ଡଙ୍କ ପୁସ୍ତକ'ଲୋକ ସରୋକାର' ଓ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ: ଜନନାୟକ'ର ଆନୁଷ୍ଠାନିକ ଲୋକାର୍ପଣ କରାଯାଇଥିଲା । ସେମିନାରରେ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ସାମ୍ବାଦିକ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ବିକ୍ରମାଦିତ୍ୟ ସିଂହ'ଦୁଇଟି ପୁସ୍ତକ ଲୋକାର୍ପଣସେମିନାର-ଅଭିଯାନ'ଭଳି ଏହି ସଂଯୁକ୍ତ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରି ନିଜ ମତ ରଖିଥିଲେ । କାର୍ଯ୍ୟକ୍ରମର ସଂଯୋଜନା କପିଳ ଭରଦ୍ୱାଜ (ଶିଳ୍ପାୟନ ପବ୍ଲିଶର୍ସ ଏଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ) କରିଥିଲେ ।ଶେଷରେ ବରିଷ୍ଠ ସୁପ୍ରିମକୋର୍ଟ ଆଇନଜୀବୀ ଭାରତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ରାଷ୍ଟ୍ରଗୀତ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା । କାର୍ଯ୍ୟକ୍ରମର ସଞ୍ଚାଳନ ସ୍ୱୟଂସେବକ ରାଜୀବ ଲୋଚନ ଓଝା କରିଥିଲେ ।



**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ**

# ୧୮୩୪ ମାମଲାର ଫଇସଲା

**ଭବାନୀପାଟଣା, ୧୪ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଶନିବାର ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ବିଭିନ୍ନ ଅଦାଲତରେ ୧୮୩୪ଟି ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪ କୋଟି ୨ ଲକ୍ଷ ୫୪ ହଜାର ୨୬୯.୨୯ ଟଙ୍କା ପ୍ରଦାନ କରାଯାଇଥିଲା । ତନ୍ମଧ୍ୟରୁ ୨୬ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨ କୋଟି ୩୮ ଲକ୍ଷ ୫୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ପାରିବାରିକ ବିବାଦ ଜନିତ ମକଦ୍ଦମା ୮ଟି ଫଇସଲା କରାଯାଇଥିଲା । ୨୮ଟି ଦେବାନି ମକଦ୍ଦମା ଫଇସଲା କରାଯାଇ ୭ ଲକ୍ଷ ୪୩ ହଜାର ୫୦୪ଟଙ୍କା ଆଦାୟ କରାଯାଇଥିଲା । ବିଚାର ଯୋଗ୍ୟ ୧୯୧ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇ ୧୧ ହଜାର ୧୫୦ ଟଙ୍କା ଆଦାୟ କରାଯାଇଥିଲା । ଏହାସହ ଏନ୍‌ଆଇ ଆକ୍ଟ ମାମଲା(୧୩୮) ୧୫ଟି ଫଇସଲା କରାଯାଇ ୬୫ ଲକ୍ଷ ୧୧ହଜାର ୫୬୭ଟଙ୍କା ଆଦାୟ କରାଯାଇଥିଲା । ରାଜସ୍ୱ ମକଦ୍ଦମା ୧୧୧୯ଟି ଫଇସଲା କରାଯାଇ୨ ଲକ୍ଷ ୧ ହଜାର ୭୩୪ଟଙ୍କାଆଦାୟକାରାଯାଇଥିଲା ।୪୪୬ଟି ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧ କୋଟି ୯ ଲକ୍ଷ ୨୨ ହଜାର ୩୧୪.୨୯ ଟଙ୍କା ଆଦାୟ କରାଯାଇଥିଲା । ଏହାସହ ଖାଉଟି ଅଦାଲତରେ ଗୋଟିଏ ମକଦ୍ଦମା ଫଇସଲା କରାଯାଇଥିଲା । ଏହି ଲୋକ ଅଦାଲତରେ ଜିଲ୍ଲାଜଜ୍ ତଥା ସଦସ୍ୟ ପ୍ରଥମ ମୋଟର ଯାନ ଦୁର୍ଘଟଣା ନ୍ୟାୟାଧୀକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ବରିଷ୍ଠ ଦେବାନୀ ଜଜ୍ ସୁଦିପ୍ତା ଦେହୁରି, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସ୍ନିଗ୍ଧା ପଣ୍ଡା ସମେତ ଅନ୍ୟାନ୍ୟ ମାଜିଷ୍ଟ୍ରେଟ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ ।ଲୋକ ଅଦାଲତରେ ଆଡହକ ଅତିରିକ୍ତ ଜିଲା ଜଜ୍ (ଏଫଟିଏସସି) ଓ ରେଜିଷ୍ଟ୍ରାର ସିଭିଲ କୋର୍ଟ ପ୍ରମୁଖ ଉପସ୍ଥିତ ଥିଲେ ।




# ୭କେଜି ଗଞ୍ଜେଇ ଜବତ, ୩ ଗିରଫ



**ଭବାନୀପାଟଣା, ୧୪ ।୩(ସମିସ):** ଚୋରା ଗଞ୍ଜେଇ କାରବାର ଘଟଣାରେ ଆଜି ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଓ ସହକାରୀ ଅଧୀକ୍ଷକ ସାଗରିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଧର୍ମଗଡ଼ ସହରର ବସ୍ତି ପଡ଼ାରେ ଚଢାଉ କରାଯାଇ ଗୁଣନିଧି ନାଏକଙ୍କ ଠାରୁ ୩କେଜି ଗଞ୍ଜେଇ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା । ସେହିପରି କୋକସରା ଥାନା ଅଧିନସ୍ଥ ପଲସାପଡ଼ା ଠାରେ ଚଢାଉ କରାଯାଇ ଭୁବନେଶ୍ୱର ମେହେର ଓ ଅରକ୍ଷିତ ମେହେରଙ୍କ ଠାରୁ ମୋଟ ୪କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା । ଧର୍ମଗଡ଼ ଅବକାରୀ ଥାନାରେ ଏନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।ଚଢାଉରେ ଧର୍ମଗଡ଼ ଅବକାରୀ ନିରୀକ୍ଷକ ଅରୁଣ କୁମାର ଯୋଶୀ, ଧର୍ମଗଡ଼ ଓଆଇସି ପ୍ରତିମା ବେହେରା, ଜୁନାଗଡ଼ ଓଆଇସି ଲକ୍ଷ୍ମୀ ପ୍ରିୟା ମଲ୍ଲିକ, ଜୟପାଟଣା ଓଆଇସି ସୁରେଶ ଭୋଇ, କୋକସରା ଓଆଇସି ଗୁପ୍ତେଶ୍ୱର ପଟେଲ ଓ ଅନ୍ୟମାନେ ସାମିଲ ଥିଲେ ।

# ଲଭ୍ ଡେଲ୍ ସ୍କୁଲର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧୪ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲଭ୍ ଡେଲ୍ ସ୍କୁଲର ବାର୍ଷିକ ଉତ୍ସବ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଛି । ମିନାକ୍ଷୀ ଫାଉଣ୍ଡେସନର ଅଧକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ଡ଼ ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ଓ ମିନାକ୍ଷୀ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶିକା ଅନ୍ୱେଷା ପି ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସ୍କୁଲର ପ୍ରିନ୍ସିପଲ୍ ଏଲିନା ପତି ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରୀ ସୌମ୍ୟା ସୁଚରିତା ରାୟଗୁରୁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳା ସ୍ନାତକରେ ଟପର୍ ଓ ସୋସିଓଲୋଜି ସ୍ନାତକୋତ୍ତର ଟପ୍ପର ଏବଂ ପୁରାତନ ଛାତ୍ର ଆର୍ଯ୍ୟାନ୍ ପଣ୍ଡା ବ୍ୟାଡମିଣ୍ଟନରେ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସେହିପରି ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ଶିକ୍ଷୟତ୍ରୀ ଭାବରେ ପ୍ରଜ୍ଞା ପରମିତା ରାୟଗୁରୁଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷୟତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରଜ୍ଞା ପରମିତା ରାୟଗୁରୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସ୍କୁଲର ଶିକ୍ଷୟିତ୍ରୀ ସସ୍ମିତା ନାୟକ, ଦିପାଞ୍ଜଳି ସାହୁ, ଶ୍ରୀୟାଶ୍ରୀ ପଟ୍ଟନାୟକ, ମାମୁନି ପଣ୍ଡା ଓ ସମସ୍ତ କର୍ମଚାରୀ ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।




**ଶିକ୍ଷକ ଅଭାବରେ ବିରିକୋଟ ସ୍କୁଲରେ ପରୀକ୍ଷା ବର୍ଜନ**

# ଆନ୍ଦୋଳନ ପରେ ଦୁଇ ଶିକ୍ଷକ ନିଯୁକ୍ତ

**ଥୁଆମୂଳରାମପୁର, ୧୪ ।୩(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ବିରିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ବର୍ଜନ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି । ଏହି ଘଟଣା ପ୍ରସାରଣ ହେବା ପରେ ସମସ୍ୟାର ସମାଧାନ ପାଇଁ ବ୍ଲକ ଶିକ୍ଷା ବିଭାଗକୁ ପ୍ରାୟ ଚାରି ଦିନ ସମୟ ଲାଗିଥିବା ଜଣାପଡ଼ିଛି ।ସୂଚନା ଅନୁସାରେ, ଗତ ୧୦ ତାରିଖରୁ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଥିଲା । କିନ୍ତୁ ପାଠ୍ୟପୁସ୍ତକର ଅନେକ ଅଧ୍ୟାୟ ପଢ଼ାଯାଇନଥିବା ଅଭିଯୋଗ କରି ଛାତ୍ରଛାତ୍ରୀମାନେ ପରୀକ୍ଷା ବର୍ଜନ କରିଥିଲେ । ଶିକ୍ଷକ ଅଭାବ ଯୋଗୁଁ ସମୟରେ ପାଠପଢ଼ା ସମ୍ପୂର୍ଣ୍ଣ ହୋଇନଥିବାରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି ।ଏହା ପରେ ପ୍ରାୟ ପାଞ୍ଚ ଦିନ ଧରି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉନଥିବା ସୂଚନା ମିଳିଛି । ଘଟଣାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେମାନଙ୍କ କହିବା ଅନୁସାରେ, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୫ ଜଣ ଛାତ୍ରଛାତ୍ରୀ ଥିବାବେଳେ ମାତ୍ର ଦୁଇ ଜଣ ଶିକ୍ଷକ ରହିଥିଲେ । ଫଳରେ ସଠିକ ଭାବେ ପାଠପଢ଼ା ହୋଇପାରୁନଥିଲା । ଏନେଇ ପୂର୍ବରୁ ଅନେକଥର ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଭିଭାବକମାନେ ନିଜ ସନ୍ତାନଙ୍କ ଭବିଷ୍ୟତ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଏହି ଘଟଣା ନେଇ ଗଣମାଧ୍ୟମରେ ପ୍ରକାଶିତ ହେବାର ୪ଦିନ ପରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମନ୍ତ ଦୁଇ ଜଣ ଶିକ୍ଷକଙ୍କୁ ସହିତ ବିଦ୍ୟାଳୟକୁ ପହଞ୍ଚିଥିଲେ । ତଥାପି ଗ୍ରାମବାସୀ ଅସ୍ଥାୟୀ ବ୍ୟବସ୍ଥା ପରିବର୍ତ୍ତେ ନିୟମିତ ଶିକ୍ଷକ ନିଯୁକ୍ତ କରିବାକୁ ଦାବି କରିଥିଲେ । ପରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟିର ଉପସ୍ଥିତିରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଶିକ୍ଷା ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ବର୍ତ୍ତମାନରୁ ବିଦ୍ୟାଳୟ ସାଧାରଣ ଭାବେ ଚାଲିବ ବୋଲି କୁହାଯାଇଛି ଏବଂ ଏଥିପାଇଁ ଗ୍ରାମବାସୀଙ୍କ ସହଯୋଗ ଆଶା କରାଯାଇଛି । ସ୍ଥାନୀୟ ଲୋକମାନେ ଆଶା କରୁଛନ୍ତି ଯେ, ଏହାପରେ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ ହେବ ଓ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ସମସ୍ୟାର ସମାଧାନ ହେବ ବୋଲି ମତ ପ୍ରକାଶ କରିଥିଲେ ।





# 'ଶିକାର'ର ଫାଷ୍ଟ ଲୁକ୍ ରିଲିଜ୍

ଅଭିନେତା ଅମ୍ଲାନ ପୁଣି ଥରେ ଫେରିଛନ୍ତି ବଡ଼ ପରଦାକୁ । ଏଥର ରଜରେ ମୁକ୍ତିଲାଭ କରିବ ତାଙ୍କ ଅଭିନୀତ ଓଡ଼ିଆ ସିନେମା 'ଶିକାର' । ନିକଟରେ ତାଙ୍କ ଜନ୍ମଦିନ ଅବସରରେ ଦର୍ଶକଙ୍କ ସାମ୍ନାକୁ ଆସିଛି ଏହାର ଫାଷ୍ଟ ଲୁକ୍ । ଯେଉଁଥିରେ ତାଙ୍କର ଲୁକ୍ ଆଉ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । ଦମଦାର ପ୍ରଚ୍ଛଦ ସଙ୍ଗୀତ ସାଙ୍ଗକୁ ଶବକୁ ଟାଣି ନେଉଥିବାର ଦୃଶ୍ୟ ଓ ତା' ସହିତ ଅମ୍ଲାନଙ୍କ ଭଏସ୍ ଯେମିତି ଶିହରଣ ସୃଷ୍ଟି କରିଛି । ନୂଆ ପିଢ଼ିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିବା ଏହି ସିନେମା ରଜ ବଜାରରେ ସଫଳ ହେବ ବୋଲି ଆଶା ରଖିଛି ପ୍ରଯୋଜନା ସଂସ୍ଥା । ଏହି ସିନେମାର ପ୍ରଯୋଜକ ସଚ୍ଚିକାନ୍ତ ଜେନା ରହିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ, କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ଗୀତଗୁଡ଼ିକକୁ କୋରିଓଗ୍ରାଫି କରିଛନ୍ତି ଅମିତ୍ ନାୟକ । ଅମ୍ଲାନଙ୍କ ସହ ପ୍ରମୁଖ ଭୂମିକାରେ ଏଲିନା, ସୁପ୍ରିୟା ଓ ଅଙ୍କିତ୍ ଅଭିନୟ କରିଛନ୍ତି । ■





ବଡ଼ ବଜେଟ୍ ଫିଲ୍ମ

# ମୋନଷ୍ଟର: ଦ ଅଲଟିମେଟ୍

ବଲିଉଡ୍ ଓ ଟଲିଉଡ୍ ଭଳି ବଡ଼ ବଜେଟ୍ ସିନେମାର ଆକର୍ଷଣକୁ ନଜରରେ ରଖି ଏବେ ଓଲିଉଡ୍ ମଧ୍ୟ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବା ପାଇଁ ପ୍ରସ୍ତୁତ ହେଉଛି । ଆକ୍ସନ୍ ଓ ନବୀନ ଟେକ୍ନୋଲୋଜିର ସମ୍ମିଶ୍ରଣରେ ୩ କୋଟି ଟଙ୍କାରୁ ଅଧିକ ବଜେଟ୍‌ରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ମୋନଷ୍ଟର: ଦ ଅଲଟିମେଟ୍' । ଏହି ସିନେମାର ବିଶେଷତା ହେଉଛି ଏଥିରେ ଆଧୁନିକ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମଥର ପାଇଁ ଓଡ଼ିଆ ସିନେମାରେ ଦର୍ଶକମାନେ ଦେଖିବେ ରୋବଟିକ୍ ଆର୍ମ ମେସିନ୍‌ର ବ୍ୟବହାର । ଯାହା ଓଲିଉଡ୍‌ରେ ଏକ ନୂଆ ପ୍ରୟୋଗ ଭାବେ ଦେଖାଯିବ । 'ଗୋପୀନାଥ ମୋସନ୍ ପିକଚର୍ସ' ନିବେଦିତ ଏହି ଆକ୍ସନ୍ ଫିଲ୍ମ ଦଶହରା ଅବସରରେ ଦର୍ଶକଙ୍କୁ ଏକ ନୂତନ ଚମତ୍କାରୀ ଅନୁଭବ ଦେବାକୁ ଯାଉଛି । ଓଡ଼ିଆ ସିନେମା "ଆଇ ଲଭ୍ ୟୁ-୨" ସଫଳତା ପରେ ଅଭିନେତା ଆଦିତ୍ୟ ଏହି ସିନେମା ମାଧ୍ୟମରେ ପୁଣିଥରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି । ଆଧୁନିକ ଟେକ୍ନୋଲୋଜି, ରୋମାଞ୍ଚକର ଆକ୍ସନ୍ ଏବଂ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମ ସିନେମାପ୍ରେମୀଙ୍କୁ ଏକ ନୂଆ ଅନୁଭବ ଦେବ ବୋଲି ଆଶା କରାଯାଉଛି । ■






# ପ୍ରେକ୍ଷାଳୟରେ 'ଚରକ'

'ଦ କେରଳ ଷ୍ଟୋରୀ'ର ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ ତାଙ୍କ ଆଗାମୀ ଲୋକକଥା ଆଧାରିତ ଥ୍ରିଲର୍ ସିନେମା 'ଚରକ: ଫେଥ୍ ଅଫ୍ ଫେଥ୍'ର ଟ୍ରେଲର୍ ଉନ୍ମୋଚନ କରିଛନ୍ତି । ଏହି ଚଳଚ୍ଚିତ୍ରରେ ସେ ପ୍ରଯୋଜକ ଭାବେ ଜଡ଼ିତ । ଏହି ଚଳଚ୍ଚିତ୍ରରେ ଅଞ୍ଜଳି ପାଟିଲ୍, ସାହିଦୁର ରହମାନ, ସୁବ୍ରତ ଦତ, ଶଶି ଭୂଷଣ, ନଳନୀଶ ନୀଳ, ଶଂଖଦୀପ ଓ ଶୌନକ ଶ୍ୟାମଲ ଅଭିନୟ କରିଛନ୍ତି । ଗ୍ରାମୀଣ ଭାରତରେ ଅନ୍ଧବିଶ୍ୱାସ ଓ ତାନ୍ତ୍ରିକ ପ୍ରଥାକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏହି କାହାଣୀ ଯଥାର୍ଥ ଘଟଣାରୁ ଅନୁପ୍ରାଣିତ ଏହି ନିର୍ମାଣ କରାଯାଇଛି । ଟ୍ରେଲର୍ ମୁକ୍ତି ଅବସରରେ ସେ 'ଚରକ' ଓ 'ଦ କେରଳ ଷ୍ଟୋରୀ' ସମ୍ପର୍କିତ ବିବାଦ ନେଇ ନିର୍ଦ୍ଦେଶକ ସେନ୍ ପ୍ରକାଶ କରିଥିଲେ । ତେବେ ଏହି ସିନେମାଟି ଚଳିତ ମାର୍ଚ୍ଚ ୬ ତାରିଖରେ ପ୍ରେକ୍ଷାଳୟରେ ରିଲିଜ ହୋଇଯାଇଛି । ଚଳଚ୍ଚିତ୍ରଟିକୁ ପେନ୍ ଷ୍ଟୁଡିଓଜ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଶିଲାଦିତ୍ୟ ମୌଳିକ ଏହାର ନିର୍ଦ୍ଦେଶନାରେ ଅଛନ୍ତି । ସେହିପରି 'ଚରକ'କୁ ସିଫି ଟି ସିନେମାସ୍ ଓ ସୁଦୀପ୍ତୋ ସେନ୍ ପ୍ରଡକ୍ସନ ସଂଯୁକ୍ତ ଭାବେ ପ୍ରଯୋଜନା କରିଛନ୍ତି । ଏଥିରେ ରାଜେଶ ଭଟ୍ ସହ-ପ୍ରଯୋଜକ ଭାବେ ସାମିଲ ଅଛନ୍ତି । ■

# ଏପ୍ରିଲ୍‌ରେ ଲାଇନ୍‌ବାଲା

ଏକ ସତ ଅନୁଭୂତିକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଲାଇନ୍‌ବାଲା' । ଜୀବନର ଖଟାମିଠା ଘଟଣାକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି । ସୁଶାନ୍ତ କୁମାର ମହାନ୍ତି ଏହାର କାହାଣୀ ରଚନା କରିବା ସହିତ ପ୍ରଯୋଜନା ମଧ୍ୟ କରିଛନ୍ତି । ଫିଲ୍ମଟିର ଟାଇଟଲ୍ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ । ସିନେମାର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ଏହାର ସଂଳାପ ରଚନା ଏବଂ ନିର୍ଦ୍ଦେଶନା ସମୟରେ କାହାଣୀକୁ କିପରି ଠିକ୍ ଭାବରେ ଦୃଶ୍ୟାୟିତ କରାଯାଇପାରିବ, ସେନେଇ ଯଥେଷ୍ଟ ଧ୍ୟାନ ଦେଇଛି ବୋଲି କହନ୍ତି ନିର୍ଦ୍ଦେଶକ । ଗୋଟିଏ ଗାଁର ଜଣେ ଖଳପ୍ରକୃତିର ଲୋକ ଲାଇନ୍‌ବାଲାଙ୍କୁ ସମସ୍ୟା ମୁହଁକୁ ଠେଲି ଦେଉଛି । ଏଭଳି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଶ୍ରୁମୋଚନ ମହାନ୍ତି । 'ଶ୍ରୀହରି ମୋସନ ପିକ୍ଚର୍ସ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ସୁଟିଂ ନିକଟରେ ଶେଷ ହୋଇଛି । ଏଥିରେ ସମ୍ବିତଙ୍କ ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ । ସିନେମାଟିରେ ଅନେକ ସାମାଜିକ ବାର୍ତ୍ତା ରହିଛି । ■

ପରଦା ପଛର କାହାଣୀ

# ଟ୍ରକ୍ ପଛରେ ଲେଖା ଧାଡ଼ିରୁ ଗୀତ ରଚନା



ଅଶି ନବେ ଦଶକରେ ବଲିଉଡ୍‌ର ଅନେକ ଗୀତ ସୁପରହିଟ୍ ହୋଇଥିଲା । ସେଭଳି ଗୀତକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି । ଦିନ ଥିଲା ଗୀତିକାରମାନେ ଗୋଟିଏ ଗୀତ ଲେଖିବା ପାଇଁ ଖୁବ୍ କଷ୍ଟ କରୁଥିଲେ । ଏହି କ୍ରମରେ ଏକ ଫିଲ୍ମ ଗୀତ ଥିଲା ଯାହା ଟ୍ରକ୍ ପଛରେ ଲେଖାଥିବା ଧାଡ଼ିରୁ ରଚନା କରାଯାଇଥିଲା । ଗୀତଟି ମଧ୍ୟ ସୁପରହିଟ୍ ହୋଇଥିଲା । ୧୯୮୯ ମସିହାରେ ମୁକ୍ତିଲାଭ କରିଥିଲା ରୋମାଣ୍ଟିକ ଚଳଚ୍ଚିତ୍ର 'ମୈନେ ପ୍ୟାର୍ କିୟା' । ଏଥିରେ ମୁଖ୍ୟ ଅଭିନେତା ଭାବେ ସଲ୍‌ମାନ୍ ଖାନ ଚମତ୍କାର ଅଭିନୟ କରିଥିଲେ । ଏହି ଫିଲ୍ମର ପ୍ରତିଟି ଗୀତ ଲୋକପ୍ରିୟ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା 'ଆଜ ଶାମ୍ ହୋନେ ଆୟି' । ପ୍ରସିଦ୍ଧ ସଙ୍ଗୀତକାର ରାମଲକ୍ଷ୍ମଣ ଥରେ ଗାଡ଼ିରେ କୌଣସି ସ୍ଥାନକୁ ଯାଉଥିଲେ । ସେହି ସମୟରେ ତାଙ୍କ ନଜର ଏକ ଟ୍ରକ୍ ଉପରେ ପଡ଼ିଥିଲା । ଏହି ଟ୍ରକ୍ ପଛରେ ଲେଖା ଥିଲା "ତୁ ଚଲ୍ ଆଇ, ମୈ ଆଇ..." । ଏହି ଧାଡ଼ିଟି ତାଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଏ ସଂପର୍କରେ ସେ ସିଧାସଳଖ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ସୁରଜ ବଡ଼ଜାତ୍ୟାଙ୍କୁ ଆଉ ଏକ ଗୀତ କରିବା ପାଇଁ କହିଥିଲେ । ଅବଶ୍ୟ ଏହା ପୂର୍ବରୁ ଫିଲ୍ମରେ ୯-୧୦ ଟି ଗୀତ ତିଆରି ହୋଇସାରିଥିଲା । ଏପରି ସ୍ଥଳେ ଆଉ ଏକ ଗୀତ ପାଇଁ ସ୍ଥାନ ନଥିଲା । ଏହାସତ୍ତ୍ୱେ ସେ ଆଉ ଏକ ଗୀତ ସେଟିଂ କରିବାକୁ କହିଥିଲେ । ଟ୍ରକ୍ ପଛରେ ଲେଖାଥିବା ଧାଡ଼ି ଅନୁସାରେ ସେ ଧୁନ୍ ତିଆରି କଲେ । ଏହାପରେ ଜୟଦେବ କୋହଲିଙ୍କ ପାଖକୁ ଯାଇଥିଲେ । ସେ ଏହା ଉପରେ ଗୀତ କରିଥିଲେ । ଅବଶ୍ୟ ପ୍ରଥମେ ଏହି ଗୀତରେ "ଆଜ୍ ରାତ୍ ହୋନେ ଆୟି ଥା..." ରହିଥିଲା । ପରବର୍ତ୍ତୀ ସମୟରେ ସୁରଜ ବଡ଼ଜାତ୍ୟାଙ୍କ ବାପା ଏହାକୁ "ଆଜ୍ ଶ୍ୟାମ୍ ହୋନେ ଆୟି..." କରିଥିଲେ । ଏହାପରେ ଏହି ଗୀତ ପ୍ରସ୍ତୁତ କରାଯାଇଥିଲା । ଏକ ସାକ୍ଷାତକାରରେ ସୁରଜ ଏ ସଂପର୍କରେ କହିଥିଲେ । "ଆଜ୍ ଶ୍ୟାମ୍ ହୋନେ ଆୟି..." ଗୀତରେ ଏସ୍.ପି. ବାଲାସୁବ୍ରମଣ୍ୟମ୍ ଏବଂ ଲତା ମଙ୍ଗେସ୍‌କର୍ କଣ୍ଠଦାନ କରିଥିଲେ । ଗୀତଟିରେ ସଲମାନ୍ ଖାନ୍ ଏବଂ ଭାଗ୍ୟଶ୍ରୀଙ୍କୁ ଦେଖିବାକୁ ମିଳିଥିଲା । ଫିଲ୍ମରେ ଏହି ଗୀତଟି ସୁପରହିଟ୍ ହୋଇଥିଲା । ■

ସାକ୍ଷାତକାର

ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକରେ ଅଭିନୟ କରୁଥିଲେ । ରାଜ୍ୟ ବାହାରେ ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେଉଥିଲେ । ଏହା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । 'ଅପରାଜିତା' ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏହା ପରେ ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ପ୍ରତିଭାବାନ କଳାକାର ହେଉଛନ୍ତି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗରର ଚିନ୍ମୟ କୁମାର ପଣ୍ଡା । 'ଆଶା', 'ସିନ୍ଦୂରର ଅଧିକାର' ଆଦି ଧାରାବାହିକରେ ସେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜୟ କରି ପାରିଛନ୍ତି । ଏବେ ସେ 'କେଦାର ଗୌରୀ' ଧାରାବାହିକରେ 'କେଦାର' ଭୂମିକାରେ ଅଭିନୟ କରୁଛନ୍ତି । ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ।

# "ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା କଳାକାରର ଧର୍ମ"

**ଚିନ୍ମୟ କୁମାର ପଣ୍ଡା, ଅଭିନେତା**



**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ୨୦୧୩-୧୪ ମସିହାରେ ନାଚ ଶିଖିବା ଆଶାରେ ଭୁବନେଶ୍ୱର ଆସିଥିଲି । ଏଠାକୁ ଆସି ସଙ୍ଗୀତ ମହାବିଦ୍ୟାଳୟ ବିଷୟରେ ଜାଣିଲି । ତେଣୁ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଥିଲି । ଯୁକ୍ତ ଦୁଇ, ସ୍ନାତକ ଏବଂ ସ୍ନାତକୋତ୍ତର ପଢ଼ା ସରିଲା । ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ମଞ୍ଚନାଟକରେ ଅଭିନୟ କରିଛି । ସୌଭାଗ୍ୟବଶତଃ ସୀତାରାମ ଅଗ୍ରୱାଲ ସାର୍ 'ସିଦ୍ଧାର୍ଥ ଟିଭି'ର 'ଅପରାଜିତା' ଧାରାବାହିକରେ 'ବିଷ୍ଣୁ' ଚରିତ୍ରରେ ଅଭିନୟ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ । ଏହା ପରେ ଧାରାବାହିକ 'ଆଶା'ରେ କାମ କଲି । ପରେ 'ସିନ୍ଦୂରର ଅଧିକାର'ରେ ନେଗେଟିଭ୍ ଚରିତ୍ରରେ ଅଭିନୟ କଲି ।

**ନାୟକରୁ ଖଳନାୟକ ଯାତ୍ରା କଠିନ ଥିଲା କି?**

● ଆଦୌ ନୁହେଁ । ନାୟକ ହେବାକୁ ଯେବେ ସୁଯୋଗ ମିଳିଥିଲା ନିଜକୁ ପ୍ରମାଣିତ କରିବାକୁ ଚାହିଁଥିଲି । 'ସିନ୍ଦୂରର ଅଧିକାର'ରେ ଖଳନାୟକ 'ରକି' ଭୂମିକାରେ ଅଭିନୟ କରିବା ବେଳେ ମୁଁ ମୋ ନିଜ ଚରିତ୍ରରୁ ବାହାରିଥିଲି । ନକାରାତ୍ମକ ଚରିତ୍ରରେ ଅଭିନୟ କରିବା ନିମନ୍ତେ ଖଳପ୍ରକୃତି ପାଇଁ କ'ଣ କ'ଣ ଆବଶ୍ୟକ ତାହାକୁ ମୁଣ୍ଡରେ ପୂରାଇଲି । ମୋ ମତରେ ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା ଜଣେ କଳାକାରର ଧର୍ମ ।

**କ୍ୟାମେରା ସାମ୍ନାରେ ପ୍ରଥମେ ଝୁଣ୍ଟି ଥିଲେ?**

● ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରାକୁ ପ୍ରଥମେ ସାମ୍ନା କରି ଟିକେ ଝୁଣ୍ଟି ଥିଲି । କାରଣ ମଞ୍ଚରେ ସଂଳାପ ପରିବେଷଣ ଶୈଳୀ ଭିନ୍ନ ଧରଣର ହୋଇଥାଏ । ତେବେ କ୍ୟାମେରା ସାମ୍ନାରେ ଆଖି, ଓଠ ଏବଂ ମୁହଁର ସମ୍ପୂର୍ଣ୍ଣ ଭାବ ମୁଖ୍ୟତଃ ଜରୁରି ହୋଇଥାଏ । ଲାଇଟ୍, କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହୁଏ ।

**'କେଦାର ଗୌରୀ'ର କେଦାର ଚରିତ୍ରକୁ ନେଇ କ'ଣ କହିବେ?**

● 'କେଦାର ଗୌରୀ' ଧାରାବାହିକରେ ମଣିଷ ଜୀବନରେ ଭକ୍ତି, ପ୍ରେମ ଓ ସଂଘର୍ଷର କେତେ ଗୁରୁତ୍ୱ ରହିଛି ତାହା ଦେଖିବାକୁ ମିଳୁଛି । ଏଥିରେ କେଦାର ସବୁ ପରିସ୍ଥିତିରେ ସାମଞ୍ଜସ୍ୟ ରକ୍ଷା କରି ଚାଲୁଛି । ଯେତେ ସମସ୍ୟା ଆସିଲେ ବି ସେ ତା' ସମାଧାନର ବାଟ ଖୋଜୁଛି । ଅବଶ୍ୟ ଏଥିପାଇଁ ଗୌରୀଙ୍କ ସାହାଯ୍ୟ ରହିଛି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ'ଣ କରନ୍ତି?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ଚତୁଃପାର୍ଶ୍ୱରେ ସମସ୍ତଙ୍କଠାରୁ କିଛି ନା କିଛି ଶିଖେ ।

**କେଉଁ ଚରିତ୍ରରେ ଅଭିନୟ କରି ଆପଣ ଅଧିକ ଦର୍ଶକଙ୍କ ସାଉଁଟିଛନ୍ତି?**

● 'ସିନ୍ଦୂରର ଅଧିକାର'ର ରକି ଚରିତ୍ର ମୋତେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି ।

**ସ୍ମରଣୀୟ ଅନୁଭୂତି?**

● 'ଅପରାଜିତା' ଧାରାବାହିକରେ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅଭିନୟ କରିବା ମୋ' ଜୀବନର ଏକ ସ୍ମରଣୀୟ ଅନୁଭୂତି ।

**ଆଗାମୀ ଯୋଜନା କ'ଣ ରହିଛି?**

● ଏବେ ତ ଧାରାବାହିକରେ କାମ ଚାଲିଛି । ଆଗକୁ ଯାତ୍ରା ମଞ୍ଚରେ କାମ କରିବାକୁ ଇଚ୍ଛା ରଖିଛି । ଏହା ଏମିତି ଏକ ପ୍ଲାଟଫର୍ମ ଯେଉଁଠି ଜଣେ କଳାକାରକୁ ତାର ଜୀବନ୍ତ ଅଭିନୟ ଦେଖାଇବାକୁ ସୁଯୋଗ ମିଳେ । ■

ସକାଳ THE SAKALA
www.sakalaepaper.com

### ଟି-୨୦ ଚାମ୍ପିଅନଙ୍କୁ ମିଳିବ ୧୩୧ କୋଟି, ଦ୍ରାବିଡ ଓ ବିନ୍ନିଙ୍କୁ ଲାଇଫ୍ ଟାଇମ୍ ଆୱାର୍ଡ

# ବିସିସିଆଇ ପୁରସ୍କାର ପ୍ରଦାନ ଉତ୍ସବ ଆଜି





ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ଭାରତୀୟ କ୍ରିକେଟର ଏକ ସଫଳ ବର୍ଷ ଶେଷ ହୋଇଛି। ଏହି ସିଜନରେ ବିସିସିଆଇ ଅଧିନରେ ଖେଳୁଥିବା ୫ଟି ଟିମ୍ ଆଇସିସି ଟାଇଟଲ ଏବଂ ବିଶ୍ୱକପ୍ ଚାମ୍ପିଅନ ହୋଇଛନ୍ତି। ଏମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ବିସିସିଆଇ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହା ଛଡ଼ା ଅନ୍ତର୍ଜାତୀୟ ଓ ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୁରୁଷ ଓ ମହିଳା ଖେଳାଳିଙ୍କୁ ମଧ୍ୟ ପୁରସସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କ୍ରିକେଟକୁ ଆଜୀବନ ଅବଦାନ ନିମନ୍ତେ ଚଳିତବର୍ଷ ୩ଜଣ ପୂର୍ବତନ କ୍ରିକେଟରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେମାନେ ହେଲେ ୧୯୮୩ ବିଶ୍ୱକପ୍ ଚାମ୍ପିଅନ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୋଜର ବିନ୍ନି, ଦ ୱାଲ ଭାବେ ପରିଚିତ ରାହୁଲ ଦ୍ରାବିଡ। ପୁରୁଷ ବିଭାଗରେ ଏମାନଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାର ଦିଆଯିବ। ମହିଳା ବିଭାଗରେ ଭାରତୀୟ କ୍ରିକେଟକୁ ଶ୍ରେଷ୍ଠ ଅବଦାନ ଦେଇଥିବା ମିତାଲି ରାଜଙ୍କୁ ମଧ୍ୟ ଆଜୀବନ ଅବଦାନ କାଟାଗୋରୀରେ ସମ୍ମାନିତ କରାଯିବ ବୋଲି ବିସିସିଆଇ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାଯାଇଛି। ଆସନ୍ତାକାଲି ବା ରବିବାର ନୂଆଦିଲ୍ଲୀର ଏକ ପଞ୍ଚତାରକା ହୋଟେଲରେ ବର୍ତ୍ତମାନ ଓ ପୂରାତନ ଖେଳାଳି, କର୍ମକର୍ତ୍ତା ଓ ବ୍ୟକ୍ତିଗତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଖେଳାଳିମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ ସହ ଆଇପିଏଲ୍ ପ୍ରସ୍ତୁତିରେ ଲାଗିପଡ଼ିବେ। ଚଳିତବର୍ଷର ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଣୁ ପୁରସ୍କାର ପାଉଥିବା ଖେଳାଳିମାନଙ୍କୁ ଅଧିକ ସଫଳତା ଲାଗି ଏହା ବେଶ ଉତ୍ସାହଜନକ ହେବ ବୋଲି ଆଶା କରାଯାଉଛି।

ଅନ୍ତର୍ଜାତୀୟ କ୍ରିକେଟରେ ୫ଟି ବିଶ୍ୱଟାଇଟଲ ଜିତିଥିବା ଭାରତୀୟ ଦଳଗୁଡ଼ିକୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନିକଟରେ ତୃତୀୟଥର ଲାଗି ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ପୁରୁଷ ଦଳକୁ ୧୩୧ କୋଟି ଟଙ୍କା ପୁରସ୍କାର ଦିଆଯିବ। ଏହା ମଧ୍ୟରୁ ୧୫ ଜଣ ଖେଳାଳିଙ୍କୁ ୯୦ କୋଟି ବା ପ୍ରତ୍ୟେକ ଖେଳାଳିଙ୍କୁ ୬କୋଟି ଲେଖାଏଁ ଟଙ୍କା ଦିଆଯିବ। ଅବଶିଷ୍ଟ ୪୧ କୋଟିଏ ବିଭିନ୍ନ କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅନ୍ୟମାନଙ୍କୁ ମିଳିବ। ଗତବର୍ଷ ନ୍ୟୁଜିଲାଣ୍ଡକୁ ହରାଇ ଭାରତର ପୁରୁଷ ଦଳ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଜିତିଥିଲା। ଏହି ଦଳକୁ ୫୮ କୋଟି ଟଙ୍କାର ପୁରସ୍କାର ଦିଆଯିବ। ଏହାପରେ ଘରୋଇ ମାଟିରେ ପ୍ରଥମଥର ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତର ମହିଳା ଦଳକୁ ୫୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏ ଥର ୧୯ ବର୍ଷରୁ କମ୍ ପୁରୁଷ ଓ ମହିଳା ଦଳ ଉଭୟ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଉଭୟ ଦଳକୁ ୭.୫ କୋଟି ଲେଖାଏଁ ଟଙ୍କା ପୁରସ୍କାର ଆକାରରେ ମିଳିବ ବୋଲି ଜଣାଯାଇଛି।

ଏହା ବ୍ୟତୀତ ଭାରତୀୟ କ୍ରିକେଟରୁ ଆଜୀବନ ଅବଦାନ ନିମନ୍ତେ ଏଥର ୨ଜଣ ପୁରୁଷ କ୍ରିକେଟର ରୋଜର ବିନ୍ନି ଓ ରାହୁଲ ଦ୍ରାବିଡ଼ଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାରରେ ସମ୍ମାନିତ କରାଯିବ। ମହିଳା ବିଭାଗରେ ଏହି ପୁରସ୍କାର ଲାଗି ମିତାଲି ରାଜଙ୍କୁ ମନୋନୀତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି କ୍ରମାଗତ ଦ୍ୱିତୀୟ ବର୍ଷ ଶୁବମନ ଗିଲ୍ ମନୋନୀତ ହୋଇଛନ୍ତି। ସେ ସମସ୍ତ ଫର୍ମାଟରେ ୪୯ ହାରରେ ୧୭୬୪ ରନ୍ କରିଛନ୍ତି। ଫର୍ମ ହରାଇବା କାରଣରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ଟି-୨୦ ଦଳରୁ ବାଦ୍ ଦିଆଯାଇଥିଲା। ମହିଳା ବିଭାଗରେ ସ୍ମୃତି ମନ୍ଧାନା ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ସେ ଏହି ପୁରସ୍କାର ତାଙ୍କ ଜୀବନକାଳରେ ୫ମଥର ଲାଗି ପାଇବାକୁ ମନୋନୀତ ହୋଇଛନ୍ତି। ଅର୍ନ୍ତଜାତୀୟ କ୍ରିକେଟରେ ଶ୍ରେଷ୍ଠ ଡେବ୍ୟୁଟାଣ୍ଟ ଖେଳାଳି ଭାବେ ପୁରୁଷ ବିଭାଗରେ ହର୍ଷିତ ରାଣା ଓ ମହିଳା ବିଭାଗରେ ଶ୍ରୀ ଚରଣି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

### ଚାମ୍ପିଅନ ଟିମ୍‌କୁ ପୁରସ୍କାର

| | | |
|---|---|---|
| ଟି-୨୦ ବିଶ୍ୱକପ୍ | : | ୧୩୧ କୋଟି |
| ଚାମ୍ପିଅନ୍ସ ଟ୍ରଫି | : | ୫୮ କୋଟି |
| ମହିଳା ଦିନିକିଆ ବିଶ୍ୱକପ | : | ୫୧ କୋଟି |
| ପୁରୁଷ ଅଣ୍ଡର ୧୯ ବିଶ୍ୱକପ୍ | : | ୭.୫ କୋଟି |
| ମହିଳା ଅଣ୍ଡର ୧୯ ବିଶ୍ୱକପ୍ | : | ୭.୫ କୋଟି |

### କାହାକୁ କେଉଁ ପୁରସ୍କାର

| | | |
|---|---|---|
| ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳି | : | ଶୁବମନ ଗିଲ୍ |
| ଶ୍ରେଷ୍ଠ ଅନ୍ତ. ମହିଳା ଖେଳାଳି | : | ସ୍ମୃତି ମନ୍ଧାନା |
| ଲାଇଫ ଟାଇମ୍ ଆୱାର୍ଡ-୧ | : | ରୋଜର ବିନ୍ନି |
| ଲାଇଫ ଟାଇମ୍ ଆୱାର୍ଡ-୨ | : | ରାହୁଲ ଦ୍ରାବିଡ଼ |
| ଲାଇଫ ଟାଇମ୍ ଆୱାର୍ଡ-୩ | : | ମିତାଲି ରାଜ |
| ଘରୋଇ କ୍ରିକେଟରେ ଶ୍ରେଷ୍ଠ | : | ଶେଫାଳି ବର୍ମା |
| ଘରୋଇ କ୍ରି. ଶ୍ରେଷ୍ଠ ଜୁନିଅର | : | ଇରା ଯାଦବ |
| ରଣଜୀ ଶ୍ରେଷ୍ଠ ଅଲରାଉଣ୍ଡର | : | ହର୍ଷ ଦୁବେ |
| ସୀମିତ ଓଭରରେ ଶ୍ରେଷ୍ଠ | : | ଆୟୁଷ ମାହତ୍ରେ |
| ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍ | : | ମୁମ୍ବଇ ସିସି |

## ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ

ଘରୋଇ ମହିଳା କ୍ରିକେଟର ବରିଷ୍ଠ ବିଭାଗରେ ହରିୟାଣାର ଶେଫାଳି ବର୍ମା ଓ କନିଷ୍ଠ ବିଭାଗରେ ଇରା ଯାଦବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ରଣଜୀ ଟ୍ରଫିରେ ବିଦର୍ଭର ହର୍ଷ ଦୁବେ ଓ ସୀମିତ ଓଭର କ୍ରିକେଟରେ ମୁମ୍ବଇର ଆୟୁଷ ମାହତ୍ରେ ଶ୍ରେଷ୍ଠ ଅଲରାଉଣ୍ଡର ବା ଲାଲା ଅମରନାଥ ପୁରସ୍କାର ପାଇବେ। ମୁମ୍ବଇ କ୍ରିକେଟ ଆସୋସିଏସନକୁ ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍ ଭାବେ ପୁରସ୍କୃତ କରାଯିବ। ଚଳିତ ସିଜନରେ ମୁମ୍ବଇ ୪ଟି ଟ୍ରଫି ଜିତିଥିଲାବେଳେ ଅନ୍ୟ ୨ଟିରେ ରନର୍ସ ଅପ୍ ହୋଇଥିଲା। ଏହା ଛଡ଼ା ବ୍ୟକ୍ତିଗତ ବିଭାଗରେ ଏକାଧିକ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି। ଆସନ୍ତାକାଲି ଖେଳାଳି ଓ କର୍ମକର୍ତ୍ତାମାନଙ୍କୁ ମିଳିତ ଭାବେ ୫୦୦ କୋଟି ଟଙ୍କାରୁ ଅଧିକ ପୁରସ୍କାର ଦିଆଯିବ ବୋଲି ଜଣାଯାଇଛି।



ବିବାହବନ୍ଧନରେ ଆବଦ୍ଧ ଭାରତୀୟ କ୍ରିକେଟ୍ ତାରକା କୁଲଦୀପ ଓ ବଂଶିକା

## ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର



ଗୌହାଟୀ,୧୪।୩(ଏଜେନ୍ସି): ଆସାମର ଯୁବ ଖେଳାଳି ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଗତକାଲି ସ୍ୱିଡେନରେ ଶେଷ ହୋଇଥିବା ୟଙ୍ଗ ଟ୍ୟାଲେଣ୍ଟସ ଟୁର୍ଣ୍ଣାମେଣ୍ଟରେ ମୟଙ୍କ ତୃତୀୟ ତଥା ଶେଷ ଜିଏମ୍ ନର୍ମ ହାସଲ କରିଥିଲେ। ଏହା ଫଳରେ ୧୬ ବର୍ଷୀୟ ମୟଙ୍କ ମଧ୍ୟ ଉତ୍ତରପୂର୍ବାଞ୍ଚଳର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଲାଭ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମୟଙ୍କଙ୍କୁ ୯ରାଉଣ୍ଡରୁ ୭ ପଏଣ୍ଟ ମିଳିଥିଲାବେଳେ ଗୋଟିଏ ରାଉଣ୍ଡ ପୂର୍ବରୁ ଉଭୟ ତୃତୀୟ ଜିଏମ୍ ନର୍ମ ଓ ଟୁର୍ଣ୍ଣାମେଣ୍ଟ ଟାଇଟଲ ଜିତିନେଇଥିଲେ। ଇଂଲଣ୍ଡର ଜୋନାଥ ୱିଲୋ ବି ରନର୍ସ ଅପ୍ ଓ ନରୱେର ଆକ୍‌ସେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଚାଇନିଜ୍ ଗ୍ରାଁ ପ୍ରି: ପୋଲ୍ ପୋଜିସନ୍‌ରେ କିମି ସର୍ବକନିଷ୍ଠ

ସାଙ୍ଘାଇ,୧୪।୩(ଏଜେନ୍ସି): ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ଶନିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ରେସ୍‌ରେ ପୋଲ ପୋଜିସନ ହାସଲ କରିଛନ୍ତି।



ଏହା ଫଳରେ ଫର୍ମୁଲା ୱାନ୍‌ରେ ପୋଲ ପୋଜିସନ ପାଇବାରେ ସେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଇଟାଲୀର ଏହି ଟିନ୍‌ଏଜ୍ ଡ୍ରାଇଭରଙ୍କୁ ଏବେ ୧୯ ବର୍ଷ। ପୂର୍ବରୁ ୨୧ ବର୍ଷରେ ଜର୍ମାନୀ ଡ୍ରାଇଭର ସେବାଷ୍ଟିଏନ ଭେଟେଲଙ୍କ ନାମରେ ଏହି ରେକର୍ଡ ରହିଥିଲା। ଆଜିର ରେସ୍‌ରେ ଆଣ୍ଟୋନେଲିଙ୍କ ଟିମ୍ ମେଟ ତଥା ମର୍ସିଡିଜ୍ ଡ୍ରାଇଭର ଜର୍ଜ ରସେଲ ଦ୍ୱିତୀୟ, ଫେରାରୀର ଲୁଇସ ହାମିଲଟନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରିରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ଗତ ଦୁଇଟି ରେସ୍‌ରେ ମର୍ସିଡିଜ୍ ପ୍ରାଧାନ୍ୟ ବିସ୍ତାର କରିଛି।

### ■ ଜେକେ ବୋଷ ଆନ୍ତଃଜୋନ୍ କ୍ରିକେଟ

## ପ୍ରଥମ ମ୍ୟାଚ୍‌ରେ ପୂର୍ବାଞ୍ଚଳ ପରାସ୍ତ

ଭୁବନେଶ୍ୱର,୧୪।୩(ସମିସ): ଦିଲ୍ଲୀ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଆନୁକୂଲ୍ୟରେ ଆଜିଠାରୁ କ୍ରୀଡ଼ା ସାମ୍ବାଦିକମାନଙ୍କୁ ନେଇ ଆରମ୍ଭ ହୋଇଛି ଜେକେ ବୋଷ୍ ଆନ୍ତଃଜୋନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ପୂର୍ବାଞ୍ଚଳ ତାହାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳ ନିକଟରୁ ୮ ୱିକେଟରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ଶିବ କ୍ରିଷ୍ଣା ୫ ରନ୍ ଦେଇ ୪ୱିକେଟ ନେଇଥିଲେ।



ଅନ୍ୟଏକ ମ୍ୟାଚ୍‌ରେ ଉତ୍ତରାଞ୍ଚଳ ୯ ୱିକେଟରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଛି। ଉତ୍ତରାଞ୍ଚଳର ରିଷଭ ସିଂ ୧୦୨ ରନ୍ କରିଥିଲେ। ଆସନ୍ତାକାଲି ଉତ୍ତରାଞ୍ଚଳ ସହ ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ସହ ପଶ୍ଚିମାଞ୍ଚଳର ମୁକାବିଲା ହେବ।

## ସେମି ଫାଇନାଲ୍‌ରେ ହାରିଲେ ଭାମ୍ବ୍ରୀ

ଇଣ୍ଡିଆନ୍ ୱେଲ୍ସ, ୧୪।୩ (ଏଜେନ୍ସି): ଭାରତର ୟୁକି ଭାମ୍ବ୍ରୀ ଓ ସ୍ୱିଡେନର ଆନ୍ଦ୍ରେ ଗୋରାନସନ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଓପନ ପୁରୁଷ ଡବଲ୍ସ ସେମିରେ ପରାଜିତ ହୋଇଛନ୍ତି। ପ୍ରଥମଥର କୌଣସି ଏକ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ଭାମ୍ବ୍ରୀ ସ୍ପେନ୍‌ର ମାର୍ସେଲୋ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲସଙ୍କ ଯୋଡିଠାରୁ ସିଧାସଳଖ ସେଟ୍‌ରେ ହାରିଯାଇଥିଲେ। ପରାଜୟ ପରେ ମଧ୍ୟ ଭାମ୍ବ୍ରୀ-ଗୋରାନସନ ଯୋଡି ସର୍ବଶେଷ ର୍‍ୟାଙ୍କିଙ୍ଗ୍‌ରେ ୧୪ ତମ ସ୍ଥାନକୁ ଉଠିବେ। ମହିଳା ବିଭାଗ ଫାଇନାଲରେ ଏଲିନା ରିବାକିନାଙ୍କ ସହ ଆରିନା ସାବାଲେଙ୍କାଙ୍କର ମୁକାବିଲା ହେବ। ଆଜି ଅନୁଷ୍ଠିତ ସେମିରେ ରିବାକିନା ୟୁକ୍ରେନ୍‌ର ଭିଟୋଲିନାଙ୍କୁ ହରାଇଥିଲେ।

### ■ ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ

## ଇଂଲଣ୍ଡ ଚାମ୍ପିଅନ, ଭାରତ ରନର୍ସଅପ୍

ହାଇଦ୍ରାବାଦ୍,୧୪।୩(ଏଜେନ୍ସି): ଆୟୋଜକ ଭାରତକୁ ହରାଇ ଇଂଲଣ୍ଡ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଜି ଏଠାରେ ଅନୁଷ୍ଠିତ ଫାଇନାଲ ଖେଳରେ ଇଂଲଣ୍ଡ ୨-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଗ୍ରେସ୍ ବାଲସଡନ ଓ ଏଲିଜାବେଥ୍ ନିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରୁ ଚାମ୍ପିଅନ ଇଂଲଣ୍ଡ, ରନର୍ସଅପ୍ ଭାରତ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍କଟଲାଣ୍ଡ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟିକା ସଲିମା ଟେଟେ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି। ମହିଳା ହକି ବିଶ୍ୱକପକୁ ଏଥର ନେଦରଲାଣ୍ଡସ ଓ ବେଲଜିୟମ ମିଳିତଭାବେ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୧୪ରୁ ୩୦ ତାରିଖ ଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ମହାଦେଶରୁ ୧୬ଟି ଦଳ ଅଂଶଗ୍ରହଣ କରିବେ।



## ୧୬ରୁ ବାଲେଶ୍ୱରରେ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

ବାଲେଶ୍ୱର,୧୪।୩ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୬ରୁ ୨୦ ପର୍ଯ୍ୟନ୍ତ ନୂଆପାଢ଼ୀ କ୍ୟାମ୍ପସରେ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ (ଏଆଇୟୁ) ଅଧୀନରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକ୍ୱୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ଆୟୋଜିତ ହେବାକୁ ଯାଉଛି। ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟରୁ ୧୫୯ଟି ବିଶ୍ୱବିଦ୍ୟାଳୟର ୯୩୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପାଇଁ ଶନିବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କର୍ତ୍ତୃପକ୍ଷ, କର୍ମଚାରୀ ଓ ଆୟୋଜକ ଉପସ୍ଥିତ ଥିଲେ।

## ଜାତୀୟ ଯୁବ ଭଲିବଲ୍ ଆଜିଠାରୁ

ଭୁବନେଶ୍ୱର, ୧୪।୩ (ସମିସ): କିଟ୍ ୟୁନିଭର୍ସିଟିଜ୍ ପରିସରରେ ଆସନ୍ତାକାଲିଠାରୁ ୨୬ତମ ଜାତୀୟ ଯୁବ ଭଲିବଲ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟ ଏକସଙ୍ଗେ ୬ଟି ଇନ୍‌ଡୋର କୋର୍ଟରେ ଖେଳାଯିବ। କିଟ୍ ପରିସରରେ ଥିବା ମଲ୍ଟିପର୍ପୋଜ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶା ଭଲିବଲ ସଂଘ ଓ କିଟ୍ ୟୁନିଭର୍ସିଟିଜ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଛି। ଏଥିରେ ୩୦ଟି ରାଜ୍ୟ ଓ ୨ଟ ସାଙ୍ଗଠନିକ ଟିମ୍‌ର ପୁରୁଷ ଓ ମହିଳା ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏଠାରେ ପୂର୍ବରୁ ୩ଥର ଜାତୀୟ ସିନିୟର ଭଲିବଲ ଚାମ୍ପିଅନସିପ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

## ଗୋଟିଏ ଦିନ ପରେ ଓସିଏ କ୍ଲବ୍ ଲିଗ୍ କ୍ରିକେଟ

ଭୁବନେଶ୍ୱର,୧୪।୩(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ସୋମବାର ମାର୍ଚ୍ଚ ୧୬ ତାରିଖରୁ ରାଜ୍ୟସ୍ତରୀୟ କ୍ଲବ୍ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଓସିଏ ସ୍ୱୀକୃତିପ୍ରାପ୍ତ ୨୦ଟି କ୍ଲବ୍ ଅଂଶଗ୍ରହଣ କରିବେ। ଏହି କ୍ଲବ୍ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ କ୍ଲବ୍ ସ୍ଥାନ ପାଇଛନ୍ତି ଓ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ।

### ଓଡ଼ିଶା ଷ୍ଟ୍ରିଣ୍ଟ ଆଥ୍‌ଲେଟିକ୍ସ ଆରମ୍ଭ

## ଲାଲୁପ୍ରସାଦ, ମୌସୁମୀ ଦ୍ରୁତତମ

ଭୁବନେଶ୍ୱର,୧୪।୩(ସମିସ): ଓଡ଼ିଶା ଷ୍ଟ୍ରିଣ୍ଟ ଆଥ୍‌ଲେଟିକ୍ସ କଟକର ରିଜର୍ଭ ପୁଲିସ୍ ଗ୍ରାଉଣ୍ଡରେ ଆଜି ଆରମ୍ଭ ହୋଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ବରିଷ୍ଠ ଓ ୨୦ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହା ମଧ୍ୟରୁ ପୁରୁଷ ବିଭାଗ ୧୦୦ ମିଟର ଦୌଡ଼ରେ କିଟ୍‌ର ଲାଲୁପ୍ରସାଦ ଭୋଇ ପ୍ରଥମ ଓ ଡିଏମ୍ ଜୟରାମ ଦ୍ୱିତୀୟ ହୋଇଥିଲେ। ପୁରୁଷ ୪୦୦ ମିଟର ଦୌଡ଼ରେ କଟକର ଆସ୍ତିକ ପ୍ରଧାନ ପ୍ରଥମ ଓ ବରଗଡ଼ର ମଳୟ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ୧୧୦ ମିଟର ବାଧା ଦୌଡ଼ରେ ବାଲେଶ୍ୱରର ସୋମନାଥ କର ପ୍ରଥମ ହୋଇଛନ୍ତି। ମହିଳା ୧୦୦ ମିଟର ଦୌଡ଼ରେ ବରଗଡ଼ର ମୌସୁମୀ ରୟ ଓ କଟକର ମନୀଷା ମେରେଲ, ୪୦୦ ମିଟର ଦୌଡ଼ରେ ଓଡ଼ିଶା ପୁଲିସ୍‌ର ସୁଖି ବାସ୍କେ ଓ କେନ୍ଦ୍ରାପଡ଼ାର ଦୀପ୍ତିରଞ୍ଜନ ସାହୁ, ୧୦୦ ମିଟର ବାଧାଦୌଡ଼ରେ ଓଡ଼ିଶା ପୁଲିସର ସବିତା ଟପ୍ପୋ ଓ କଟକର ଦୀପିକା ଦଳାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ବିଭାଗରେ କେନ୍ଦ୍ରାପଡ଼ାର ଶୁଭମ ପ୍ରକାଶ ସାହୁ, ୪୦୦ ମିଟର ଦୌଡ଼ରେ ଯାଜପୁରର ବାପି ହାଁସ୍‌ଦା, ୧୧୦ ମିଟର ବାଧାଦୌଡ଼ରେ କେନ୍ଦୁଝରର ବିଶ୍ୱଜିତ୍ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୨୦ ବର୍ଷରୁ କମ୍ ମହିଳା ବିଭାଗ ୧୦୦ ମିଟର ଦୌଡ଼ରେ ଜଗତସିଂହପୁରର ଶୁଭଶ୍ରୀ ପରିଡ଼ା, ୪୦୦ ମିଟର ଦୌଡ଼ରେ କଟକର ବାସନ୍ତୀ ମାଝୀ ଓ ୧୦୦ ମିଟର ବାଧାଦୌଡ଼ରେ ମୟୂରଭଞ୍ଜର ଡାଙ୍ଗୀ ମୁର୍ମୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।




### ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ

## ବୃହତ ବିଜୟ ସହ କ୍ୱାର୍ଟରରେ ପାଓନିୟର

ଭୁବନେଶ୍ୱର,୧୪।୩(ସମିସ): ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖିମଜୀ କପ୍ ମୁକ୍ତେଶ୍ୱର ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀର ପାଓନିୟର କ୍ଲବ ବୃହତ ୧୩୫ ରନରେ ଭୁବନେଶ୍ୱର ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ଟାଉନ୍ କ୍ଲବ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାଓନିୟର ନିର୍ଦ୍ଧାରିତ ୪୦ ଓଭରରେ ୨୩୬ ରନକରି ଆଉଟ ହୋଇଥିଲା। ଜବାବରେ ଟାଉନ୍ କ୍ଲବ ୨୨.୫ ଓଭରରେ ମାତ୍ର ୧୦୧ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ବିଜୟ ସହ ପାଓନିୟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟାଉନ୍ କ୍ଲବ ତରଫରୁ ସରୋଜ ପଣ୍ଡା ୨୮, ଦୀପକ ମାଝି ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାଓନିୟରର ମହେଶ ପ୍ରଧାନ ସର୍ବାଧିକ ୫ ଓ ଲାଲୁ ମହାନ୍ତି ୪ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପାଓନିୟର ତରଫରୁ ରାଜେଶ ବେହେରା ସର୍ବାଧିକ ୫୭, ସୌମ୍ୟ ବିଶ୍ୱାଳ ୪୯, ମହେଶ ପ୍ରଧାନ ୨୭, ବିଶାଳ ୨୪, ଅବଦୁଲ ଖାନ୍ ୨୨, ଦେବାଶିଷ ଦାଶ ୨୧ ରନ ସଂଗ୍ରହ କରିଥିଲେ। ବୋଲିଂ ଟାଉନ୍ କ୍ଲବ ତରଫରୁ ସୁମନ ମହାରଣା ସର୍ବାଧିକ ୩, ରାକେଶ ବାରିକ ଓ ରାକେଶ ବେହେରା ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ମହେଶ ପ୍ରଧାନ ୫ ୱିକେଟ ନେବା ସହ ୩୧ ବଲରୁ ୨୭ ରନ ସଂଗ୍ରହ କରି ଅଲରାଉଣ୍ଡ ପ୍ରଦର୍ଶନ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପ-ସଭାପତି ପ୍ରଦୋଶ ମହାନ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ମହେଶଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତାକାଲି ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ କିଶୋର ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS